

ବର୍ଷେ ପୂର୍ତ୍ତି ପାଇଁ ଭବ୍ୟ ଆୟୋଜନ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଶରଦ ପାୱାରଙ୍କୁ ମୋଦିଙ୍କ ଶୁଭେଚ୍ଛା | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୪ Vol. 21 No-254 13 DECEMBER 2024 FRIDAY BHUBANESWAR ଶୁକ୍ରବାର, ୧୩ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


### ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଚାଷୀଙ୍କ ଅଭିଯୋଗର ସମାଧାନ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨।୧୨(ଭାସ୍କର ନ୍ୟୁଜ): ନୂଆ ସରକାର ଗଠନର ଛଅ ମାସ ପୂରଣ ହେଉଛି। ଏହି ଅବସରରେ ସାଧାରଣ ଲୋକଙ୍କ ସରକାର, ଚାଷୀଭାଇଙ୍କ ସରକାର ଆଜି ରାଜ୍ୟର ଏକ ପ୍ରମୁଖ କାର୍ଯ୍ୟକ୍ରମ-୮୦୦ ଟଙ୍କା ଇନ୍‌ପୁଟ୍ ସହାୟତାରେ ଧାନ ସଂଗ୍ରହ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଗୁରୁବାର ଲୋକସେବା ଭବନରେ ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଏହି ଛଅ ମାସ ମଧ୍ୟରେ ଅନେକ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ସହିତ ଆହୁରି ଅନେକ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି। ପିଏମ୍ କିଷାନ ଓ ସିଏମ୍ କିଷାନ ସହିତ ୮୦୦ ଟଙ୍କା ଇନ୍‌ପୁଟ ସହାୟତାରେ ଧାନ କିଣା ବ୍ୟବସ୍ଥା। ଚାଷୀଙ୍କ ସଶକ୍ତିକରଣ ପରିସ୍ଥିତିରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ହେବା ଉଚିତ୍ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

- ୧୭ଲକ୍ଷରୁ ଅଧିକ ଚାଷୀ ହେବେ ଲାଭବାନ୍
- ମଣ୍ଡିରେ ଚାଷୀଙ୍କ ପାଇଁ ଖାଦ୍ୟ, ପାଣି ଓ ଟୟଲେଟ୍‌ର ବ୍ୟବସ୍ଥା
- ଦଲାଲଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ

କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ଏଣୁ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ବୈଠକର ଆଲୋଚନାରୁ ଜଣାଯାଇଥିଲା ଯେ ଡିସେମ୍ବର ୧୧ ତାରିଖ ସୁଦ୍ଧା ବରଗଡ, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ୯ଟି ଜିଲ୍ଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକଟନ୍? ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟଭାବେ ୩୨୩.୭୩ କୋଟି ଓ ଇନ୍‌ପୁଟ୍ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଉ ୪୮ ଘଣ୍ଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନ୍‌ପୁଟ ସହାୟତା ପ୍ରଦାନ କରାଯିବ। ସମୀକ୍ଷାରେ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇଥିବା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହିତ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସୋସାଇଟି ସ୍ତରୀୟ ଧାନ କିଣା କମିଟିଗୁଡିକୁ ଆହୁରି ସକ୍ରୀୟ କରିବା ପାଇଁ ସେ କହିଥିଲେ। ଚାଷୀମାନଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ। କଳାହାଣ୍ଡି ଜିଲ୍ଲାରେ ଚାଷୀମାନଙ୍କ ପାଇଁ ମଣ୍ଡି ନିକଟରେ କ୍ୟାଣ୍ଟିନ୍, ପାନୀୟ ଜଳ ଓ ଟଏଲେଟ୍‌ର ବ୍ୟବସ୍ଥା କରିଛନ୍ତି। ଅନ୍ୟ ଜିଲ୍ଲାମାନେ ମଧ

• ପୃଷ୍ଠା ୫ ଦେଖନ୍ତୁ

### ସୁରକ୍ଷା କର୍ମୀଙ୍କୁ ବଡ଼ଧରଣର ସଫଳତା

# ୭ ନକ୍ସଲ ନିହତ



ମାଲକାନଗିରି, ୧୨।୧୨(ଭାସ୍କର ନ୍ୟୁଜ): ମାଲକାନଗିରି ସମୀନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ସୁରକ୍ଷା କର୍ମୀଙ୍କୁ ଏକ ବଡ଼ଧରଣର ସଫଳତା ମିଳିଛି । ନକ୍ସଲ ଏବଂ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିବା ଫଳରେ ୭ଜଣ ନକ୍ସଲ ନିହତ ହୋଇଯାଇଛି । ଦାନ୍ତେୱାଡା ସୀମାନ୍ତ ନିକଟ ଅବୁଝମାଡ ଅର୍କା ବ୍ଲକ୍‌ର ରେକୱା ଓ ହିଟୁଲ ଜଙ୍ଗଲରେ ଏହି ଗୁଳିବିନିମୟ ଘଟିଛି । ବସ୍ତର ଆଇଜି ସୁନ୍ଦରରାଜ୍ ପି କହିଛନ୍ତି ଯେ, ଗୁରୁବାର ଭୋର ସମୟରେ ଜଙ୍ଗଲରେ ଏହି ଗୁଳିବିନିମୟ ଘଟିଥିଲା । ଅବୁଝମାଡ ଜଙ୍ଗଲରେ ୫୦ରୁ ୬୦ ନକ୍ସଲ ଏକ କ୍ୟାମ୍ପ କରି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଅପରେସନ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏଥିରେ ଡିଆରଜି, ଏସ୍‌ଟିଏଫ୍ ଏବଂ ସିଆରପିଏଫ୍ ମିଳିତ ଭାବେ ଅପରେସନ୍ ଆରମ୍ଭ କରିଥିଲେ । ଦାନ୍ତେୱାଡା ଏସ୍‌ପି ଗୌରବ ରାୟ କହିଛନ୍ତି ଯେ, ଇନ୍ଦ୍ରାବତୀ କ୍ଷେତ୍ର କମିଟିର ଏହି ନକ୍ସଲମାନେ କ୍ୟାମ୍ପ କରି ବଡ଼ଧରଣର ହିଂସା ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ । ଏହି ନକ୍ସଲମାନେ ଜଙ୍ଗଲରେ ଲୁଚି ରହିଥିଲେ । ସୁରକ୍ଷା କର୍ମୀଙ୍କୁ ଦେଖିବା ମାତ୍ରେ ନକ୍ସଲମାନେ ପ୍ରଥମେ ଗୁଳି ଚଳାଇଥିଲେ । ସୁରକ୍ଷା କର୍ମୀ ଏହାର ପାଲଟା ଜବାବ ଦେଇଥିଲେ । ଉଭୟପକ୍ଷ ମଧ୍ୟରେ ଦୀର୍ଘସମୟ ଧରି ଗୁଳିବିନିମୟ ଚାଲିଥିଲା । ସୁରକ୍ଷା କର୍ମୀ ୭ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ଏବେ ବି ସେଠାରେ ଅପରେସନ୍ ଚାଲୁ ରହିଛି ଓ ଘଟଣା ସ୍ଥଳକୁ ଅଧିକ ସଂଖ୍ୟକ ଫୋର୍ସ ପଠାଯାଇଛି । ସୂଚନାଯୋଗ୍ୟ ଯେ, ଛତିଶଗଡ଼କୁ ମାଓମୁକ୍ତ କରିବା ପାଇଁ ବିଷ୍ଣୁଦେବ ସାଏଙ୍କ ସରକାର ଅହରହ ଉଦ୍ୟମ ଜାରି ରଖିଛନ୍ତି । ଏପରିକି ୨୦୨୬ ସୁଦ୍ଧା ସାରାଦେଶକୁ ନକ୍ସଲମୁକ୍ତ କରାଯିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଘୋଷଣା କରିବା ପରେ ନକ୍ସଲ ପ୍ରଭାବିତ ରାଜ୍ୟଗୁଡ଼ିକର ସରକାରମାନେ ଏନେଇ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ, ଦେଶର ମହାରାଷ୍ଟ୍ର, ଆନ୍ଧ୍ର, ଛତିଶଗଡ଼, ଝାଡଖଣ୍ଡ ଓ ଓଡ଼ିଶାରେ ମାଓବାଦୀଙ୍କ ଦବ୍‌ଦବା ବେଶୀ ପରିମାଣରେ ଅନୁଭୂତ ହେଉଛି । ତେବେ ଓଡ଼ିଶାରେ ଯଦିଓ ସ୍ଥିତିରେ କିଛିଟା ଉନ୍ନତି ଘଟିଛି ତେବେ ଅନ୍ୟ ରାଜ୍ୟଗୁଡ଼ିକରେ ମାଓବାଦୀମାନେ ଆଡ୍ଡା ଜମାଇ ଗୋଟିଏ ଗୋଟିଏ ହିଂସାକାଣ୍ଡ ଭିଆଇବା ପାଇଁ ଯୋଜନା କରୁଛନ୍ତି । ଓଡ଼ିଶାରେ ଘନ ଘନ ସର୍ଚ୍ଚ ଅପରେସନ୍ ଚାଲୁ ରହିଥିବାରୁ ମାଓବାଦୀମାନେ ପଡୋଶୀ ରାଜ୍ୟ ଛତିଶଗଡ଼ ଓ ଆନ୍ଧ୍ରମୁହାଁ ହେଉଥିବା ଦେଖିବାକୁ ମିଳୁଛି । ଏପରିକି ଓଡ଼ିଶାର ନବନିଯୁକ୍ତି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଗସ୍ତ କରି ସ୍ଥିତିର ସମୀକ୍ଷା ମଧ କରୁଛନ୍ତି ।

### ମହାପ୍ରଭୁଙ୍କୁ ଦର୍ଶନ କଲେ ଆସାମ ମୁଖ୍ୟମନ୍ତ୍ରୀ

# ଅନୁପ୍ରବେଶକାରୀ ଦେଶ ପାଇଁ ସମସ୍ୟା



ପୁରୀ, ୧୨।୧୨(ଭାସ୍କର ନ୍ୟୁଜ): ମହାପ୍ରଭୁଙ୍କ ଦର୍ଶନ ସାନିଧ ନେଲେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା । ସରକାରଙ୍କ ଆଜିର ଦିନରେ ଠିକ୍ ୬ ମାସ ପୂରଣ କରିଥିବା ବେଳେ ମହାପ୍ରଭୁଙ୍କ ଦର୍ଶନ ସାନିଧ ନେବାର ସୌଭାଗ୍ୟ ମିଳିଛି ବୋଲି ସେ କହିଛନ୍ତି । ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପାଖରେ ଭାରତର ମଙ୍ଗଳ କାମନା କରିଛନ୍ତି । ବାଲାଂଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଭାରତରେ ହିଁ କେବଳ ଅଳ୍ପସଂଖ୍ୟକ ଅର୍ଥାତ୍ ମାଇନୋରିଟିଙ୍କୁ ସୁରକ୍ଷା ଦିଆଯାଏ । ପାକିସ୍ତାନ ବାଂଲାଦେଶ ବା ଅନ୍ୟ କୌଣସି ଦେଶ ସେମାନଙ୍କ ଚିନ୍ତା କରନ୍ତି ନାହିଁ । ପ୍ରଧାନମନ୍ତ୍ରୀ ନିଶ୍ଚିତ ଏହାର ଖୁବ୍‌ଶୀଘ୍ର କୁଟନୈତିକ ସମାଧାନ ବାହାର କରିବା ସହ ସବୁ ବାଂଲାଦେଶୀ ହିନ୍ଦୁଙ୍କ ସହ ଆମେ ଛିଡା ହୋଇଛୁ ବୋଲି କହିଛନ୍ତି। ବାଂଲାଦେଶ ପ୍ରସଙ୍ଗରେ ରାହୁଲ ଗାନ୍ଧୀ ଓ ବିରୋଧୀ ଚୁପ୍ ରହିଛନ୍ତି । ଏମାନେ ଭାରତରେ ଅସ୍ଥିରତା ଆଣିବା ସହ ହିନ୍ଦୁଙ୍କ ସପକ୍ଷରେ କେବେ ବି ନାହାନ୍ତି ବୋଲି ଟାର୍ଗେଟ କରିଛନ୍ତି । ୱାନ୍ ନେଶନ୍ ୱାନ୍ ଇଲେକ୍ସନକୁ ମଧ ସମ୍ପୂର୍ଣ୍ଣ ସମର୍ଥନ ରହିଛି ବୋଲି ସେ କହିଛନ୍ତି । ଅନ୍ୟପଟରେ କୋବିନ୍ଦ୍‌ଜିଙ୍କ ରିପୋର୍ଟକୁ ସ୍ୱୀକୃତି ମିଳିଲେ ୨୦୨୬ ରେ ଆସାମ ନିର୍ବାଚନ ହେଲେ ମଧ ପୁଣିଥରେ ୨୦୨୯ରେ ହେବ ।

• ପୃଷ୍ଠା ୫ ଦେଖନ୍ତୁ

### କମିଶନରେଟ ପୋଲିସର ଜରୁରିକାଳୀନ ପ୍ରଶମନ ସହାୟତା ଯାନ ଲୋକାର୍ପିତ

# ପୋଲିସ୍‌ର କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବ



- ଭୟମୁକ୍ତ ବାତାବରଣ ଓ ଅପରାଧମୁକ୍ତ ସମାଜର ପ୍ରତୀକ
- ୫ ହଜାର ଗୃହରକ୍ଷୀ ପଦବୀ ପୂରଣ ପାଇଁ ଘୋଷଣା
- ଗୃହରକ୍ଷୀଙ୍କ ଦୈନିକ ଭତ୍ତା ବୃଦ୍ଧି ପାଇଁ ନିଷ୍ପତ୍ତି

ଭୁବନେଶ୍ୱର, ୧୨।୧୨(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ପାଇଁ ଇଆରଏସ୍‌ଏସ୍ ଯୋଜନାରେ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର ଲୋକାର୍ପଣ କରିଛନ୍ତି। ଇଆରଏସ୍‌ଏସ୍ ଯୋଜନା ହେଉଛି ଏକ କେନ୍ଦ୍ର ସରକାରଙ୍କ ଯୋଜନା। ଦିଲ୍ଲୀର ନିର୍ଭୟା କାଣ୍ଡ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହାରେ ଜରୁରିକାଳୀନ ପରିସ୍ଥିତିରେ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ। ପୋଲିସ କମିଶନରେଟ କାର୍ଯ୍ୟାଳୟରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ୩୦ଟି ନୂଆ ଯାନ ପୋଲିସଙ୍କ କାର୍ଯ୍ୟ ଦକ୍ଷତାକୁ ସୁଦୃଢ କରିବ। ଏଗୁଡିକ ସାଧାରଣ ଗାଡି ନୁହେଁ। ଏଗୁଡିକ ହେଉଛି ଗୋଟିଏ ଗୋଟିଏ ସୁରକ୍ଷା ରଥ। ଏଗୁଡିକ ହେଉଛି ନ୍ୟାୟର, ଶୃଙ୍ଖଳାର, ଭୟମୁକ୍ତ ବାତାବରଣର ଓ ଅପରାଧମୁକ୍ତ ସମାଜର ପ୍ରତୀକ । ଏହି ଗାଡିଗୁଡିକ ଯେତିକି ଗଡିବ ଲୋକମାନେ ସେତିକ ନ୍ୟାୟ ପାଇବେ ଓ ସେମାନଙ୍କ ଆତ୍ମବିଶ୍ୱାସ ବଢିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ବାହିନୀକୁ ଆହୁରି ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ

• ପୃଷ୍ଠା ୫ ଦେଖନ୍ତୁ

### ଏକକ ନିର୍ବାଚନ ବିଲ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ

# ସଂସଦରେ ଉପସ୍ଥାପନ ପାଇଁ ପ୍ରସ୍ତୁତି



ନୂଆଦିଲ୍ଲୀ, ୧୨।୧୨: ଏକ ଦେଶ ଏକ ନିର୍ବାଚନ ବିଲ୍‌କୁ ଗୁରୁବାର କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ଦେଇଛି । ଆସନ୍ତା ସପ୍ତାହରେ ଏହି ବିଲ୍‌କୁ ସଂସଦରେ ଉପସ୍ଥାପନ କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏନେଇ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଛନ୍ତି । ଏଥିପୂର୍ବରୁ ବୁଧବାର କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଏକ ଦେଶ ଏକ ନିର୍ବାଚନ ପାଇଁ ଦାବି କରିଥିଲେ । ସେ କହିଥିଲେ ବାରମ୍ବାର ନିର୍ବାଚନ ହେଉଥିବାରୁ ଅର୍ଥହାନୀ ସହ ଦେଶର ପ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ହରିଆଣାର କୁରୁକ୍ଷେତ୍ରରେ ଆୟୋଜିତ ଅନ୍ତର୍ଜାତୀୟ ଗୀତା ମହୋତ୍ସବରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଦ୍ରୁତ ଗତିରେ ବିକାଶ ଆଡକୁ ବଢ଼ିଚାଲିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ଗୌରବମୟ, ସମୃଦ୍ଧ ତଥା ଶକ୍ତିଶାଳୀ ଭାରତ ନିର୍ମାଣ କରାଯାଉଛି । ଖୁବ୍‌ଶୀଘ୍ର ଭାରତ ବିଶ୍ୱଗୁରୁର ମାନ୍ୟତା ପାଇବ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ସେ କହିଥିଲେ । ସେ କହିଥିଲେ ଭାରତର ପ୍ରଗତି ଓ ବିକାଶରେ ଗୋଟିଏ ପ୍ରତିବନ୍ଧକ ରହିଛି ତାହା ହେଉଛି ଦେଶରେ ବାରମ୍ବାର ନିର୍ବାଚନ ହେବା । ଦେଶରେ ଅନ୍ୟ କିଛି ଘଟୁ କି ନ ଘଟୁ କିନ୍ତୁ ନିର୍ବାଚନ ପାଇଁ ପ୍ରସ୍ତୁତି ବର୍ଷସାରା ଜାରି ରହୁଛି । ଯେତେବେଳେ ଲୋକସଭା ନିର୍ବାଚନ ସମାପ୍ତ ହେଉଛି ତା ପରେ ବିଧାନସଭା ନିର୍ବାଚନ ଆସିଯାଉଛି । ନିକଟରେ ହରିଆଣା

• ପୃଷ୍ଠା ୫ ଦେଖନ୍ତୁ






କଟକ(ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ଧର୍ମଶାଳା ବିଧାୟକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ ମାମଲାରେ ଆଜି ହାଇକୋର୍ଟ ଦୁଇ ଜଣ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଆଗୁଆ ଜାମିନ ପ୍ରଦାନ କରିଛନ୍ତି । ଆକ୍ରମଣ ଘଟଣାରେ ଅଭିଯୁକ୍ତ ପରେଶ୍ କୁମାର ବିଶ୍ୱାଳ ଏବଂ ସନ୍ତୋଷ ମଲିକଙ୍କୁ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି । ନିକଟରେ ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ବିନୟ ଭୂଷଣ ପଟ୍ଟନାୟକଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଥିଲା । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବିନୟ ଭୂଷଣ ପଟ୍ଟନାୟକଙ୍କୁ ଗିରଫ କରାଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ । ଏଥିସହିତ ଏହି ମାମଲାରେ କେଶ୍ ଡାଏରୀ ଦାଖଲ କରିବାକୁ ହାଇକୋର୍ଟ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକଙ୍କୁ ଆକ୍ରମଣ ଘଟଣାରେ ବିନୟଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବାରୁ ସେ ଗିରଫଦାରୀ ଭୟ ଏଡାଇବାକୁ ଯାଇ ହାଇକୋର୍ଟରେ ସେ ଆଗୁଆ ଜାମିନ ଆବେଦନ କରିଥିଲେ । ଏଥିସହିତ ବିଚିତ୍ରପୁର ପଞ୍ଚାୟତର ସରପଞ୍ଚ ଦେବାଶିଷ ପଣ୍ଡାଙ୍କୁ ମଧ୍ୟ ହାଇକୋର୍ଟ ପୂର୍ବରୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି । ବିରଜା ହାଟକୁ ନେଇ ରାସ୍ତାରୋକ ହୋଇଥିବାବେଳେ ସେହିରାସ୍ତା ଦେଇ ଯାଉଥିବା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କୁ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ବିଧାୟକଙ୍କ ଗାଡିକୁ ଭଙ୍ଗାରୁଜା କରାଯାଇଥିଲା । ଏନେଇ ଯାଜପୁର ସଦର ଥାନାରେ ବିଧାୟକଙ୍କ ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ପୋଲିସ ତଦନ୍ତ କରି ୧୪ ଜଣଙ୍କୁ ଗିରଫ କରିଥିଲା ।

## କଳିଙ୍ଗ ଷ୍ଟାଡିଅମରେ ବ୍ୟାଡ୍‌ମିଣ୍ଟନ୍ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୁରୁବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତ ଗୋପୀଚନ୍ଦ ଓଡିଶା ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ଏବଂ ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ପୁଲେଲା ଗୋପୀଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ୭୭ ହଜାର ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ହୋଇଥିବା ଏହି ଇଣ୍ଡୋର ହାଇ ପରଫରମାନ୍ସ ସେଣ୍ଟରରେ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହିତ ୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡମିଣ୍ଟନ କୋର୍ଟ ରହିଛି । ଏଥିରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନର ସୁବିଧା କରାଯାଇଛି । ଏଥିସହିତ ଏହି ସେଣ୍ଟରରେ ୩୬ ଜଣ ଖେଳାଳୀ ରହିଲା ଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ମଧ୍ୟ ବିକଶିତ କରାଯାଇଛି । ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ସହିତ ଏହି ସେଂଟରଟିକୁ ବ୍ୟାଡମିଂଟନ ସଟଲକକ୍ ସଦୃଶ୍ୟ ନିର୍ମାଣ କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ପୁଲେଲା ଗୋପୀଚନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ ଏବଂ ଡାଲମିଆ ଭାରତ ଗ୍ରୁପର ସହଯୋଗରେ ଭୁବନେଶ୍ୱରରେ ଏହି ସେଣ୍ଟର ପ୍ରତିଷ୍ଠା ଦ୍ୱାରା ଓଡିଶାର ଯୁବ ବ୍ୟାଡମିଣ୍ଟନ ଖେଳାଳୀ ମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି ହେଲା । ଆମ ଦେଶର ଯୁବ ବ୍ୟାଡମିଣ୍ଟନ ଖେଳାଳୀ ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ । ସେମାନେ ସେମାନଙ୍କର ଅଦମ୍ୟ ପ୍ରଚେଷ୍ଟା ବଳରେ କ୍ରୀଡା କ୍ଷେତ୍ରରେ ବିଶ୍ୱ ମଞ୍ଚରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଦେଶକୁ ଗୌରବାନ୍ୱିତ କରିଛନ୍ତି । ଉଦ୍‌ଘାଟିତ ହୋଇଥିବା ଏହି ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟରରେ ଉତ୍ତମ ପ୍ରଶିକ୍ଷଣ ସହ ଖେଳାଳୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ରହିଛି । ଆଗାମୀ ଦିନରେ ବ୍ୟାଡମିଣ୍ଟନ ଜଗତରେ ଓଡିଶା ବିଶ୍ୱ ମଞ୍ଚରେ ଏହି ସେଣ୍ଟର ଜରିଆରେ ପରିଚିତ ହେବ ବୋଲି ସେ କହିଥିଲେ । ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଂଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା, ବିଶିଷ୍ଟ ବ୍ୟାଡମିଣ୍ଟନ ଖେଳାଳୀ ପଦ୍ମଭୂଷଣ ପୁଲେଲା ଗୋପୀଚନ୍ଦ ଏବଂ ଡାଲମିଆ ଭାରତ ଗ୍ରୁପର ସିଇଓ ପି.ୱାଇ ଡାଲମିଆ ଓ ଏମ୍.ଡି ଗୌତମ ଡାଲମିଆଙ୍କ ସହଯୋଗ ଓ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଂଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା କହିଥିଲେ ଯେ ଏହି ବ୍ୟାଡମିଂଟନ ହାଇ ପରଫରମାନ୍ସ ସେଣ୍ଟର କେବଳ ଭାରତବର୍ଷ ପାଇଁ ନୁହେଁ, ବିଶ୍ୱ କ୍ରୀଡା ଜଗତ ପାଇଁ ଏକ ଉଲ୍ଲେଖନୀୟ ମାଇଲ ଷ୍ଟୋନ । କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ । ଡାଲମିଆ ଭାରତ ଗ୍ରୁପର ସିଇଓ ପି.ୱାଇ ଡାଲମିଆ ମଧ୍ୟ ତାଙ୍କ ଅଭିଭାଷଣରେ ଓଡିଶାରେ କ୍ରୀଡାର ବିକାଶ ପାଇଁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂହ, ଭାରତ ଡାଲମିଆ ଗ୍ରୁପର ଏମ୍‌ଡି ଗୌତମ ଡାଲମିଆ ଏବଂ ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ ।

## ୧୬ରେ ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିସେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ଡିସେମ୍ବର ୧୬ ତାରିଖରେ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗତ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ । ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହେବ ଏବଂ ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଆବେଦନକାରୀ ସେମାନଙ୍କର ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା । ଏହି ଦିନ ପାଇଁ ଅନ୍ୟମାନଙ୍କୁ ପଞ୍ଜୀକରଣ ନ କରିବାକୁ ଅନୁରୋଧ କରାଯାଇଛି ।

## କମିସନରେଟ୍ ପୋଲିସ ହାତରେ ସାଇବର ଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କମିସନରେଟ ପୋଲିସ ହାତରେ ସାଇବର ଠକ । ପ୍ରେସ୍ଟିଜ ଆପାର୍ଟମେଣ୍ଟରେ ଖୋଲିଥିଲେ କଲ ସେଣ୍ଟର । ୪ଜଣଙ୍କୁ ହେପାଜତକୁ ନେଲା ପୋଲିସ । ସେମାନଙ୍କ ଠାରୁ ମୋବାଇଲ, ଲାପଟପ, ପାସପୋର୍ଟ, ବିପୁଳ ସିମ କାର୍ଡ ଜବତ ହୋଇଛି । ସମସ୍ତ ଅଭିଯୁକ୍ତ ଦିଲ୍ଲୀର ବୋଲି ଜଣାପଡିଛି ।

## ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ମହାପ୍ରସାଦର ଦରଦାମ ନିୟନ୍ତ୍ରଣ କରାଯିବ: ଆଇନ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ଶ୍ରୀମନ୍ଦିର ମହାପ୍ରସାଦର ଦରଦାମ ନିୟନ୍ତ୍ରଣ କରାଯିବ । ରେଟ୍ ଚାର୍ଟ କଥା ପୂର୍ବରୁ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା । ଏବେ ଶୁଦ୍ଧ ଘିଅ ବ୍ୟବହାର ପାଇଁ କୁହାଯିବା ପରେ ଯେଉଁ ଯେଉଁ ସମସ୍ୟା ହୋଇଛି, କିଭଳି ସେଥିରେ ସମତୁଲତା ଆସିବ ଓ ମହାପ୍ରସାଦ ଦର ଠିକ୍ ଠାକ୍ ରହିଲେ, ଭକ୍ତଙ୍କ ପାଇଁ ମହାପ୍ରସାଦ କିଣିବା ଓ ପାଇବା ସମସ୍ୟା ହେବନି, ସେ ବାବଦରେ ଗମ୍ଭୀରତାର ସହ ଚିନ୍ତା କରାଯାଉଛି ଓ ଖୁବ ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

O-850

Email- rd_nuapada@rediffmail.com

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA
*****************************************************************

BID IDENTIFICATION NO. RWNPD - 05 (Online) of 2024-25

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD / BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1.Name of the Work : Road works in the District of Nuapada as mentioned in DTCN

2. Total No of Works : 02 Nos.

3.Estimated Cost: : Rs. 18.91 to 44.12 lakhs

4.Period of Completion: : 01 (one) Calendar Month

5.Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD-05/ 2024-25 (Online) | 17.12.2024 at 10.00 AM | 31.12.2024 up to 5.00 PM | 30.12.2024 upto 05.00 PM | 01.01.2025 at 11.00 AM |

Further details can be seen from the website www.tendersodisha.gov.in

OIPR 25050/11/0005/2425

Executive Engineer
Rural Works Division, Nuapada

## କବିତା ସଂକଳନ 'ହାତ ବଢ଼େଇଲେ ଆକାଶ' ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବ୍ଲାକ୍ ଇଗଲ୍ ବୁକ୍ସ ପ୍ରକାଶନ ପକ୍ଷରୁ କବି ସଂଯୁକ୍ତା ନାୟକଙ୍କ ପ୍ରଥମ କବିତା ସଂକଳନ 'ହାତ ବଢ଼େଇଲେ ଆକାଶ'ର ଉନ୍ମୋଚନ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟ ସମାଲୋଚକ ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା ପ୍ରବୀଣା ମହାନ୍ତି, ଅନ୍ୟତମ ଅତିଥି ଭାବେ ବ୍ଲାକ୍ ଇଗଲ୍ ବୁକ୍ସର ପ୍ରତିନିଧି ଅଶୋକ ପରିଡ଼ା ଓ ପୁସ୍ତକର ସ୍ରଷ୍ଟା କବି ଶ୍ରୀମତୀ ନାୟକ ମଞ୍ଚାସୀନ ରହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ କଥାକାର ଗୌରହରି ଦାସ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶକୁନ୍ତଳା ବଳିୟାର ସିଂହ, ସରୋଜିନୀ ସାହୁ, ଗୋଲାପମଞ୍ଜରୀ କର, କନକମଞ୍ଜରୀ ସାହୁ, ରବି ସ୍ୱାଇଁ, ପରେଶ ପଟ୍ଟନାୟକ, ସହଦେବ ସାହୁ, ଚନ୍ଦ୍ରଶେଖର ହୋତା, ପବିତ୍ର ମୋହନ କର, ମହେନ୍ଦ୍ର ପ୍ରସାଦ, ଶୁଭଶ୍ରୀ ଲେଙ୍କା, ସଂଗ୍ରାମ ଜେନା, ବିଜୟାନନ୍ଦ ସିଂହ, ଯୁଗଳ ମିଶ୍ର, ସଂଘମିତ୍ରା ଭଞ୍ଜ, ଅରବିନ୍ଦ ରାୟ, ସୀତେଶ ତ୍ରିପାଠୀ ପ୍ରମୁଖ ସାହିତ୍ୟିକମାନେ ଉପସ୍ଥିତ ଥିଲେ ।

## 'ମାନବିକ ଅଧିକାରର ସଠିକ କାର୍ଯ୍ୟକାରିତା ଆଇନ୍‌ଜୀବୀଙ୍କ ଦାୟିତ୍ୱ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାନବିକ ଅଧିକାରର ସୁରକ୍ଷା ଦାୟିତ୍ୱ ଆଇନଜିବୀମାନେ ସଠିକ ଭାବରେ ପାଳନ କଲେ ଗଣତାନ୍ତ୍ରିକ ରାୟ ବ୍ୟବସ୍ଥାରେ ଆଇନର ଶାସନର ସୁଫଳ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିପାରେ ଏଥିପାଇଁ ମାଗଣାରେ ଆଇନ ସହାୟତା ବ୍ୟବସ୍ଥାର ଗୁଣାତ୍ମକ ମାନ ବୃଦ୍ଧି କରିବାର ଆବଶ୍ୟକତା ରହିଛି । ଯୁବଆଇନଜୀବିମାନଙ୍କୁ ବରିଷ୍ଠ ଆଇନଜିବୀମାନେ ପ୍ରେରଣା ଯୋଗାଇବାର ଆବଶ୍ୟକତା ରହିଛି ବୋଲି ଉଚ୍ଚନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ସଙ୍ଗମ କୁମାର ସାହୁ ମତ ଦେଇଛନ୍ତି । ଓଡିଶା ରାଜ୍ୟ ଆଇନଜୀବୀ ପରିଷଦରେ ଆୟୋଜିତ ମାନବିକ ଅଧିକାର ଦିବସ ପାଳନ ଅବସରରେ ନ୍ୟାୟମୂର୍ତ୍ତି ଶ୍ରୀ ସାହୁ ଆଇନଜୀବୀମାନେ ନ୍ୟାୟପାଳିକାର ବିଶ୍ୱସନିୟତାକୁ ବୃଦ୍ଧି କରିବାଲାଗି ମାନବଅଧିକାର ସମ୍ବନ୍ଧିତ ମକଦ୍ଦମାକୁ ସଠିକ ଭାବେ ତୁଲାଇବାକୁ ଅହ୍ୱାନ ଦେଇଛନ୍ତି । ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୧୯୪୮ ମସିହା ୧୦ ତାରିଖରେ ସାର୍ବଜନୀନ ମାନବଅଧିକାର ଘୋଷଣା ନାମା ଗୃହୀତ ହେବା ପରିପ୍ରେକ୍ଷିରେ ସମଗ୍ର ପୃଥିବୀରେ ଡିସେମ୍ବର ୧୦ ତାରିଖକୁ ବିଶ୍ୱମାନବ ଅଧିକାର ଦିବସ ରୂପେ ପାଳନ କରାଯାଇ ଆସୁଛି । ଏହି ଉପଲକ୍ଷେ ରାଜ୍ୟ ଆଇନଜୀବୀ ପରିଷଦ ତରଫରୁ ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅପରାହ୍ନ ୫ ଘଟିକା ୩୦ ମିନିଟ ସମୟରେ ବିଶ୍ୱମାନବ ଅଧିକାର ଦିବସ ପାଳନ ନିମନ୍ତେ ଏକ ସଭା କାର୍ଯ୍ୟର ଆୟୋଜନ କରାଯାଇଥିଲା । ଆଇନଜୀବୀ ପରିଷଦ ପ୍ରାଙ୍ଗଣରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରାଯାଇଥିଲା ଏବଂ ମଞ୍ଚାସୀନ ଅତିଥିମାନେ ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମାଲ୍ୟାପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ବିଶ୍ୱମାନବ ଅଧିକାର ପାଳନ ଅବଶରରେ ମିଳିତ ଜାତିସଂଘର ଘୋଷଣା ସଂକ୍ରାନ୍ତରେ ଏକ ବିଷୟ ବସ୍ତୁ ଉପରେ ଅଲୋଚନା କରାଯାଏ । ଆଇନଜିବୀ ପରିଷଦ ତରଫରୁ କରାଯାଇଥିବା ଆଲୋଚନାର ବିଷୟ ବସ୍ତୁ ଥିଲା 'ନ୍ୟାୟିକ ସହାୟତା ଏବଂ ଆଇନଜିବୀମାନଙ୍କର ଭୂମିକା' । ସଭ୍ୟ ବିଭୁପ୍ରସାଦ ତ୍ରିପାଠି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭ୍ୟ ସୌର ଚନ୍ଦ୍ର ମହାପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ । ଉକ୍ତ ସଭାକାର୍ଯ୍ୟରେ ନ୍ୟାୟମୂର୍ତ୍ତି ସଙ୍ଗମ କୁମାର ସାହୁ, ଭି. ନରସିଂହ ଯଥାକ୍ରମେ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥିରୂପେ ଯୋଗଦାନ କରିଥିଲେ । ମାନ୍ୟବର ନ୍ୟାୟମୂର୍ତ୍ତି ଶିବ ଶଙ୍କର ମିଶ୍ର ମୁଖ୍ୟ ବକ୍ତା ଭାବରେ ନ୍ୟାୟିକ ସହାୟତା ଏବଂ ଆଇନଜୀବୀମାନଙ୍କ ଭୂମିକା ଉପରେ ସୁଚିନ୍ତିତ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । ସଦସ୍ୟ ଅରୂପା ନନ୍ଦ ଦାସ ଅଭିଭାଷଣ ପ୍ରଦାନ କରିଥିଲେ । ମଞ୍ଚାସିନ ଉପାଧ୍ୟକ୍ଷ ରାଜିବ କୁମାର ମହାନ୍ତି, ସଦସ୍ୟ ବିଭୁପ୍ରସାଦ ଦାସ ସଭା କାର୍ଯ୍ୟ ସଂଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧

CAD-1867

ପତ୍ର ସଂଖ୍ୟା 34084 ଭୁ.ଉ.କ., ଭୁବନେଶ୍ୱର ତା 05.12.2024 ରିଖ
KNH-151/93

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ପ୍ଲଟେଡ୍ ଡେଭେଲପ୍‌ମେଣ୍ଟ ସ୍କିମ୍, ଘାଟିକିଆ, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. କେ-୮/୧୧୮୭ କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୬୫୯/AL ତା-୨୩.୦୮.୨୦୦୩ ରିଖ ଅନୁଯାୟୀ ଶ୍ରୀମତୀ ଅନିତା ରାଉତ, ସ୍ୱାମୀ - ବିମ୍ବାଧର ରାଉତ, ଭଞ୍ଜ ଲେନ୍, ବାଦାମବାଡ଼ି, ଥାନା -ଚନ୍ଦ୍ରଶେଖରପୁର, ଅରୁଣୋଦୟ ମାର୍କେଟ୍, ଜିଲ୍ଲା - କଟକ ଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଅନିତା ରାଉତ ଗତ ତା- ୨୧.୦୨.୨୦୨୪ ରିଖ ରେ ମୃତ୍ୟୁବରଣ କରିଅଛନ୍ତି ( Death certificate No-୪୧୫୩ Dated. ୦୧.୦୩.୨୦୨୪ Legal heir certificate No- E-LHC/2024/75555) ବର୍ତ୍ତମାନ (୧) ବିମ୍ବାଧର ରାଉତ (ସ୍ୱାମୀ ) (୨) ଅଭିଳାଷ ରାଉତ (ପୁଅ) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଛନ୍ତି ।

ଏଣୁ ଉକ୍ତ ପ୍ଲଟ ର ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟ ରେ ନିମ୍ନ ସ୍ୱାକ୍ଷରକାରୀ ଙ୍କୁ ଲିଖିତ ଭାବେ ଜଣାଇବେ ତତପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣା ଯିବ ନାହିଁ ଏବଂ ଉକ୍ତ ଗୃହ ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ଆବଣ୍ଟନ ଅଧିକାରୀ -୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର

OIPR 13033/11/0199/2425



ଖ୍ୟାତନାମା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ପି.ଗୋପିଚାନ୍ଦ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ବ୍ୟାଡମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର ପାଇଁ ବଧାଇ ଜଣାଇଛନ୍ତି ।

## ବ୍ୟାଡ୍‌ମିଣ୍ଟନ୍ ହାଇ ପରଫର୍ମାନ୍ସ ସେଣ୍ଟର ନବୀନଙ୍କ ବିକାଶ ମୂଳକ କାମର ଜ୍ୱଳନ୍ତ ଉଦାହରଣ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିଅମ ପରିସରରେ ଗୁରୁବାର ବ୍ୟାଡ୍‌ମିଣ୍ଟନର ଏକ ହାଇ ପରଫର୍ମାନ୍ସ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି । ବିଜୁ ଜନତା ଦଳ ତରଫରୁ ଦଳର ମୁଖପାତ୍ର ଓ ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି, ଓଡ଼ିଶାର କ୍ରୀଡା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିଆ ଯାଇଥିବା ପଦକ୍ଷେପ ଯୋଗୁ ଓଡିଶା ଦେଶର କ୍ରୀଡା ହବ ଭାବେ ପରିଚୟ ସୃଷ୍ଟି କରି ପାରିଛି । ନବୀନଙ୍କ ଶାସନ କାଳରେ କ୍ରୀଡା ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ହୋଇଥିବା ଅନେକ ବିଶ୍ୱସ୍ତରୀୟ ଭିତ୍ତିଭୂମି ମଧ୍ୟରୁ ଆଜି ଉଦଘାଟିତ ହୋଇଥିବା ହାଇ ପରଫର୍ମାନ୍ସ ସେଣ୍ଟର ଅନ୍ୟତମ । ଡ଼ଃ ମହାନ୍ତି କହିଥିଲେ, ଓଡ଼ିଶାରେ କ୍ରୀଡା ଭିତ୍ତିଭୂମି ନିର୍ମାଣ ହେଉ ବା ଆନ୍ତର୍ଜାତୀୟ ସ୍ତରର କ୍ରୀଡା ପ୍ରତିଯୋଗିତା ଆୟୋଜନ କରିବା କ୍ଷେତ୍ରରେ ହେଉ, ନବୀନ ସରକାରଙ୍କ କାର୍ଯ୍ୟ ସଦା ସ୍ମରଣୀୟ ହୋଇ ରହିବ । ନବୀନ ସରକାରଙ୍କ ୨୪ ବର୍ଷର ଶାସନ କାଳରେ ଓଡ଼ିଶାରେ କୌଣସି ବିକାଶ ହୋଇନାହିଁ ବୋଲି ଚିତ୍କାର କରି ଆସୁଥିବା ବିଜେପିର ଦୁଇ ମୁଖ୍ୟମନ୍ତ୍ରୀ ଆଜି ନିଶ୍ଚିତ ଭାବେ ନବୀନଙ୍କ ବିକାଶମୂଳକ କାର୍ଯ୍ୟର ଝଲକ ପାଇଥିବେ । ଜଣେ ପ୍ରତୀପକ୍ଷ ଦଳର ବ୍ୟକ୍ତି ଭାବେ ଏ କଥାକୁ ଖୋଲାଖୋଲି ଭାବେ ସ୍ୱୀକାର କରି ପାରୁ ନଥିଲେ ମଧ୍ୟ ନିଜ ମନ ଭିତରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିବେ ବୋଲି ଡ଼ଃ ମହାନ୍ତି କହିଛନ୍ତି ।

i-358

**"e" Procurement Notice for Building Works**

| Sl no | Name of the work | Estimated cost in Lakh | Class of contractor | Bid Identification No | Period for completion |
|---|---|---|---|---|---|
| 1 | Construction of Office building and 50MT Godown in PACs/LAMPCS at Bhanranijigarh in Deulidharapur G.P under Balipatna Block. | 23.29 | C & equivalent | 05/BPS/2024-25 | 3 months |
| 2 | Construction of Office building and 50MT Godown in PACs/LAMPCS at Narda under Balipatna Block. | 23.29 | C & equivalent | 06/BPS/2024-25 | 3 months |
| 3 | Construction of Office building and 50MT Godown in PACs/LAMPCS at Rajas under Balipatna Block. | 23.29 | C & equivalent | 07/BPS/2024-25 | 3 months |
| 4 | Construction of Office building and 50MT Godown in PACs/LAMPCS at Bhairpur in Alisisasn G.P under Balipatna Block. | 23.29 | C & equivalent | 08/BPS/2024-25 | 3 months |
| 5 | Construction of Office building and 50MT Godown in PACs/LAMPCS at Nischitpur in Kurunjipur G.P under Balipatna Block. | 23.29 | C & equivalent | 09/BPS/2024-25 | 3 months |

1. Availability of Tender
   Online for bidding : Dt.13.12.2024 from 03.00 P.M to dt.27.12.2024 at 5.00 PM
2. Last date & time of seeking
   Tender clarification : Dt.24.12.2024 at 5.00 PM
3. Date & time of opening of
   Tender : Dt. 30.12.2024 at 11 AM

Further details can be seen from the website www.tendrodisha.gov.in

Sd-/
Block Development Officer
Balipatna

OIPR 19303/11/0003/2425

## ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନର ସ୍ୱନକ୍ଷତ୍ର ଦିବସ ପାଳିତ

# ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଜାରି ରହୁ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖୁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆ ଆହ୍ୱାନ ଦେଇଛନ୍ତି । ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ 'ପରିବର୍ତ୍ତିତ ପରିସ୍ଥିତିରେ ହାତୀ ସଂରକ୍ଷଣ ଆହ୍ୱାନପୂର୍ଣ୍ଣ' ଶୀର୍ଷକ କର୍ମଶାଳକ୍ଷରେ ଆଜି ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଯୋଗଦେଇ କହିଲେ ଯେ ହାତୀଙ୍କ ସୁରକ୍ଷା, ନିରାପତ୍ତା ଓ ସଂରକ୍ଷଣ ନିମିତ୍ତ ବନ ବିଭାଗକୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଷ୍ଠା କରାଯାଇଥିଲା । ବନ୍ୟପ୍ରାଣୀ ବିଶେଷ କରି ହାତୀ ଓ ମଣିଷ ଦୀର୍ଘ ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ରହିଆସୁଥିଲେ । ଅତୀତରେ ହାତୀପଲ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଂଚଳକୁ ଅମଳ ସମୟରେ କାଁ ଭାଁ ଆସି ଶସ୍ୟ ଖାଇ ବଣକୁ ଚାଲିଯାଉଥିଲେ । କିନ୍ତୁ ଆଜି ସ୍ଥିତି ବଦଳିଯାଇଛି । ସମୟକ୍ରମେ ବଢୁଥିବା ଜନସଂଖ୍ୟାର ବିପୁଳ ଆବଶ୍ୟକତା ଥିବାରୁ ବନ୍ୟଜନ୍ତୁଙ୍କ ବାସସ୍ଥାନ ସମେତ ଜଙ୍ଗଲ ସମ୍ପଦର ଚାହିଦା ଉଦବେଗଜନକ ଭାବେ ବୃଦ୍ଧି ପାଇଛି । ବିଗତ ୧୨ ବର୍ଷରେ ରାଜ୍ୟରେ ୧ ହଜାରରୁ ଅଧିକ ହାତୀ ମରିଛନ୍ତି ଓ ହାତୀ ୧୫ ଶହରୁ ଅଧିକ ମଣିଷଙ୍କ ଜୀବନ ନେଇଛନ୍ତି । ଫସଲ ଓ ଘର କ୍ଷୟକ୍ଷତି ମଧ୍ୟ ଅନେକ ଗୁଣ ବୃଦ୍ଧି ପାଇଛି । ଆମ ରାଜ୍ୟ ଓଡ଼ିଶା ସହିତ ଏହାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର କେତେକ ଅଞ୍ଚଳରେ ଏହି ପ୍ରୟାସ ଜାରି ରହି ଥିବାରୁ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଧନ୍ୟବାଦର ପାତ୍ର । ପ୍ରତିବର୍ଷ ଏହି ସଂସ୍ଥା ହାତୀ ସମସ୍ୟାର ସ୍ଥିତି ଓ ସମାଧାନ ପାଇଁ ଏକ ରାଜ୍ୟସ୍ତରୀୟ ଚିନ୍ତନ ଶିବିର ଆୟୋଜନ କରିବା ମଧ୍ୟ ଅତ୍ୟନ୍ତ ଉପଯୋଗୀ ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ମତପ୍ରକାଶ କରିଥିଲେ । ସେଭ୍ ଏଲିଫାଂଟ ଫାଉଣ୍ଡେସନ ପକ୍ଷରୁ ଏକ ପ୍ରାମାଣିକ ଫିଲ୍ମ ପ୍ରଦର୍ଶିତ ହୋଇଥିଲା । ମ୍ୟାନେଜିଙ୍ଗ ଟ୍ରଷ୍ଟି ଜିତଶତ୍ରୁ ମହାନ୍ତି ପ୍ରାମାଣିକ ଚଳଚିତ୍ର ଉପରେ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ମୁଖ୍ୟ ବନ ସଂରକ୍ଷକ ତଥା ନନ୍ଦନକାନନ ନିର୍ଦ୍ଦେଶକ ଡ ମନୋଜ ଭି ନାୟାରଙ୍କୁ ମଣିଷ-ହାତୀ ସଂଘର୍ଷ ହ୍ରାସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ବଣାଇ ବନ ଡିଭିଜନର ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କୁ ପରିବେଶ ସନ୍ତୁଳନ ଓ ହାତୀ ଖାଦ୍ୟ ବୃଦ୍ଧି କ୍ଷେତ୍ରରେ ପ୍ରଶଂସନୀୟ ଭୂମିକା ପାଇଁ ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର -୨୦୨୪ରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ । ଗତବର୍ଷ ଜନସାଧାରଣଙ୍କୁ ହାତୀ ଉପଦ୍ରବରୁ ରକ୍ଷା କରିବା ପାଇଁ ପ୍ରାଣବଳି ଦେଇଥିବା କଳାହାଣ୍ଡିର ନର୍ଲା ରେଞ୍ଜ ଅଫିସର ସ୍ୱର୍ଗତ ପ୍ରଶାନ୍ତ ପାଳଙ୍କୁମରଣୋତ୍ତର ପୁରସ୍କାର ସହିତ ତିରିଶ ହଜାର ଟଙ୍କାର ଅର୍ଥରାଶି ତାଙ୍କ ପତ୍ନୀଙ୍କୁ ପ୍ରଦାନ କରାଯାଇଥିଲା । ଅନୁଗୁଳ ବନ ଡିଭିଜନର ରେଞ୍ଜ ଅଧିକାରୀ ଶୁଭ୍ରା ସୁଚିସ୍ମିତା ମହାପାତ୍ର, ଆଠଗଡ ବନ ଡିଭିଜନର ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ, ରାଇରଙ୍ଗପୁର ବନ ଡିଭିଜନର ଫରେଷ୍ଟ ଗାର୍ଡ ଶୁଭସ୍ମିତା ଗିରି, ବଣାଇ ବନ ଡିଭିଜନର ଫରେଷ୍ଟ ଗାର୍ଡ ସସ୍ମିତା ମହାକୁଲ, ରାୟଗଡା ବନ ଡିଭିଜନର ଗଜ ସାଥୀ ଦାଉଦ ଶବର, ବାରିପଦା ଡିଭିଜନର ହାତୀ ସାଥି ହିମାଂଶୁ ମହାନ୍ତଙ୍କୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ସେଭ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପୁରସ୍କାର- ୨୦୨୪ରେ ସମ୍ମାନିତ କରିଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବହୁଦିନର ଓ ବହୁବିଧ କାରଣ ଯୋଗୁଁ ମଣିଷ-ହାତୀ ସଂଘର୍ଷ ଦେଖାଦେଇଛି । ସରକାର ଅନେକ ପଦକ୍ଷେପ ନେଉଥିଲେ ମଧ୍ୟ ପ୍ରକୃତ ଭାବନାରେ ସ୍ଥାନୀୟ ଲୋକଙ୍କୁ ସାମିଲ କରିବା ପାଇଁ ଏକ ସମନ୍ୱିତ ଏବଂ ସମ୍ମିଳିତ ପ୍ରୟାସ ଲୋଡା । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ମଣିଷ-ହାତୀ ସଂଘର୍ଷ ହ୍ରାସ କ୍ଷେତ୍ରରେ ସେଭ୍ ଏଲିଫାଂଟ ଫାଉଣ୍ଡେସନର ଅବଦାନ ପ୍ରଶଂସନୀୟ । ସେଭ୍ ଏଲିଫାଂଟ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଓଡ଼ିଶା ଲୋକାୟୁକ୍ତର ପ୍ରାକ୍ତନ ସଦସ୍ୟ ଡ ଦେବବ୍ରତ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥବଲେ । ଶେଷରେ ମ୍ୟାନେଜିଙ୍ଗ ଟ୍ରଷ୍ଟି ଡ ପ୍ରକାଶ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।




E-592

OFFICE OF THE SUPERINTEDENTE
MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL,
BRAHMAPUR-760004, GANJAM, ODISHA
Tel.0680-2292624, FAX.:0680-2292752//E.mail:supdtmkcg@gmail.com,mkcgmchberhampur@gmail.com
Website:www.mkcgmch.org

No. 17187 /MCH/XXVII/2024 Dt/Berhampur the 9/12/24

**TENDER CALL NOTICE**

The Superintendent, MKCG Medical College Hospital, Berhampur- 760004 Dist. Ganjam, Odisha invites sealed tender in the prescribed proforma from the repute firms/ stockiest/ manufactures for supply of Bedding and Clothing items to MKCG Medical College Hospital, Berhampur. The detail information and list of items along with the specification and other terms and conditions hosted in wedsite-www.ganjam.nic.in/ www.mkcgmch.org . The last date of receipt of tender through Regd. Post/ Speed Post/ Courier is 03.01.2025 upto 5 P.M. Technical bids will be opened on 06.01.2025.The Superintendent, MKCG Medical College Hospital, Berhampur reserves the right to accept/ reject/ cancel any or all the tenders in full or part at stage of the process without assigning any reason thereof. All legal disputes if any relating to tender are subject to jurisdiction in the courts of law situated at Berhampur, Ganjam, Odisha only.

Superintendent,
MKCG Medical College Hospital,
Berhampur.

OIPR 10028/11/0033/2425

S- 42416/6

हमसे जुड़ने के लिए
QR स्कैन करें




# सुशासन का 1 साल छत्तीसगढ़ हुआ खुशहाल

25 रजत जयंती वर्ष छत्तीसगढ़

## महिला शक्ति को मिला सम्मान और सुरक्षा सशक्तिकरण के लिए ऐतिहासिक पहलें

### महिला शक्ति को मिला सम्मान और सुरक्षा




- 70 लाख माताओं और बहनों को
- ₹1000 प्रतिमाह आर्थिक सहायता
- अब तक ₹6530 करोड़ का भुगतान

### मुख्यमंत्री कन्या विवाह योजना

- गरीब परिवार की कन्याओं को ₹50,000 की आर्थिक सहायता
- बेटियों के विवाह में मदद और आत्मनिर्भरता का अवसर

### महतारी सदन योजना

- ₹44.21 करोड़ से 202 ग्राम पंचायतों में बनाए जा रहे 179 महतारी सदन

### नारी शक्ति को सम्मान

- माँ के नाम 4 करोड़ वृक्षारोपण
- मितानिनों को हर माह प्रोत्साहन राशि का भुगतान
- 12 आकांक्षी जिलों में 4750 आंगनबाड़ी केन्द्रों का उन्नयन
- 27 जिलों के सखी सेंटर में महिला हेल्पलाईन यूनिट की स्थापना

## हमारी संस्कृति हमारी पहचान

### राजिम कुंभ रामोत्सव

24 फरवरी से 8 मार्च तक भव्य आयोजन

### शक्तिपीठ का विकास

कुदरगढ़, चंद्रहासिनी, महामाया, बम्लेश्वरी और दंतेश्वरी मंदिर 1000 कि.मी. तीर्थ श्रृंखला, ₹5 करोड़ का प्रावधान

### श्री रामलला अयोध्या धाम दर्शन योजना

प्रतिवर्ष 20,000 श्रद्धालु होंगे लाभान्वित



## इंडस्ट्रियल कॉरिडोर का निर्माण

- कोरबा-बिलासपुर इंडस्ट्रियल कॉरिडोर का निर्माण
- भिलाई में उद्यमिता केंद्र की स्थापना
- 1 वर्ष में 06 फूडपार्क और 01 औद्योगिक क्षेत्र की स्थापना
- अधोसंरचना विकास के लिए ₹6,000 करोड़+ प्रस्तावित

## उद्योगों का उदय

- एक वर्ष में 1,379 उद्योग स्थापित, ₹9,000 करोड़ का निवेश और 25,000+ लोगों को रोजगार
- औद्योगिक विकास नीति 2024-30 लागू
- 5 वर्षों में 5 लाख नए रोजगार सृजन का लक्ष्य
- 27 औद्योगिक समूहों को ₹32,225 करोड़ के निवेश हेतु आशय पत्र जारी
- आईटी, एआई, डेटा सेंटर, इथेनॉल, इलेक्ट्रिकल और कंप्रेस्ड बायो गैस जैसे नए क्षेत्रों में निवेश की योजना

## आधारभूत औद्योगिक विकास छत्तीसगढ़ बन रहा औद्योगिक हब

- इन्वेस्ट छत्तीसगढ़ आयोजन हेतु ₹5 करोड़ का प्रावधान
- सिंगल विंडो 2.0 एक बार आवेदन पर सभी विभागों से क्लीयरेंस
- उद्यमिता प्रशिक्षण संस्थान, अहमदाबाद और IIT कोलकाता के साथ एमओयू
- छत्तीसगढ़ आर्थिक सलाहकार परिषद का गठन

## नई ऊंचाइयों की ओर बढ़ता छत्तीसगढ़



हवाई सेवाओं का विस्तार- बिलासपुर से कोलकाता, नई दिल्ली और जगदलपुर से दिल्ली के लिए नई हवाई सेवाएं



नई रेल लाइन- कटघोरा से डोंगरगढ़ के बीच 27 स्टेशन रेल लाइन के लिए ₹300 करोड़ का प्रावधान



स्टेट कैपिटल रीजन- रायपुर, दुर्ग-भिलाई के संग नए स्टेट कैपिटल रीजन का निर्माण



ई-बस सेवा- रायपुर, बिलासपुर, दुर्ग-भिलाई और कोरबा में 240 ई-बसों की शुरुआत



ऊर्जा उत्पादन- छत्तीसगढ़ में 25,000 मेगावाट ऊर्जा उत्पादन जल, सौर और ताप ऊर्जा से आत्मनिर्भर



मार्गों का विस्तार- 31 हजार करोड़ रुपये से सड़कों और राजमार्गों का निर्माण 236.1 कि.मी. का आर्थिक गलियारा

## भ्रष्टाचार मुक्त छत्तीसगढ़ की ओर बढ़ते कदम

खत्म होगी आम जनता को छलने जैसी कुरीति भ्रष्टाचार के विरुद्ध जारी रहेगी जीरो टॉलरेंस की नीति

भ्रष्टाचार के काले साम्राज्य पर प्रहार से आएगी समृद्धि खनिजों के परिवहन में पारदर्शिता से होगी राजस्व में वृद्धि

### शासकीय भर्तियों में पारदर्शिता

- राज्य सेवा परीक्षा-2021 की निष्पक्ष और पारदर्शी जांच
- यूपीएससी की तर्ज पर परीक्षा प्रणाली लागू करने का निर्णय

### घोटालों पर सरकार की सख्ती

शराब घोटाला- वर्ष 2019 से लेकर वर्ष 2022 तक ₹2161 करोड़ के शराब घोटाला में ई.डी. की कार्रवाई

महादेव एप घोटाला- महादेव एप में संलिप्त लोगों के विरुद्ध भी कार्रवाई

कोयला घोटाला - कोयला की आवाजाही पर 25 रूपए की अवैध उगाही कर ₹540 करोड़ के कोयला घोटाला में ई.डी. की कार्रवाई

## युवाओं का भविष्य अब होगा और भी उज्ज्वल

**रोजगार के अवसर**
- शासकीय सेवाओं में आयु सीमा में 5 वर्ष की छूट
- 19 विभागों में 9,000+ पदों पर भर्ती की प्रक्रिया शुरु

**स्व-रोजगार के लिए अवसर**
- छत्तीसगढ़ उद्यम क्रांति योजना से युवाओं को मिलेगा 50% सब्सिडी पर ब्याज मुक्त ऋण

**शिक्षा में नवाचार**
- 341 पीएम श्री स्कूल, 18 स्थानीय भाषाओं में पढ़ाई, एआई रोबोटिक और कौशल विकास की नई पहल, "राष्ट्रीय शिक्षा नीति 2020" लागू

**प्रौद्योगिकी शिक्षा**
- जशपुर, बस्तर, कबीरधाम, रायपुर और रायगढ़ में आईआईटी की तर्ज पर प्रौद्योगिकी संस्थानों का निर्माण

**खेलों का भविष्य**
- जशपुर में आधुनिक खेल स्टेडियम, 74 खिलाड़ियों को सरकारी नौकरी, और खेलों के लिए 31 जिलों में केन्द्र

**न्योता भोज**
- अब तक 30,000 स्कूलों में 75,000 से अधिक बार न्योता भोज का सफल आयोजन

**तक्षशिला स्मार्ट रीडिंग ज़ोन एवं नालंदा परिसर**
- रायपुर में 750 सीटर सर्वसुविधायुक्त लाइब्रेरी
- 13 नगरीय निकायों में हाईटेक लाइब्रेरी, ₹148 करोड़ बजट प्रावधान

**कौशल विकास**
- मुख्यमंत्री कौशल विकास योजनांतर्गत विगत वर्ष में 4949 युवा प्रशिक्षित 3026 युवा नियोजित
- लाईवलीहुड कॉलेज के अंतर्गत 2064 युवा प्रशिक्षित, 1115 युवा नियोजित

## मुख्यमंत्री के ऐतिहासिक कदम

### जल संसाधन से मछुवारों की समृद्धि

ग्रामीण तालाबों में प्रति हेक्टेयर औसतन 4017 किग्रा और सिंचाई जलाशयों में 240 किग्रा का उत्पादन, जो देश के औसत से अधिक है

### किसानों को बोनस

- 2 साल का बकाया धान बोनस किसानों के खाते में ट्रांसफर
- 13 लाख किसानों को ₹3,716 करोड़ का बोनस



## अन्नदाता के समृद्धि लिए

### किसानों को विशेष ऊर्जा व ऋण सुविधा

- 3 HP सिंचाई पंप पर 6000 यूनिट
- 5 HP पंप पर 7500 यूनिट निःशुल्क बिजली
- गौ पालन हेतु ₹2 लाख का ऋण 1% ब्याज पर ₹2 लाख-₹3 लाख का ऋण 3% ब्याज पर

### दीनदयाल उपाध्याय भूमिहीन कृषि मजदूर योजना

- ₹ 10,000 की वार्षिक आर्थिक सहायता
- ₹ 500 करोड़ का बजट प्रावधान

### कृषक उन्नति योजना

- 145 लाख मीट्रिक टन रिकॉर्ड धान खरीदी (2024)
- ₹3,100/क्विंटल की दर से 21 क्विंटल/एकड़ धान खरीदी
- किसानों को ₹31,913 करोड़ का भुगतान
- 24.75 लाख किसानों को अंतर राशि ₹13,320 करोड़ का भुगतान

## स्वास्थ्य सुविधाओं का विस्तार



- मेकाहारा रायपुर और सिम्स बिलासपुर भवन के विस्तार और विकास हेतु ₹1500 करोड़ का प्रावधान
- शहीद वीर नारायण सिंह स्वास्थ्य योजना हेतु ₹1526 करोड़ का प्रावधान

- 18 लाख से अधिक प्रधानमंत्री आवास की स्वीकृति
- ₹12 हजार करोड़ का प्रावधान
- एक वर्ष में शहरी में 50 हजार आवास एवं ग्रामीण में 1 लाख 75 हजार आवास पूर्ण

प्रधानमंत्री आवास योजना



## नक्सल उन्मूलन एवं जनजातीय उत्थान

### नियद नेल्ला नार जन जीवन हुआ गुलजार

- 40 सुरक्षा कैम्प स्थापित, 24 नए प्रस्तावित



- 96 गाँवों में 17 विभाग की 53 योजनाओं और 31 सुविधाओं से विकास
- 28114 ग्रामीणों का आधार कार्ड बना
- 14818 आयुष्मान कार्ड बना
- 9509 परिवारों को राशनकार्ड
- 649 वन अधिकार पट्टे वितरित
- 521 मोबाईल टावर चालू किए गए
- 68 हेलीपेड निर्मित 13 निर्माणाधीन
- 20 करोड़ का अतिरिक्त प्रावधान

### नक्सल समस्या उन्मूलन अभियान में छत्तीसगढ़ की सफलता




210 नक्सली मारे गए

787 नक्सलियों ने आत्मसमर्पण किया

894 नक्सली गिरफ्तार किए गए



ChhattisgarhCMO DPRChhattisgarh www.dprcg.gov.in छत्तीसगढ़ जनसंपर्क



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



### 'ଇଣ୍ଡିଆ' ମେଣ୍ଟରେ ବଢୁଛି ଫାଟ

## ରାହୁଲଙ୍କ ନେତୃତ୍ୱ ପ୍ରତି ଆହ୍ୱାନ

ଗତ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଆମ ଦେଶର ୨୬ଟି ଅଣବିଜେପି ରାଜନୈତିକ ଦଳ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ କ୍ଷମତାରୁ ହଟାଇବା ଉଦ୍ଦେଶ୍ୟରେ ଏକ ମହାମେଣ୍ଟ ଗଠନ କରିଥିଲେ, ଯାହାର ନାମ ରଖାଯାଇଥିଲା 'ଇଣ୍ଡିଆ'। ଭିନ୍ନ ଭିନ୍ନ ଆଦର୍ଶ ଓ ବିଚାରଧାରାରେ ବିଶ୍ୱାସ ରଖୁଥିବା ଏତେଗୁଡ଼ିଏ ବିରୋଧୀ ରାଜନୈତିକ ଦଳ ଗୋଟିଏ ଛାତ ତଳେ ଏକାଠି ହେବା ନିଶ୍ଚିତ ଭାବରେ ଭାରତୀୟ ରାଜନୀତିରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା। ଇଣ୍ଡିଆ ମେଣ୍ଟର ଅନେକ ସହଯୋଗୀ ଦଳ ବିଭିନ୍ନ ରାଜ୍ୟରେ ଶାସନ କ୍ଷମତାରେ ରହିଥିବାରୁ ଲୋକସଭା ନିର୍ବାଚନରେ ଏହା ବିଜେପିକୁ ବଡ଼ ଚ୍ୟାଲେଞ୍ଜ ଦେବ ବୋଲି ଆଶା କରାଯାଉଥିଲା। ତେବେ ନିର୍ବାଚନରେ କେତେକ ରାଜ୍ୟରେ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ହୋଇଥିଲେ ମଧ୍ୟ କେତେକ ରାଜ୍ୟରେ ସହଯୋଗୀ ଦଳ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇ ଲଢ଼େଇ କରିବାକୁ ପଛେଇ ନଥିଲେ। ଯଦିଓ 'ଇଣ୍ଡିଆ' ମହାମେଣ୍ଟ ବିଧିବଦ୍ଧ ଭାବରେ କାହାକୁ ଭାବୀ ପ୍ରଧାନମନ୍ତ୍ରୀ ବା ମେଣ୍ଟର ସଂଯୋଜକ ରୂପେ ଉପସ୍ଥାପନ କରିନଥିଲା, ତଥାପି ମୁଖ୍ୟ ବିରୋଧୀ ଦଳ ଭାବରେ କଂଗ୍ରେସ ହିଁ ଏହି ଦାୟିତ୍ୱ ସମ୍ଭାଳୁଥିଲା ଭଳି ମନେ ହେଉଥିଲା। ଲୋକସଭା ନିର୍ବାଚନରେ ଶାସକ ବିଜେପି ମେଣ୍ଟ ପୂର୍ଣ୍ଣ ବହୁମତ ହାସଲ କରି କ୍ରମାଗତ ଭାବରେ ତୃତୀୟ ଥର ପାଇଁ କ୍ଷମତାସୀନ ହୋଇଥିଲା ବେଳେ 'ଇଣ୍ଡିଆ' ମେଣ୍ଟର ସାଂସଦ ସଂଖ୍ୟା ମଧ୍ୟ ଗତଥର ଠାରୁ କିଛିଟା ବୃଦ୍ଧି ପାଇଛି ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିରୋଧୀ ଦଳ ନେତା ହେବାର ସୁଯୋଗ ଲାଭ କରିଛନ୍ତି। ମାତ୍ର ଲୋକସଭା ନିର୍ବାଚନ ପରେ ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ଦିନକୁ ଦିନ ବଢ଼ିଚାଲିଥିବାର ଲକ୍ଷ୍ୟ କରାଯାଉଛି ଏବଂ ସହଯୋଗୀ ଦଳର ନେତାମାନେ ଗଣମାଧ୍ୟମରେ ପରସ୍ପର ବିରୋଧରେ ମନ୍ତବ୍ୟ ରଖୁଛନ୍ତି। ବିଶେଷ କରି ନିକଟରେ ଶେଷ ହୋଇଥିବା ମହାରାଷ୍ଟ୍ର ଓ ହରିଆନା ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ମେଣ୍ଟର ଅଧିକାଂଶ ସହଯୋଗୀ ଏହି ଦଳର ବଡ଼ଭାଇ ପଣିଆକୁ ଆଉ ପସନ୍ଦ କରୁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପରିବର୍ତ୍ତେ ଅନ୍ୟ କେହି ଭରସାଯୋଗ୍ୟ ଅଭିଜ୍ଞ ନେତା 'ଇଣ୍ଡିଆ' ମେଣ୍ଟର ନେତୃତ୍ୱ ନେବା ଉଚିତ୍ ବୋଲି ସହଯୋଗୀ ଦଳଗୁଡ଼ିକ ଗଣମାଧ୍ୟମରେ ଖୋଲାଖୋଲି ମତ ରଖୁଛନ୍ତି। ଏହି କ୍ରମରେ ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନାମ ଚର୍ଚ୍ଚାର ସର୍ବାଗ୍ରେ ରହିଥିବା ବେଳେ ମେଣ୍ଟର ଅଧିକାଂଶ ସହଯୋଗୀ ଦଳ ତାଙ୍କ ନେତୃତ୍ୱ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି। ଯେତେଦୂର ମନେହେଉଛି ଇଣ୍ଡିଆ ମେଣ୍ଟରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ନେଇ ଫାଟ କ୍ରମଶଃ ବଢ଼ିଚାଲିଛି, ଯାହା ଆଗାମୀ ଦିନରେ ଏହାର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ରହିଛି। ସୁଶ୍ରୀ ମମତା ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବା ସପକ୍ଷରେ ମତ ରଖିଥିବା ନେତାମାନଙ୍କ ମଧ୍ୟରେ ଆର୍‌ଜେଡି ପ୍ରତିଷ୍ଠାତା ଲାଲୁ ପ୍ରସାଦ ଯାଦବ, ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ଏନ୍‌ସିପି ନେତା ଶରଦ୍ ପାୱାର, ଶିବସେନା ନେତା ଉଦ୍ଧବ ଠାକରେଙ୍କ ଭଳି ଅଭିଜ୍ଞ ନେତା ଅନ୍ତର୍ଭୁକ୍ତ। ଏପରିକି ଇଣ୍ଡିଆ ମେଣ୍ଟର ଅନ୍ତର୍ଭୁକ୍ତ ନଥିବା ଆନ୍ଧ୍ରପ୍ରଦେଶର ୱାଇ.ଏସ୍.ଆର୍ କଂଗ୍ରେସ ମଧ୍ୟ ମମତାଙ୍କ ନେତୃତ୍ୱ ପ୍ରତି ସମର୍ଥନ ଜଣାଇଛି। ଚଳିତ ମାସ ଆରମ୍ଭରେ ନିଜେ ମମତା ଏହି ବିତର୍କର ସୂତ୍ରପାତ କରି ଇଣ୍ଡିଆ ମେଣ୍ଟର ନେତୃତ୍ୱ ନେବା ପାଇଁ ସଙ୍କେତ ଦେଇଥିଲେ। ତାଙ୍କୁ ଯଦି ଏଥିପାଇଁ ସୁଯୋଗ ମିଳେ, ତେବେ ସେ ଏହାର ସଠିକ୍ ପରିଚାଳନା କରିପାରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ମେଣ୍ଟର ନେତୃତ୍ୱ ପରିବର୍ତ୍ତନ ସ୍ୱର ଜୋର୍ ଧରୁଥିବା ବେଳେ କଂଗ୍ରେସ ଏଥିରେ କ୍ଷୁବ୍ଧ ହୋଇ ପାଲଟା ଜବାବ୍ ଦେଇଛି। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସୁଦୃଢ଼ ବିରୋଧୀ ଦଳର ଆବଶ୍ୟକତା ରହିଥିବା ଦୃଷ୍ଟିରୁ ଇଣ୍ଡିଆ ମେଣ୍ଟ ଦୁର୍ବଳ ହେବା କିମ୍ବା ଭାଙ୍ଗିଯିବା ଗ୍ରହଣଯୋଗ୍ୟ ନୁହେଁ। ମେଣ୍ଟର ସହଯୋଗୀ ଦଳଗୁଡ଼ିକ ବୈଠକରେ ମିଳିତ ହୋଇ ପରସ୍ପର ଆଲୋଚନା ମାଧ୍ୟମରେ ନେତୃତ୍ୱ ବିବାଦର ସମାଧାନ କରିବା ଆବଶ୍ୟକ।

# ମହିଳା ସୁରକ୍ଷା ଆଇନର ଅପବ୍ୟବହାର ଓ ସାମାଜିକ ନ୍ୟାୟିକ ବ୍ୟବସ୍ଥା



ଓମ ପ୍ରସାଦ ପଟ୍ଟନାୟକ
ଅଠରଭାଗ, ପିପିଲି
ମୋ : ୯୮୧୮୮୪୭୮୦୬

୯ ଡିସେମ୍ବର, ସୋମବାର ଦିନ ଭାରତର ଆଇଟି ହବ୍ ଭାବରେ ପରିଚିତ ବାଙ୍ଗାଲୋର ସହରର ଏକ ଘଟଣା ଏବେ ପୂରା ଦେଶରେ ଚହଳ ପକାଇଛି। ଉତ୍ତର ପ୍ରଦେଶ ନିବାସୀ ତଥା ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ ଡେପୁଟି ଜେନେରାଲ ମ୍ୟାନେଜର ଭାବରେ କାର୍ଯ୍ୟରତ ଜଣେ ୩୪ ବର୍ଷୀୟ ଯୁବ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଦୁଃଖଦ ଆତ୍ମହତ୍ୟା ଘଟଣା ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି। ଏହା ସହ ସାମାଜିକ ଗଣମାଧ୍ୟମ ମାନଙ୍କରେ ମଧ୍ୟ ବିଭିନ୍ନ ପ୍ରକାରର ମତାମତ ଆସିବାରେ ଲାଗିଛି। ବିଶେଷ ଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟିସାରିଥିବା ଘଟଣାକ୍ରମର ଅନୁଯାୟୀ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି।

ଏ ସମସ୍ତ ପ୍ରତିକ୍ରିୟା ପ୍ରକାଶ ପାଇବାର ପ୍ରମୁଖ କାରଣମାନ ହେଲା ମୃତ୍ୟୁ ପୂର୍ବରୁ ଅତୁଲ ସୁଭାଷ ୨୪ ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ଓ ୯୦ ମିନିଟର ଏକ ଭିଡିଓ ଜାରି କରିଥିଲେ, ଯେଉଁଥିରେ ସେ ତାଙ୍କ ମୃତ୍ୟୁ ପାଇଁ ତାଙ୍କ ପତ୍ନୀ ଓ ପତ୍ନୀଙ୍କ ପରିବାର ଲୋକଙ୍କୁ ଦାୟୀ କରିଥିଲେ। ଏହି ଦସ୍ତାବିଜଗୁଡ଼ିକରେ ସେ କିପରି ମାନସିକ ଓ ଶାରୀରିକ ଭାବେ ଯନ୍ତ୍ରଣା ଅନୁଭବ କରୁଥିଲେ ସେ ବିଷୟରେ ବର୍ଣ୍ଣନା କରାଯାଇଛି। ୨୦୧୯ରେ ସେ ବିବାହ କରିଥିଲେ ଓ ଏହି ଦମ୍ପତିଙ୍କର ଏକ ସନ୍ତାନ ଥିଲା। ଉଭୟଙ୍କ ମଧ୍ୟରେ ସଂପର୍କ ଖରାପ ହେବାରୁ ୮ ମାସ ପରେ ଦୁହେଁ ଅଲଗା ହୋଇଯାଇଥିଲେ। ଅଲଗା ହେବା ପରେ ହତ୍ୟା, ଯୌନ ଶୋଷଣ ଏବଂ ଘରୋଇ ହିଂସା ଅଭିଯୋଗ ସମେତ ତାଙ୍କ ବିରୋଧରେ ୯ଟି ପୃଥକ ଆଇନଗତ ମାମଲା ରହିଛି ବୋଲି ଅତୁଲ କହିଛନ୍ତି। ଅତୁଲ ତାଙ୍କ ଚିଠିରେ ଅଭିଯୋଗ କରିଛନ୍ତି ଯେ, ତାଙ୍କ ପତ୍ନୀ ନିକିତା, ଅତୁଲଙ୍କ ପରିବାର ଓ ତାଙ୍କ ୪ ବର୍ଷର ପୁଅକୁ ଦେଖା କରିବା ପାଇଁ ଏକ ମାମଲାର ସମାଧାନ ପାଇଁ ୩ କୋଟି ଟଙ୍କା ଦାବି କରିଥିଲେ। ଏହା ସହ ପୁଅକୁ ଦେଖା କରିବାର ଅଧିକାର ପାଇଁ ୩୦ ଲକ୍ଷ ଟଙ୍କା ଦାବି କରିଥିଲେ।

ମୋଟ ଉପରେ ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଅତୁଲ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇଥିବା ସେ ଛାଡ଼ି ଯାଇଥିବା ଏହି ଭିଡିଓରୁ ଜଣାପଡ଼ିଛି। ଏପରିକି ନ୍ୟାୟ ନମିଳିବା ଯାଏଁ ତାଙ୍କ ଅସ୍ଥି ବିସର୍ଜନ ନକରିବାକୁ କହିବା ସହ ନ୍ୟାୟ ନମିଳିଲେ ତାଙ୍କ ଅସ୍ଥିକୁ ଯେକୌଣସି ନାଳନର୍ଦ୍ଦମାରେ ପକାଇ ଦେବାକୁ କହିଛନ୍ତି ଅତୁଲ। ଯେତେବେଳେ ପୋଲିସ୍ ତାଙ୍କର ଶବ ଉଦ୍ଧାର କରିଥିଲା, ସେହି ସମୟରେ ତାଙ୍କ ଛାତି ଉପରେ ଏକ କାଗଜ ଲଗାଯାଇଥିବାର ମଧ୍ୟ ଦେଖିଥିଲା। ଯେଉଁଥିରେ ଲେଖାଯାଇଥିଲା "JUSTICE IS DUE" ଅର୍ଥାତ "ନ୍ୟାୟ ମିଳିବା ବାକି ଅଛି"। ଅତୁଲଙ୍କ ଅପମୃତ୍ୟୁ କେବଳ ନିର୍ଯାତନା, ଜବରଦଖଲ ଓ ଦୁର୍ନୀତି ଅଭିଯୋଗର ପର୍ଦ୍ଦାଫାସ କରିନାହିଁ ବରଂ ନ୍ୟାୟିକ ବ୍ୟବସ୍ଥାରେ ପୁରୁଷଙ୍କ ଅଧିକାର ଓ ପକ୍ଷପାତିତାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଆରମ୍ଭ କରିଛି।

ଘଟଣାଟି ବର୍ତ୍ତମାନ ସ୍ଥିତି ଏବଂ ଆଗକୁ ଏହାର ମୋଡ଼ ଯାହା ହେଉ ନା କାହିଁକି, କେଉଁଠି ନା କେଉଁଠି ଏହା ସ୍ପଷ୍ଟ ଭାବରେ ଏକ ବାର୍ତ୍ତା ଦେଉଛି ଯେ, ପୁରୁଷ ମଧ୍ୟ ଘରୋଇ ହିଂସାର ଶିକାର ହୋଇପାରେ। ମାନସିକ ନିର୍ଯାତନା ସହି ନପାରି ନିଜର ଜୀବନ ମଧ୍ୟ ହାରି ପାରେ। ବିଭିନ୍ନ କାରଣରୁ ଅନେକ ପ୍ରକାରର ନିର୍ଯାତନାରେ ଅତିଷ୍ଠ ହୋଇ ମାନସିକ ଓ ଶାରୀରିକ ଭାବରେ ଦୃଢ଼ ଥିବା ପୁରୁଷମାନେ ମଧ୍ୟ ଆତ୍ମହତ୍ୟା ଭଳି ଏକ ଚରମ ନିଷ୍ପତ୍ତି ନେଇପାରନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବୈବାହିକ ବିବାଦରେ ପୁରୁଷମାନଙ୍କ ବିରୋଧରେ ଯେଉଁଭଳି ନିର୍ଯାତନାର ପରିମାଣ ବୃଦ୍ଧି ପାଉଛି, ଏହା ଉପରେ ଗୁରୁତ୍ୱାରୋପ କରିବାର ନିହାତି ଭାବରେ ଆବଶ୍ୟକତା ରହିଛି। ତେବେ ପୁରୁଷ ନିର୍ଯାତନାକୁ ନେଇ ଦେଶର ଏହ ପ୍ରଥମ ଘଟଣା ନୁହେଁ। ଅତୀତରେ ଅନେକ ଘଟଣା ଘଟିସାରିଛି, ଯେଉଁଥିରେ ଅନେକ ନିରୀହ ପୁରୁଷ ଏହାର ଶିକାର ହୋଇସାରିଛନ୍ତି।

କଥାରେ ଅଛି, ଗୋଟିଏ ନାରୀ ଶିକ୍ଷିତ ହେଲେ ଗୋଟିଏ ପିଲା ଶିକ୍ଷିତ ହେବ, ଆଉ ଗୋଟିଏ ପିଲା ଶିକ୍ଷିତ ହେଲେ ଗୋଟିଏ ଦେଶ ଶିକ୍ଷିତ ହେବ। ତେଣୁ ନାରୀ ଶିକ୍ଷାପ୍ରାପ୍ତ କରିବା ନିହାତି ଭାବରେ ଆବଶ୍ୟକ। ସେହିପରି ପରମ୍ପରାଗତ ଭାବରେ କୁହାଯାଇଛି ଯେ, ସମାଜ ଓ ଏହାର ଚଳଣି ପରିବର୍ତ୍ତନଶୀଳ ହେଲେ ଜଣେ ନାରୀ ପାଇଁ ସମାଜ ଓ ଏହାର ଚଳଣିରେ ଏକ ପ୍ରକାରର ପରିସୀମା ଓ ଅନୁଶାସନ ରହିଛି। ସମାଜର ଗତିକୁ ସଠିକ୍ ଦିଗରେ ଚଳାଇବା ପାଇଁ ଉପଯୁକ୍ତ ଶିକ୍ଷା କେବଳ ଗୋଟିଏ ମା' ହିଁ ଦେଇପାରେ। ଜ୍ଞାନ, ଚରିତ୍ର, ସଂସ୍କାର, ସଂସ୍କୃତି, ସାମାଜିକ ଚଳଣି ଆଦିର ସୁଶିକ୍ଷା କେବଳ ଜଣେ ମା' ହିଁ ଦେଇପାରେ। ଝିଅ ରୂପେ ବାପ ଘରେ ହେଉ ହେଉ ଅବା ବୋହୂ ରୂପେ ଶାଶୂ ଘରେ ହେଉ, ସମସ୍ତ ସ୍ଥାନରେ ନାରୀକୁ ସୁଲକ୍ଷଣର ଅଧିକାରୀ ହେବାର ସମସ୍ତ ନୀତିନିୟମ କେବଳ ଜଣେ ମା' ହିଁ ସୁଚାରୁ ଢଙ୍ଗରେ ମାର୍ଗଦର୍ଶନ ଦେଇଥାଏ। ହେଲେ ସାମ୍ପ୍ରତିକ ସମାଜରେ ଆଧୁନିକତାର ଦ୍ୱାହିରେ ନାରୀମାନଙ୍କର ଚାଲିଚଳଣିରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଇଛି। ବିଶେଷ ଭାବରେ ସୁଶିକ୍ଷା ପ୍ରଦାନ କରିବାରେ ମା' ମାନଙ୍କର ଭୂମିକା ମଧ୍ୟ ଗୌଣ ହେବାରେ ଲାଗିଛି। ନାରୀଶିକ୍ଷା ତ ନିହାତି ଭାବରେ ଆବଶ୍ୟକ, ଏଥିରେ କୌଣସି ମଧ୍ୟ ଦ୍ୱିମତ ନାହିଁ। ହେଲେ ନାରୀଶିକ୍ଷାରେ ବ୍ୟାବହାରିକ ଜ୍ଞାନ ଓ ଦୈନନ୍ଦିନ ଘରୋଇ ଶିକ୍ଷା ଏକ ପ୍ରମୁଖ ଅଂଶ ହେବା ଉଚିତ୍। ଯାହାର ଅଭାବର ପରିଣତି ଏବେ ସମାଜରେ ଧୀରେ ଧୀରେ ପ୍ରତିଫଳିତ ହେବାରେ ଲାଗିଛି। ସମୟକୁ ତାଳ ଦେଇ ଆଧୁନିକତାର ଧାରାକୁ ଆପଣେଇବାରେ କୌଣସି ମଧ୍ୟ ସମସ୍ୟା ନାହିଁ, ତେବେ ଆଧୁନିକତା ଆଧାରରେ ଏହାର ସଂଜ୍ଞାକୁ ନିଜର ସୁବିଧା ଅନୁସାରେ ଅପଭ୍ରଂଶ କରି ଉଗ୍ର ଓ ନକାରାତ୍ମକ କରାଯିବା ଉଚିତ ନୁହେଁ, ଯାହାକି ସାମ୍ପ୍ରତିକ ଭାବରେ ଏକ ସାମାଜିକ ବ୍ୟାଧି ଭାବରେ ଦ୍ରୁତଗତିରେ ମାଡ଼ି ଚାଲିଛି।

ଗୋଟିଏ ପରିବାର ମୂଳଦୁଆ ହେଉଛି ଜଣେ ନାରୀ। ଘରର ମଙ୍ଗ ସଠିକ୍ ଦିଗରେ ସୁପରିଚାଳିତ କରିବାର ପ୍ରମୁଖ ବିନ୍ଧାଣି ହେଉଛି ଜଣେ ନାରୀ। କାର୍ଯ୍ୟକ୍ଷେତ୍ରରେ ନାରୀରେ ପାରଦର୍ଶିତା ତା'ର ବ୍ୟକ୍ତିଗତ ସଫଳତାକୁ ଦର୍ଶାଉଥିଲେ ହେଁ ପରିବାରର ସୁପରିଚାଳନାରେ ପାରଦର୍ଶିତା ତା'ର ସମାଜ ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଦର୍ଶାଇଥାଏ, ଯାହାକି ଜଣେ ନାରୀର ଆଜନ୍ମ ଦକ୍ଷତା। ଅଧୁନା ସିଂହଭାଗ ନାରୀ ଘରୋଇ ତଥା ପାରିବାରିକ ସୁପରିଚାଳନା ପାରଦର୍ଶିତା କ୍ଷେତ୍ରରେ ଏକ ପ୍ରକାରର ବିଫଳ କହିଲେ ଅତ୍ୟୁକ୍ତି ହେବନାହିଁ। ଯାହାର କରୁଣ ପରିଣତି ହେଉଛି ବାଙ୍ଗାଲୋରରେ ଘଟିଥିବା ସଦ୍ୟତମ ଘଟଣା।

ଅନ୍ୟପଟେ ଜଣେ ପୁରୁଷ ପ୍ରତି ସମାଜର ସାଧାରଣ ଦୃଷ୍ଟିଭଙ୍ଗୀ ଉପରେ ନଜର ପକାଇବା। ସାଧାରଣତଃ ଯଦି ଜଣେ ପୁରୁଷ ଜଣେ ମହିଳାକୁ ମାଡ଼ ମାରେ, ତେବେ ସମାଜ ଉକ୍ତ ପୁରୁଷକୁ ଜଣେ ସାଧାରଣ ମହିଳା ପ୍ରତି ହିଂସାତ୍ମକ ଆଚରଣ ଦୃଷ୍ଟିରେ ଦେଖେ। ଯଦି ଜଣେ ମହିଳା ପୁରୁଷକୁ ମାଡ଼ ମାରେ, ତେବେ ମଧ୍ୟ ସମାଜ ଉକ୍ତ ପୁରୁଷ ପ୍ରତି ନକାରାତ୍ମକ ଦୃଷ୍ଟିରେ ଦେଖେ ଓ ପୁରୁଷଟି କେଉଁଠି ନା' କେଉଁଠି ନିହାତି ଭାବରେ ତ୍ରୁଟି କରିଥିବ ବୋଲି ଏକ ପ୍ରକାରର ପ୍ରାକ୍ ମାନସିକ ଚିତ୍ରଣ କରିଦିଆଯାଏ। ଅର୍ଥାତ ଉଭୟ ଘଟଣାରେ ସମାଜ ପୁରୁଷକୁ ଏକ ଅଭିଯୁକ୍ତ ଭାବରେ ଚିତ୍ରିତ କରିଦେଇଥାଏ। ବିଶେଷ ଭାବରେ ବୈବାହିକ ବିବାଦରେ ଛନ୍ଦି ହୋଇପଡୁଥିବା ପୁରୁଷମାନେ ଯେଉଁଭଳି ଭାବରେ ଅସହ୍ୟ ଓ ଅକଥନୀୟ ନିର୍ଯାତନାର ସମ୍ମୁଖୀନ ହେଉଛନ୍ତି, ତାହା ନିଶ୍ଚିତ ଭାବରେ ଚିନ୍ତାଜନକ ବିଷୟ। ଏହା ସହିତ ବିନା କୌଣସି ପ୍ରମାଣ ଏବଂ ନିର୍ଭରଯୋଗ୍ୟ ସୂତ୍ର ନଥାଇ ମଧ୍ୟ ବିଭିନ୍ନ ସମୟରେ ଗଣମାଧ୍ୟମମାନଙ୍କରେ ମିଡିଆ ଟ୍ରାଏଲ୍ ସମେତ ଅନେକ ସାମାଜିକ ଗଣମାଧ୍ୟମରେ ପୁରୁଷକୁ ମୁଖ୍ୟତଃ ଦୋଷୀ ଭାବରେ ବ୍ୟାଖ୍ୟା କରି ଆଗୁଆ କାଠଗଡ଼ାରେ ଛିଡ଼ା କରିଦିଆଯାଉଛି, ଯାହାକି ଜନସାଧାରଣଙ୍କ ମାନସିକତାରେ ପୁରୁଷ ପ୍ରତି ଏକ ନକାରାତ୍ମକ ଦୃଷ୍ଟିଭଙ୍ଗୀ ସୃଷ୍ଟି କରୁଛି।

ସାମ୍ପ୍ରତିକ ସମାଜରେ ଲିଙ୍ଗଗତ ନିର୍ବିଶେଷରେ କାର୍ଯ୍ୟକ୍ଷେତ୍ରକୁ ଯାଇ ରୋଜଗାର କରିବା ଉଭୟ ପୁରୁଷ ଓ ମହିଳାଙ୍କ ଅଧିକାର ଅଟେ। ତେବେ ୨୦୨୨ ମସିହାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଏକ ଶୁଣାଣି କ୍ରମେ, ସ୍ୱାମୀଙ୍କ ରୋଜଗାର ହିଁ ପରିବାରର ପ୍ରମୁଖ ଆର୍ଥିକ ଉପାର୍ଜନର ସ୍ରୋତ। ପତ୍ନୀ ଓ ସନ୍ତାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସ୍ୱାମୀଙ୍କ କର୍ତ୍ତବ୍ୟ। ଏହି କର୍ତ୍ତବ୍ୟକୁ ସମ୍ପାଦନ କରିବା ପାଇଁ ସ୍ୱାମୀଙ୍କୁ ଆବଶ୍ୟକ ପଡ଼ିଲେ ଶାରିରୀକ ଶ୍ରମ ମଧ୍ୟ କରିବାକୁ ପଡ଼ିବ କିନ୍ତୁ ରୋଜଗାର କରି ପରିବାରର ପ୍ରତିପୋଷଣ କରିବା ପୁରୁଷଙ୍କ ଦାୟିତ୍ୱ। ଯାହାଫଳରେ କି କିଛି କ୍ଷେତ୍ରରେ ସ୍ୱାମୀଙ୍କ ରୋଜଗାର କ୍ଷମତାର ସୀମା ବାହାରେ ପତ୍ନୀ ମନଇଚ୍ଛା ସ୍ୱପ୍ନ ଓ ସଉକ ପୂରା କରିବାର ଜିଦ୍ ଧରିବସୁଛନ୍ତି, ଯାହାକି ଏକରକମର ମାନସିକ ଚାପ ସୃଷ୍ଟି କରୁଛି। ଅନେକ କ୍ଷେତ୍ରରେ ପୁରୁଷମାନଙ୍କ ରୋଜଗାରକୁ ସେମାନଙ୍କର ପ୍ରମୁଖ ଦାୟିତ୍ୱ ଭାବରେ ଚିତ୍ରଣ କରାଯାଉଥିବା ବେଳେ ମହିଳାମାନଙ୍କର ରୋଜଗାରକୁ ମହିଳା ସଶକ୍ତିକରଣ ତଥା ଆର୍ଥିକ ଭାବରେ ସ୍ୱାବଲମ୍ବୀର ମାନ୍ୟତା ପ୍ରଦାନ କରାଯାଉଛି, ଯାହାକି ଅନେକ ପରିମାଣରେ ପାରିବାରିକ ଭାରସାମ୍ୟ ଉପରେ ଗଭୀର ପ୍ରଭାବ ପକାଉଛି।

ବର୍ତ୍ତମାନ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ମହିଳା ସୁରକ୍ଷା ଆଇନର ବହୁଳ ଅପବ୍ୟବହାର ହୋଇଚାଲିଛି। ବୈବାହିକ ବିବାଦ ଭଳି ମାମଲାରେ ଆଇପିସି ୪୯୮ଏ ତଥା ବିଏନ୍‌ଏସ୍ ୮୫ ଭଳି ଦଫାକୁ ବ୍ୟକ୍ତିଗତ ପ୍ରତିଶୋଧ ହାସଲର ପ୍ରମୁଖ ହତିଆର ଭାବେ ବ୍ୟବହାର କରାଯାଉଛି। ମହିଳାଙ୍କୁ ଘରୋଇ ହିଂସାରୁ ସୁରକ୍ଷା ଦେବା ପାଇଁ ତିଆରି ହୋଇଥିବା ଆଇନକୁ ଅସ୍ତ୍ର କରି, କିଛି ମହିଳା ନିଜ ଅଯୌକ୍ତିକ ଦାବି ପୂରଣ ପାଇଁ ପୁରୁଷ ଓ ତାଙ୍କ ପରିବାର ଲୋକଙ୍କୁ ବାଧ୍ୟ କରୁଛନ୍ତି। ମହିଳାମାନେ ସ୍ୱାର୍ଥସାଧନ ପାଇଁ ସ୍ୱାମୀ ଓ ତାଙ୍କ ପରିବାର ବିରୋଧରେ ନିର୍ଯାତନା ଆଇନର ଦୁରୂପଯୋଗ କରୁଥିବା ଘଟଣା ବୃଦ୍ଧି ପାଉଛି। ଏନ୍‌ସିଆର୍‌ବି ତଥା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ, ଗତ ଦୁଇ ଦଶନ୍ଧିରେ ଦେଶରେ ପ୍ରତି ୧୦ଟି ଆତ୍ମହତ୍ୟା ମଧ୍ୟରୁ ୬ରୁ ୭ଜଣ ହେଉଛନ୍ତି ପୁରୁଷ, ଯାହାକି ନିଜେ ଜୀବନ ହାରୁଥିବା ମହିଳାଙ୍କ ସଂଖ୍ୟା ତୁଳନାରେ ଯଥେଷ୍ଟ ଅଧିକ।

ତେବେ ବାଙ୍ଗାଲୋରରେ ଘଟିଥିବା ଏହି ଘଟଣାକୁ ନେଇ ମହିଳାଙ୍କ ଦ୍ୱାରା ମହିଳା ସୁରକ୍ଷା ଆଇନର ଦୁରୂପଯୋଗ ବଢ଼ିଚାଲିଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ମାନ୍ୟବର ସୁପ୍ରିମକୋର୍ଟ। ନିରୀହଙ୍କୁ ହଇରାଣ କରିବା ପାଇଁ ଯୌତୁକ-ନିରୋଧୀ ଆଇନର ଦୁରୂପଯୋଗ ବନ୍ଦ ହେଉ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ, ଯାହାକି ନିଶ୍ଚୟ ଭାବରେ ସ୍ୱାଗତଯୋଗ୍ୟ। ଏଭଳି କ୍ଷେତ୍ରରେ ଆଇନର ଦୁରୂପଯୋଗ ଦ୍ୱାରା ନିରୀହମାନେ ଯେପରି ଅଯଥାରେ ହଇରାଣ ନହୁଅନ୍ତି, ସେଦିଗରେ କୋର୍ଟମାନେ ମଧ୍ୟ ସତର୍କ ହେବା ଦରକାର ବୋଲି ସଚେତନ କରିଛନ୍ତି ସୁପ୍ରିମକୋର୍ଟ। ବୈବାହିକ ବିବାଦ ଓ ନିର୍ଯାତନା ମାମଲାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପ୍ରକାରର ନିୟମରେ ସଂସ୍କାର ଆଣିବା ସହିତ ନ୍ୟାୟିକ ବ୍ୟବସ୍ଥାରେ ପୁରୁଷଙ୍କ ଅଧିକାର ପାଇଁ ମଧ୍ୟ ଲିଙ୍ଗଗତ ନିର୍ବିଶେଷରେ ବିଭିନ୍ନ ସାମାଜିକ ସଂଗଠନ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ନାଗରିକମାନେ ପ୍ରୟାସ କରିବା ଆବଶ୍ୟକ। ସରକାରଙ୍କୁ ମଧ୍ୟ ଏ ଦିଗରେ ଗୁରୁତର ଭାବରେ ଚିନ୍ତା କରିବାର ସମୟ ଆସିଯାଇଛି। ସମାନ କ୍ଷେତ୍ରରେ ପୁରୁଷମାନେ ମଧ୍ୟ ସମାଜ ଦ୍ୱାରା ଧାର୍ଯ୍ୟ ନିୟମ ଓ ପ୍ରଯୁଜ୍ୟ ସାଧାରଣ ବିଧିବ୍ୟବସ୍ଥା, ଅନୁଶାସନ ମଧ୍ୟରେ ଚଳିବାର ଆବଶ୍ୟକତା ରହିଛି, ଯାହାଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ।

# ଗୀତାର ଅମୃତଜ୍ଞାନ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବଦ୍ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅର୍ନ୍ତଆତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜ୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍ ଭାଗବଦ୍ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୂଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି। ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜ୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।'

# ସୈତାନ ମାନସିକତା କ'ଣ ଠିକ୍?



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

୧୯୭୧ ମସିହାରେ ବାଂଲାଦେଶର ମୁକ୍ତି ଯୁଦ୍ଧରେ ଭାରତ ସରକାରଙ୍କର ସମସ୍ତ ପ୍ରକାରର ସହାୟତା ଫଳରେ ବାଂଲାଦେଶ ପାଇଥିଲା ନୂତନ ରାଷ୍ଟ୍ରର ମର୍ଯ୍ୟାଦା। ରଜକର ଓ ପାକିସ୍ତାନ ସେନାବାହିନୀର ଅତ୍ୟାଚାର ସବୁ ସୀମାରେଖା ଡେଇଁଥିଲା ସେତେବେଳେ। ଗଣଧର୍ଷଣ, ଗଣହତ୍ୟା, ବର୍ବରତା, ନିଷ୍ଠୁରତା, କ୍ରୂରତା, ପଶୁତ୍ୱର ଭୟଙ୍କର ଘୂର୍ଣ୍ଣିଝଡ଼ର ତାଣ୍ଡବଲୀଳା ଚାଲୁଥିଲା ଚାରିଆଡ଼େ। ଜୀବନ ବଞ୍ଚାଇବାକୁ ପାଖାପାଖି ଦଶ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଭାରତର ଶରଣାପନ୍ନ ହୋଇଥିଲେ ଶରଣାର୍ଥୀ ଭାବରେ। କେତେ ନିରୀହ ଲୋକଙ୍କର ଜୀବନ ଅକାରଣରେ ଅକାଳରେ ଝଡ଼ି ପଡ଼ିଥିଲା ତା'ର ସଠିକ୍ ତଥ୍ୟ ମିଳିବା ଅସମ୍ଭବ। ଧର୍ମ ଆଧାରରେ ବିଶେଷ ଭାବରେ ସବୁଠାରୁ ଅଧିକ ଅକଥନୀୟ ଯନ୍ତ୍ରଣା ଓ ଅବର୍ଣ୍ଣନୀୟ ନିର୍ଯାତନାର ଶିକାର ହୋଇଥିଲେ ବାଂଲାଦେଶରେ ରହୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ। ସେତେବେଳେ ପାକିସ୍ତାନର ଅତ୍ୟାଚାରରୁ ବଞ୍ଚିବା ପାଇଁ ରକ୍ତାକ୍ତ ସଂଗ୍ରାମ ଆଉ ଏବେ ଏକ ଭିନ୍ନ ପଶୁ ପଣିଆର କାନ ଫଟା ଚିତ୍କାର। ଶେଖ୍ ହାସିନାଙ୍କ ନେତୃତ୍ୱାଧୀନ ସରକାର ଭୁଲ୍ କରୁଥିଲେ ବୋଲି ବାହାନା ନେଇ ଛାତ୍ରମାନଙ୍କୁ ମତେଇ, ଦେଶରେ ବିଦ୍ରୋହର ବାତାବରଣ ତିଆରି କରି ଏକ ନିର୍ବାଚିତ ସରକାରର ପତନ ଘଟେଇଲା। ଜୀବନ ରକ୍ଷା ପାଇଁ ଶେଖ୍ ହାସିନା ଆଶ୍ରୟ ନେଲେ ଭାରତରେ। ଆନ୍ତରିଣ ସରକାର ଗଠନ ହେଲା ବାଂଲାଦେଶରେ ମହମ୍ମଦ ୟୁନସଙ୍କ ନେତୃତ୍ୱରେ। ଏ ସେହି ମହମ୍ମଦ ୟୁନସ ଯେ ବାଂଲାଦେଶରେ ପ୍ରତିଷ୍ଠା କରିଥିଲେ ଗ୍ରାମୀଣ ବ୍ୟାଙ୍କ୍ ଓ ସମାଜର ତଳ ସ୍ତରରେ ଥିବା ଅସହାୟ ଗରିବ ଲୋକଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ କାମ କରୁଥିଲେ। ତାଙ୍କର ଏହି ମହତ କାମ ପାଇଁ ୨୦୦୬ରେ ସେ ପାଇଥିଲେ ନୋବେଲ ପୁରସ୍କାର। ଜଣେ ଭଲ ମଣିଷ ବୋଲି ବିଶ୍ୱରେ ତାଙ୍କର ନାମ ଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଲାଗୁଛି ସେ ଯେମିତି ଜଣେ ଅନ୍ଧ ମୂକ ବଧିର। ପ୍ରଗତିଶୀଳ ଦୁନିଆରୁ ସେ ଯେମିତି ଦୂରେଇ ଯାଇଛନ୍ତି। ସନ୍ତ୍ରାସବାଦୀ ଚିନ୍ତାଧାରା ରଖୁଥିବା ଓ କଟ୍ଟର ମଧ୍ୟଯୁଗୀୟ ମୌଳବାଦୀ ଚିନ୍ତାଧାରାକୁ ଆପଣେଇ ନେବାକୁ ଚାହୁଁଥିବା ଲୋକଙ୍କ ପାଖରେ ସେ ଅସହାୟ ବନ୍ଦୀ। ଏକଥା ଏଇଠି କହିରଖେ ଯେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଝିଅ ମୋନିକା ନିୟୁୟର୍କରେ ଏକ ଅପେରା ଗାୟିକା ଭାବରେ କାମ କରୁଛନ୍ତି। ଜିନ୍ସ ଟି ସାର୍ଟ ପିନ୍ଧି ବିଶ୍ୱର ଅନ୍ୟତମ ବିଳାସମୟ ସହରରେ ଆରାମଦାୟକ ଜୀବନ ଜିଉଁଛନ୍ତି। ନିକଟରେ ମଦିରା ପାନକରି ନିଶାସକ୍ତ ଅବସ୍ଥାରେ କୁଆଡେ ନିୟୁୟର୍କ ପୁଲିସ୍ ଦ୍ୱାରା ଗିରଫ ହୋଇଥିଲେ ମୋନିକା। ବର୍ତ୍ତମାନ ବାଂଲାଦେଶର ଆନ୍ତରିଣ ସରକାରର ମୁଖିଆ ମହମ୍ମଦ ୟୁନସ ସେହି ଅତ୍ୟାଧୁନିକ ପ୍ରଗତିଶୀଳ ମୋନିକାର ବାପା ତ? ନା ସେ ବି କଟ୍ଟରବାଦୀଙ୍କ ସହିତ ମିଶି ନିଜର ମାନବୀୟ ଗୁଣ ଓ ମଣିଷ ପଣିଆକୁ ବଳୀ ଚଢ଼େଇ ଦେଇଛନ୍ତି? ଧର୍ମ ନାମରେ ଅଧର୍ମ ଅନ୍ୟାୟ ବର୍ବରତାକୁ କେମିତି ପ୍ରଶ୍ରୟ ଦେଉଛନ୍ତି? ବାଂଲାଦେଶରେ ଘଟୁଥିବା ବର୍ବରତା ଅରାଜକତାକୁ ରୋକିପାରୁ ନାହାଁନ୍ତି କାହିଁକି? ଦେଶର ପୁଲିସ୍, ସେନାବାହିନୀ କ'ଣ ତାଙ୍କ କଥା ମାନୁ ନାହାଁନ୍ତି ନା ସମସ୍ତେ ମିଳିମିଶି ଜଙ୍ଗଲି ମାନସିକତାକୁ ଆପଣେଇ ନେବାକୁ ଇଚ୍ଛୁକ। ଶେଖ୍ ହାସିନାଙ୍କ ସରକାର ତ ଆଉ କ୍ଷମତାରେ ନାହାଁନ୍ତି। ଶାନ୍ତିର ବାତାବରଣ ଫେରି ଆସିବା କଥା। କିନ୍ତୁ ପ୍ରକୃତରେ ସେ ଦେଶରେ ଏବେ ଯାହା ଘଟୁଛି, ତାହା ଅତ୍ୟନ୍ତ ଭୟଙ୍କର ଓ ହୃଦୟ ବିଦାରକ।

ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଅତ୍ୟାଚାର ବଢ଼ି ବଢ଼ି ଚାଲିଛି। ସଂଖ୍ୟାଲଘୁଙ୍କ ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ଜଳାପୋଡ଼ା କରିବା, ଘରେ ନିଆଁ ଲଗେଇଦେବା, ଝିଅ-ବୋହୂଙ୍କୁ ଉଠେଇ ନେଇ ଗଣଧର୍ଷଣ କରିବା, ଅବୋଧ ନିରୀହ ବାଳିକା ମାନଙ୍କ ଉପରେ ପାଶବିକ ଅତ୍ୟାଚାର କରିବାର ଭିଡିଓ ପ୍ରତିଦିନ ସୋସିଆଲ ମିଡ଼ିଆରେ ଘୂରି ବୁଲୁଛି। ହିନ୍ଦୁ ମାନଙ୍କର ମୃତଦେହକୁ ମର୍ଯ୍ୟାଦାର ସହିତ ଶବ ସତ୍କାର କରିବାକୁ ଦିଆଯାଉନି। ଭାରତୀୟ ଜାତୀୟ ପତାକାକୁ ଅସମ୍ମାନ କରାଯାଉଛି ବିଭିନ୍ନ ଉପାୟରେ। ଏବେ ବାଂଲାଦେଶର ରାଜରାସ୍ତାରେ ହଜାର ହଜାର ସଂଖ୍ୟକ ଲୋକ, ଯେଉଁମାନଙ୍କ ଭିତରୁ ଅଧିକାଂଶ ଲୋକ ହାତରେ ସନ୍ତ୍ରାସବାଦୀ ସଂଗଠନ ଆଇଏସ୍‌ଆଇଏସ୍‌ର ପତାକା ଧରି ନାରାବାଜି କରୁଛନ୍ତି ଓ ହିନ୍ଦୁ ଖତମ କରୋ ନାରା ଦେଉଛନ୍ତି। ଦୁଃଖ ପରିତାପର ବିଷୟ ଯେ ଏହି ବିଷବୃକ୍ଷ ଗୁଡ଼ିକୁ ଆଗରେ ପଛରେ ପୁଲିସ୍ ସୁରକ୍ଷା ଦେଉଛି। ଏହା କ'ଣ ସୂଚେଇ ଦେଉଛି, ବୁଝିବାରେ କିଛି ଅସୁବିଧା ନାହିଁ। ଶେଖ୍ ମଜବୁରୁ ରେହମାନ କଲେଜରେ ବାଛି ବାଛି ହିନ୍ଦୁ ଛାତ୍ରମାନଙ୍କୁ ଗୋଡ଼େଇ ଗୋଡ଼େଇ ଠେଙ୍ଗା ବାଡିରେ ପିଟି ପିଟି ହତ୍ୟା କରୁଥିବାର ଦୃଶ୍ୟ ଯେଉଁମାନେ ସୋସିଆଲ ମିଡ଼ିଆରେ ଦେଖିଥିବେ, ସେମାନେ ନିଶ୍ଚିତ ଅନୁଭବ କରିଥିବେ ସେଠିକାର ସଂଖ୍ୟା ଗରିଷ୍ଠ ଶିକ୍ଷିତ ଲୋକଙ୍କ ମାନସିକତା। ଧିକ୍ ତମ ଶିକ୍ଷାକୁ। ଜଣେ ଲୋକ ଜୀବନ ବିକଳରେ ଗୋଟିଏ ପୋଖରୀକୁ ଡେଇଁ ପଡୁଛି। ତଥାପି ନିସ୍ତାର ନାହିଁ। ତା'ଉପରକୁ ଫିଙ୍ଗା ଯାଉଛି ପଥର। ଏଇ କ'ଣ ମଣିଷ ପଣିଆ? ୧୯୭୧ରେ ଧାର୍ମିକ ଦୃଷ୍ଟିକୋଣରୁ ବାଂଲାଦେଶରେ ୨୩.୧ ପ୍ରତିଶତ ସଂଖ୍ୟାଲଘୁ ଥିଲେ କିନ୍ତୁ ଏବେ ୮ ପ୍ରତିଶତରୁ ବି କମ୍। କେଉଁଠି ହଜିଗଲେ ଏମାନେ? ଯେଉଁମାନେ ନିଜର ମୂଳକୁ ଧରି ଆଜି ବି ମରି ମରି ଜିଉଁଛନ୍ତି ସେ ଦେଶରେ, ସେମାନଙ୍କର ପରିସ୍ଥିତି ଅତ୍ୟନ୍ତ ଦୟନୀୟ। ହିନ୍ଦୁ ଶିଖ୍ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ଆଉ ନିଜର ପର୍ବପର୍ବାଣୀ ବାଂଲାଦେଶରେ ପାଳନ କରିପାରୁ ନାହାଁନ୍ତି। ବିନା କାରଣରେ ଇସ୍କନ ଓ ସନାତନ ସଂସ୍କୃତିରେ ବିଶ୍ୱାସ କରୁଥିବା ଚିନ୍ମୟ କୃଷ୍ଣ ଦାସଙ୍କୁ ଆରେଷ୍ଟ କରି ଏବେ ଜେଲରେ ରଖିଛନ୍ତି ବାଂଲାଦେଶ ସରକାର। ୧୯୭୧ରେ ଯୁଦ୍ଧ ବିଧ୍ୱସ୍ତ ବାଂଲାଦେଶର ଲୋକମାନଙ୍କ ପାଇଁ ଇସ୍କନ ଯେଉଁ ମହନୀୟତା ଦେଖେଇ ଥିଲା, ସବୁ ଭୁଲିଗଲ? ଯେଉଁମାନେ ବାସ୍ତବରେ ଦୋଷୀ ସେମାନଙ୍କ ପାଇଁ ସବୁ ମାଫ୍। କି ବିଚିତ୍ର ବିଚାର !!! ଚିନ୍ମୟ କୃଷ୍ଣ ଦାସଙ୍କ ବେଲ୍ ପାଇଁ ଯେଉଁ ଓକିଲ ଲଢ଼ିବାକୁ ଆଗକୁ ଆସିବେ, ତାଙ୍କ ଅବସ୍ଥା ଶୋଚନୀୟ ହେବ ବୋଲି ଧମକପୂର୍ଣ୍ଣ ବାର୍ତ୍ତା ଦେଉଛି ଏକ ଓକିଲ ଗୋଷ୍ଠୀ। ନିୟମ ବହିରେ କ'ଣ ଏଇଆ ଲେଖା ଯାଇଛି। ଏଇଟା କ'ଣ ବାଂଲାଦେଶର ଜଣେ ଓକିଲର ଅସଲ ଚେହେରା? ଲାଗୁଛି ବାଂଲାଦେଶରେ କଳା କୋର୍ଟ ପିନ୍ଧି ଆଇନ୍ ବେପାର କରୁଥିବା ଜଣେ ଓକିଲର ହୃଦୟଟା ବି କଳା। ଭାରତବର୍ଷରେ କସବ ବିନା କାରଣରେ କେତେ ନିରୀହ ଲୋକଙ୍କୁ ମାରିଲା, ଆତଙ୍କବାଦୀମାନେ ତାଜମହଲ ହୋଟେଲରେ ନରସଂହାର ଘଟେଇଲେ, ତଥାପି ଭାରତୀୟ କୋର୍ଟରେ ତାଙ୍କ ପାଇଁ କେତେ ନାମିଦାମୀ ଭାରତୀୟ ଓକିଲ ଲଢିଲେ। ସନ୍ତ୍ରାସବାଦୀ କୋର୍ଟରେ ଦଣ୍ଡିତ ହେବା ପରେ ବି କିଛି ଲୋକଙ୍କ ଦେହରେ ଗଲାନି। ଏ କେଉଁ ପ୍ରକାରର ବିବେକାନୁମୋଦିତ ଚିନ୍ତାଧାରା ସତରେ? ବାଂଲାଦେଶର ମୁକ୍ତି ଯୁଦ୍ଧରେ ଭାରତର ତିନି ହଜାରରୁ ଅଧିକ ସୈନିକ ଜୀବନ ଉତ୍ସର୍ଗ କରିଥିଲେ, ବାର ହଜାରରୁ ଅଧିକ ସୈନିକ ଗୁରୁତର ଭାବରେ ଆହତ ହୋଇଥିଲେ। କେମିତି ନିଜର ଇତିହାସ ଭୁଲି ଯାଉଛନ୍ତି ବାଂଲାଦେଶର ଲୋକମାନେ? ଅକୃତଜ୍ଞତାର ସୀମା ସରହଦ ଡେଇଁ ଅମଣିଷ ହେବା କ'ଣ ସମିଚୀନ? ଅତ୍ୟାଧୁନିକ ଯୁଗରେ ସୈତାନ୍ ପିଶାଚର ମାନସିକତାକୁ କୋଳେଇ ନେବା କ'ଣ ଠିକ୍?

ଭାରତରେ ଯେଉଁମାନେ ଗାଜାକୁ ନେଇ ଛାତି ପିଟି କାନ୍ଦୁଛନ୍ତି, ବାଂଲାଦେଶର ପରିସ୍ଥିତିକୁ ନେଇ କାହିଁ ତ କାହାରି ପାଟି ଖୋଲୁନି? ଏଇଥିରୁ ବୁଝି ହେଉଛି ସେମାନଙ୍କର ମାନସିକତା। ଯେଉଁ ଭାରତୀୟ ମାନଙ୍କର ଗାଜା ପରିସ୍ଥିତିକୁ ନେଇ ହୃଦୟ ଦି'ଫାଳ ହେଇ ଯାଉଛି, ବାଂଲାଦେଶରେ ହିନ୍ଦୁ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ନିର୍ମମ ଅତ୍ୟାଚାର ଉପରେ ସେମାନେ ମଉନ କାହିଁକି? ବାଂଲାଦେଶୀ ଓ ରୋହିଙ୍ଗିଆ ଏ ଦେଶରେ କୋଟି କୋଟି ସଂଖ୍ୟାରେ ଆଡ୍ଡା ଜମେଇବାରେ ଲାଗିଛନ୍ତି। ସେମାନଙ୍କୁ କିଏ ପ୍ରୋତ୍ସାହନ ଦେଉଛି ଓ ଉଦ୍ଦେଶ୍ୟ କ'ଣ? ଏଥିରୁ ବହୁତ କିଛି ବୁଝା ପଡୁଛି। ଭାରତୀୟମାନଙ୍କ ପାଇଁ ସତର୍କ ଓ ସଜାଗ ହେବାର ସମୟ ଆସିଛି। ବାଂଲାଦେଶ ପରିସ୍ଥିତି ଅନେକ କିଛି ସୂଚେଇ ଦେଉଛି। ବର୍ତ୍ତମାନ ସମୟରେ ପ୍ରତ୍ୟେକ ଦେଶପ୍ରେମୀ ଭାରତୀୟ ନିଜର ବିବେକକୁ ପଚାରିବା ଦରକାର ପ୍ରକୃତରେ ଏଭଳି ପରିସ୍ଥିତିରେ କ'ଣ କରାଯିବାର ଆବଶ୍ୟକତା ରହିଛି। ସତର୍କ ନରହିଲେ କୁଆଡ଼େ ଯିବେ ହିନ୍ଦୁ ଶିଖ୍ ଓ ଅନ୍ୟାନ୍ୟ ସଂପ୍ରଦାୟର ଲୋକମାନେ ଭାରତ ଛାଡ଼ି। ମେଲେରିଆ ରୋଗର ସଂପୂର୍ଣ୍ଣ ନିରାକରଣ ପାଇଁ ଯଥେଷ୍ଟ କୁଇନାଇନ୍ ବଟିକାର ବନ୍ଦୋବସ୍ତ ଜରୁରି। ଭାରତ ସରକାର ଭାରତର ସୁରକ୍ଷା, ସଭ୍ୟତା, ସଂସ୍କୃତିକୁ ଅଧିକ ଦୃଢ଼ୀଭୂତ କରିବା ସହିତ ବାଂଲାଦେଶର ସଂଖ୍ୟା ଲଘୁଙ୍କ ସୁରକ୍ଷା ପାଇଁ ଭାବିଚିନ୍ତି ତୁରନ୍ତ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମନେହୁଏ।




କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ମଙ୍ଗଳା ମହାବିଦ୍ୟାଳୟର +୩ ଶ୍ରେଣୀ ପାଇଁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଚଳିତ ଡ଼ିସେମ୍ବର ୩ତାରିଖ ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ୧୦ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବରେ କଲେଜର ଅଧ୍ୟକ୍ଷ ଡ଼ଃ ବିନୋଦ ବିହାରୀ ବେହୁରା ଅଧ୍ୟକ୍ଷତା କରି ପ୍ରଶିକ୍ଷଣ ନେଇଥିବା ପିଲା ଓ ଅଧ୍ୟାପକ ଅଧ୍ୟାପିକା ମାନଙ୍କର ସହଯୋଗ କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଶିବିରର ସଂଯୋଜିକା ଅଧ୍ୟାପିକା ନିରୋଦ ନଳିନୀ କର ଶିବିରର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଇତିହାସ ବିଭାଗର ପ୍ରାଧ୍ୟାପିକା ଚୌଧୁରୀ ସନ୍ଧ୍ୟାରାଣୀ ଦାଶ ମୁଖ୍ୟ ଅତିଥି ଓ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ନୃସିଂହ ଚରଣ ବିଶ୍ୱାଳ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଏଭଳି ଶିବିର ଆୟୋଜନ ଦ୍ୱାରା ବାଳିକାମାନେ ଶାରୀରିକ ଓ ମାନସିକ ସ୍ତରରେ ଦୃଢ଼ ଭାବରେ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିବେ ବୋଲି ମନ୍ତବ୍ୟ ରଖିଥିଲେ। ଉପସ୍ଥିତ ଥିବା ସଂଗ୍ରାମ ଛାଟୋଇ, ଲଲାଟେନ୍ଦୁ ସ୍ୱାଇଁ ଓ ମନୋଜ କୁମାର ନାୟକ ପ୍ରମୁଖ ଅଧ୍ୟାପକ ମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କ ମଧ୍ୟରୁ ଅନୁଷ୍କା ଜେନା ଶିବିରର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରରେ ଅଧ୍ୟାପିକା ଡ଼ ଚିନ୍ମୟୀ ମିଶ୍ର ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

# ସର୍ଭିସ ରୋଡରେ କେନାଲ ପାଣି, ଯାତ୍ରୀ ହୀନସ୍ତା



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ଅନେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଲୋକଙ୍କ ପାଇଁ କାଳ ହୋଇଛି। ଠିକା କମ୍ପାନୀର ମନମୁଖୀ ନିର୍ମାଣକୁ ବିନା ତଦାରଖରେ ସ୍ୱୀକୃତି ଦିଆଯାଇଥିବାରୁ ଲୋକେ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। କେନ୍ଦୁଝର ସହରରୁ ବାହାରି ବଡବିଲ ରାସ୍ତାରେ ଜାତୀୟ ରାଜପଥର ୨୧୫(ଏବେର ୨୦) କୁ ଧରିବାକୁ ହେଲେ ବାଲିଆଗୋଡା ଅଣ୍ଡରପାସ୍ ଦେଇ ଯିବାକୁ ହୋଇଥାଏ। ଏହି ଅଣ୍ଡରପାସ ଓ ଏଠାକାର ସର୍ଭିସ ରୋଡର ତ୍ରୁଟିପୂର୍ଣ୍ଣ ନିର୍ମାଣ କାରଣରୁ ଲୋକେ କେତେ ଅସୁବିଧା ଭୋଗୁଛନ୍ତି ନଦେଖିବା ଲୋକ ବୁଝିପାରିବ ନାହିଁ। ରାସ୍ତାର ପାଣି କୁଆଡେ ନଯାଇ ଅଣ୍ଡର ପାସ ତଳେ ଜମି ରହୁଛି। ଫଳରେ ଉକ୍ତ ରାସ୍ତା ଅସୁରକ୍ଷିତ ହୋଇ ପଡିବା ସହ ଯାତାୟତରେ ସମସ୍ୟା ସୃଷ୍ଟି କରୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ଏନ୍‌ଏଚ୍‌ଏଆଇ କିମ୍ବା କ୍ଷୁଦ୍ର ଜଳସେଚନ ବିଭାଗ କେହି ପଦକ୍ଷେପ ନେଉନାହାଁନ୍ତି। ସର୍ଭିସ ରୋଡ ଉପରେ ପାଣି ଜମି ରହିବାରୁ ଏଠାରେ ପ୍ରତ୍ୟହ ଦୁର୍ଘଟଣା ଘଟି ଚାଲିଛି। ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି ସାନମାଛକାନ୍ଦଣା ବନ୍ଧରୁ ଆସିଥିବା କେନାଲ। ଜାତୀୟ ରାଜପଥ ତିଆରି ସମୟରେ କେନାଲ ଭଲ ଥିଲା। ଏହି କେନାଲର ପାଣି ବାଲିଆଗୋଡା ଅଞ୍ଚଳର ୫୦୦ ହେକ୍ଟରରୁ ଅଧିକ ଚାଷ ଜମିକୁ ମାଡୁଥିଲା। ପାଣିର ସୁବିଧା ଥିବାରୁ ଚାଷୀ ଧାନ ଫସଲ ସାଙ୍ଗକୁ ଅନ୍ୟାନ୍ୟ ଫସଲ କରି ସ୍ୱାବଲମ୍ବୀ ହୋଇ ପାରୁଥିଲେ। କିନ୍ତୁ ୨୦୧୪ରୁ ରାସ୍ତା କାମ ହେବାବେଳେ କେନାଲର ପୂର୍ବ ଡିଜାଇନକୁ ଭାଙ୍ଗି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭୁଲ୍ ଡିଜାଇନ କରି ଦେବାରୁ କେନାଲରେ ପାଣି ଯିବାରେ ବାଧକ ହେଉଛି। ଫଳରେ ପାଣି ବାଲିଆଗୋଡା ଅଣ୍ଡରପାସ ତଳେ ଜମି ରହୁଛି। ଏଥିଯୋଗୁଁ ରାସ୍ତା ମଧ୍ୟ ଖରାପ ହେଲାଣି ଏବଂ ଅଣ୍ଡରପାସର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଲାଣି। ଏ ବାବଦରେ ସ୍ଥାନୀୟ ଲୋକେ ଅନେକ ଥର ଜାତୀୟ ରାଜପଥ ପ୍ରାଧିକରଣ, ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଫଳ ଶୂନ। ଏଥିପାଇଁ ଲୋକେ ଏଠାରେ ପୂର୍ବରୁ ରାସ୍ତାରୋକ କରିଥିଲେ ମଧ୍ୟ ପ୍ରଶାସନ କିନ୍ତୁ ନୀରବ। ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ୨୦ ଏବେ ଅଞ୍ଚଳବାସୀଙ୍କ ପାଇଁ ସୁବିଧା ହେବା ବଦଳରେ ସମସ୍ୟା ହୋଇ ଠିଆ ହୋଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ, କ୍ଷୁଦ୍ର ଜଳସେଚନ ବିଭାଗ, ଜିଲ୍ଲା ପ୍ରଶାସନ ଏହାର ସମାଧାନ ନକଲେ ଆଗାମୀ ଦିନରେ ଅନେକ ସମସ୍ୟା ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ। ଏ ସଂପର୍କରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସୁଧାଂଶୁ ସାହୁଙ୍କୁ ପଚାରିବାରୁ ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି।

# ଜିଲ୍ଲା ଶିକ୍ଷାଧିକାରୀଙ୍କ ସ୍ୱେଚ୍ଛାଚାରୀ ନିଷ୍ପତ୍ତି ଓ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟାହର ପାଇଁ ନିବେଦନ

ବ୍ରହ୍ମପୁର(ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଜଣେ କନିଷ୍ଠ କିରାଣୀ ପଙ୍କଜ କୁମାର ପାଣିଗ୍ରାହୀଙ୍କୁ ଚାକିରୀରୁ ବହିଷ୍କାର କରି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଏକ ଗରୀବ ପରିବାରକୁ ଦାଣ୍ଡର ଭିକାରୀ କରିଦେଇଛନ୍ତି। ସମସ୍ତ ଆବେଦନ ନିବେଦନ ସତ୍ତ୍ୱେ ଅମାନବୀୟ ଭାବେ ଜଣେ ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କାର କରିବା ବିରୋଧରେ ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ବିଭିନ୍ନ ପତ୍ର ପତ୍ରିକା ମାଧ୍ୟମରେ ନିଜର ଅସନ୍ତୋଷ ପ୍ରକାଶ କରାଯାଇଛି। ଜଣକୁ ଚାକିରୀ ଦେଇ ନପାରିବା ବେଳେ ନିଜର ସ୍ୱେଚ୍ଛାଚାରୀ ନିଷ୍ପତ୍ତି ଦ୍ୱାରା କିଭଳି ଗୋଟିଏ ପରିବାରକୁ ସର୍ବସ୍ୱାନ୍ତ କରାଯାଇପାରେ ତା'ର ଜ୍ୱଳନ୍ତ ଉଦାହରଣ ହେଉଛି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟକଳାପ। ତାଙ୍କର ଏହି ନିଷ୍ପତ୍ତି ପ୍ରତ୍ୟାହାର କରି କନିଷ୍ଠ କିରାଣୀ ପଙ୍କଜ କୁମାର ପାଣିଗ୍ରାହୀଙ୍କୁ ପୁନଃ ଅବସ୍ଥାପିତ କରିବାପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅଦ୍ୟ ଗଞ୍ଜାମ ଜିଲ୍ଲା ଶିକ୍ଷା ବଞ୍ଚାଅ ଅଭିଯାନ ତରଫରୁ ମହାମହିମ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ନିବେଦନ ପତ୍ର ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ପ୍ରଦାନ କରାଯାଇଛି। ସଭାପତି ରବି ରଥଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ତଥା ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଉପସଭାପତି ତଥା ରାଜ୍ୟ ସେବାନିବୃତ୍ତ ବିକାଶ ମଞ୍ଚର ସଂପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଓଷ୍ଟାର ଗଞ୍ଜାମର ପୂର୍ବତନ ସଂପାଦକ ତଥା ଅଭିଯାନର ସାଧାରଣ ସମ୍ପାଦକ କାମରାଜୁ ମହାରଣାଙ୍କ ସମେତ ଶିକ୍ଷକ ମହାସଂଘର ସଂପାଦକ ଅଶୋକ କୁମାର ଦଳାଇ, ସମାଜସେବୀ ମାନସ ରଞ୍ଜନ ତ୍ରିପାଠୀ, ସାମ୍ବାଦିକ ରଞ୍ଜନ କୁମାର ସାହୁ, ସୁଶାନ୍ତ କର, ପବିତ୍ର କୁମାର ଚୌଧୁରୀ, ସମାଜସେବୀ ରାମକୃଷ୍ଣ ପାତ୍ର, କାଳୀ ଦାସ ପ୍ରମୁଖ ଉପସ୍ଥିତ ରହି ଆରଡିସିଙ୍କୁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଅବଗତ କରାଇଥିଲେ।



# ବିପୁଳ ପରିମାଣର ମଦ ଜବତ, ୨ଗିରଫ



ବାଲିମେଳା (ଭାସ୍କର ନ୍ୟୁଜ୍) : ଗୁରୁବାର ସକାଳ ପ୍ରାୟ ୬ଟା ୩୦ମିନିଟ ସମୟରେ ମାଲକାନଗିରି ଜିଲ୍ଲା ବାଲିମେଳା ଅବକାରୀ ବିଭାଗର ଓଆଇସି ରମେଶ ଚନ୍ଦ୍ର ସାହୁକାରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବାଲିମେଳା-ମାଲକାନଗିରି ମୁଖ୍ୟ ରାସ୍ତାର ଟେକଗୁଡା ଓ ପୋଟ୍ରେଲ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଟେକଗୁଡା ଗ୍ରାମ ନିକଟରେ ସେହି ବାଟ ଦେଇ ଜଣେ ବ୍ୟକ୍ତି ଏକ ପ୍ଲାଷ୍ଟିକ ବ୍ୟାରେଲରେ କିଛି ତରଳ ପଦାର୍ଥ ନେଇ ଯାଉଥିଲେ। ତେବେ ଅବକାରୀ କର୍ତ୍ତୃପକ୍ଷ ଏହାକୁ ଦେଖି ସନ୍ଦେହ ହେବାରୁ ଉକ୍ତ ବ୍ୟକ୍ତି ଜଣଙ୍କୁ ସେଠାରେ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ବ୍ୟକ୍ତିଙ୍କ ନିକଟରେ ଥିବା ବ୍ୟାରେଲରୁ ମୋଟ ୨୦ଲିଟର ଦେଶୀ ମଦ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ବ୍ୟକ୍ତିକୁ ଗିରଫ କରିବା ସହ ତାଙ୍କ ନିକଟରେ ଥିବା ଦେଶୀ ମଦକୁ ଜବତ କରାଯାଇଥିଲା। ତେବେ ଟେକଗୁଡା ଗ୍ରାମ ନିକଟରେ ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ନାମ ସନ୍ତୋଷ ନାଗ (୨୯) ହୋଇଥିବା ବେଳେ ସେ କୋରୁକୋଣ୍ଡା ସାଦରରେ ଥିବା ହରିଜନ ସାହିର ଗ୍ରାମର ବୋଲି ଜଣାପଡିଛି। ତେବେ ଏହି ପାଟ୍ରୋଲିଂ ଟିମ୍ ସନ୍ତୋଷଙ୍କ ସହ ଜବତ ହୋଇଥିବା ଦେଶୀ ମଦକୁ ଧରି ବାଲିମେଳା ଅଭିମୁଖେ ଆସୁଥିବା ସମୟରେ ପୋଟ୍ରେଲ ଛକ ନିକଟରେ ଜଣେ ବ୍ୟକ୍ତି ମୋଟର ସାଇକେଲ ଯୋଗେ ଏକ ବ୍ୟାରେଲରେ କିଛି ତରଳ ପଦାର୍ଥ ନେଉ ଯାଉଥିବା ଦେଖି ଅବକାରୀ ବିଭାଗର ଏହି ଟିମ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ଉକ୍ତ ବାଇକରେ ଥିବା ବ୍ୟାରେଲରେ ପ୍ରାୟ ୩୦ଲିଟର ଦେଶୀ ମଦ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ଉକ୍ତ ବାଇକ ସହ ଦେଶୀ ମଦକୁ ଜବତ ଜବତ କରାଯିବା ସହ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିକୁ ଗିରଫ କରାଯାଇଛି। ତେବେ ଏଠାରେ ଗିରଫ ହୋଇଥିବା ବ୍ୟକ୍ତି ଜଣକଙ୍କ ନାମ ମୁନା ହରିଜନ(୨୯) ହୋଇଥିବା ବେଳେ ତାଙ୍କ ଘର ବରିଗୁମା ଅଞ୍ଚଳର ସେ ଦୀର୍ଘଦିନ ହେବ କୋରୁକୋଣ୍ଡା ସ୍ଥିତ ହରିଜନ ସାହିରେ ରହୁଥିବା ଜଣା ପଡିଛି। ତେବେ ଏନେଇ ବାଲିମେଳା ଅବକାରୀ ବିଭାଗ ପକ୍ଷରୁ ପ୍ରଥମେ ଗିରଫ ହୋଇଥିବା ସନ୍ତୋଷଙ୍କ ବିରୁଦ୍ଧରେ କେସ ନମ୍ବର ୧୩୯/୨୪ ଓ ପୋଟ୍ରେଲ ଛକରେ ଗିରଫ ହୋଇଥିବା ମୁନାଙ୍କ ବିରୁଦ୍ଧରେ ଅନ୍ୟ ଏକ କେସ ନମ୍ବର ୧୪୦/୨୪ରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ଆଜି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବାଲିମେଳା ଅବକାରୀ ବିଭାଗର ଓଆଇସି ଶ୍ରୀ ସାହୁକାର ସୂଚନା ଦେଇଛନ୍ତି। ଏହି ଚଢ଼ାଉ ସମୟରେ ବାଲିମେଳା ଅବକାରୀ ବିଭାଗର ଏଏସଆଇ ରାମ ହନ୍ତାଳ, ପଣ୍ଡା ନାଗେଶ, ମୁରଲୀ ରାଜାକ, ସରିତା ନାୟକଙ୍କ ସମେତ ଅନ୍ୟ ଅବକାରୀ ଷ୍ଟାଫ ସାମିଲ ଥିଲେ।

# ଘଞ୍ଚ ବଣ ପାହାଡ଼ ଘେରରେ କାମର୍ଦା କୋହ୍ଲସାହି ବସ୍ତି

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଦେଶ ସ୍ୱାଧୀନତା ହେବାର ୭୭ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକଙ୍କ ମୌଳିକ ସୁବିଧା ସୁଧୁରି ନାହିଁ। ଏପରି ଏକ ଦୃଷ୍ଟାନ୍ତ ଦୃଶ୍ୟ ଦେଖିବାକୁ ମିଳିଛି ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପଥରଖୁମ୍ବ ପଞ୍ଚାୟତର କମର୍ଦା କୋହ୍ଲସାହିରେ। ଉକ୍ତ ପଞ୍ଚାୟତର ଭୌଗୋଳିକ ରୂପରେଖ ଜନସାଧାରଣଙ୍କୁ ଚକିତ କରିଦେଇଛି। ଏହି ପଥରଖୁମ୍ବ ପଞ୍ଚାୟତରେ କାମର୍ଦା ଗାଁ ଅନ୍ତର୍ଭୁକ୍ତ ଥିବାବେଳେ ପଞ୍ଚାୟତଟି ଏପରି ଗଠନ କରାଯାଇଛି ତାହା ବୁଦ୍ଧିଜୀବୀ ମହଲରେ ଆଜି ପର୍ଯ୍ୟନ୍ତ ଚର୍ଚ୍ଚା ଚାଲିଛି। କାରଣ କାମର୍ଦା ଗାଁ ମୁକ୍ତାପଶି ଠାରୁ ଦୀର୍ଘ ୭ କିଲୋମିଟର ଦୂରରେ ରହିଥିବା ବେଳେ ଏହି ଗାଁର ଲୋକମାନେ ମୁକ୍ତାପଶି ଗାଁ ନିକଟରେ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ପଥରଖୁମ୍ବ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହେଲେ ୧୨ କିଲୋମିଟର ଯିବାକୁ ପଡୁଛି। ଏହିପରି ଅବସ୍ଥାରେ ଉକ୍ତ ପଞ୍ଚାୟତଟି ଗଠିତ ହୋଇଛି। ଯାହାକି କାମର୍ଦା ଗ୍ରାମର କୋହ୍ଲସାହି ଅଧିବାସୀମାନେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିଲେ ମଧ୍ୟ ରାଜନେତା ହେଉ କିମ୍ବା ଜିଲ୍ଲା ପ୍ରଶାସନ ହେଉ ଏମାନଙ୍କ କଥା ଶୁଣୁଛି କିଏ ? ଏହି କାମର୍ଦା ଗ୍ରାମ ଠାରୁ ପ୍ରାୟ ଦୁଇ କିଲୋମିଟରରୁ ଊର୍ଦ୍ଧ୍ୱ ଘଞ୍ଚ ଅରଣ୍ୟ ବଣ ପାହାଡ ନାଳ ଅତିକ୍ରମ କରି ପହଞ୍ଚିବାକୁ ପଡ଼ିଥାଏ କୋହ୍ଲ ସାହିରେ। ଏହି ସାହିରେ କେବଳ କୋହ୍ଲ ଓ ମୁଣ୍ଡା ସମ୍ପ୍ରଦାୟର ୬୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାହିରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ରହିଥିବା ବେଳେ ଏହା ପାଖକୁ ଲାଗି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସାହିର ମୌଳିକ ସୁବିଧା କହିଲେ କାମର୍ଦା ଗ୍ରାମରୁ ଯାଇଥିବା ପାଣି ଟାଙ୍କିର ପାନୀୟ ଜଳ ଓ ବିଦ୍ୟୁତ୍ ସଂଯୋଗ। ପୁଣି ଏଥିରେ ଅନେକ ବ୍ୟତିକ୍ରମ, କାରଣ ପାନୀୟ ଜଳ ଦିନେ ପାଇଲେ ଦିନେ ବନ୍ଦ। ଏପଟେ ବିଦ୍ୟୁତ୍ ସେବା ଲୋ-ଭୋଲ୍‌ଟେଜ୍, ଏହିପରି ସମସ୍ୟା ଘେରରେ ଦୀର୍ଘବର୍ଷ ଧରି ବସବାସ କରୁଥିବା କୋହ୍ଲ ସାହିର ଭୌଗୋଳିକ ରୂପରେଖ ରହିଥିବା ବେଳେ, ସାହିର ବସ୍ତିବାସିନ୍ଦାମାନେ ଗମନାଗମନ କରିବା ପାଇଁ ରାସ୍ତା ଉପରେ ବଡ ବଡ଼ ଗଛ ଠିଆ ହୋଇଛି। ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ପାଇଁ ଅଧୁରା ସ୍ୱପ୍ନ ହୋଇ ରହିଛି, ତତ୍‌ସହିତ ସିଆରିମାଳିଆ ବସ୍‌ଷ୍ଟାଣ୍ଡ ଯିବାକୁ ନାଳଥିବାରୁ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ, ବର୍ଷାଦିନେ ଚଳପ୍ରଚଳ କରିବା ବସ୍ତିବାସିନ୍ଦାଙ୍କ ପାଇଁ ଚିନ୍ତାର କାରଣ ପାଲଟେ। ଆଉ ପଞ୍ଚାୟତ ନିର୍ବାଚନ କିମ୍ବା ସାଧାରଣ ନିର୍ବାଚନ ଆସିଲେ ସାହିର ଭୋଟ ହାତେଇବା ପାଇଁ ନେତାଙ୍କ ଅନେକ ପ୍ରତିଶ୍ରୁତି ପାଇଆସୁଥିବା ବସ୍ତି ଲୋକଙ୍କ ଅଭିଯୋଗ। ସାହିର ଲୋକମାନେ ଚତୁଃର୍ଦ୍ଦିଗ ବଣ ଜଙ୍ଗଲ ଘେରରେ ରହି ଜଙ୍ଗଲି ହିଂସ୍ର ଜୀବଜନ୍ତୁମାନଙ୍କ ସହିତ ଜୀବନକୁ ବାଜି ଲଗାଇ କାଳାତିପାତ କରୁଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ସାହିର ବସ୍ତିବାସିନ୍ଦାଙ୍କ ପାଇଁ ମୌଳିକ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ରଖିଛନ୍ତି।



# ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ୍ ସେମିରେ ଏସିସି କ୍ରିକେଟ କ୍ଲବ୍




ଭାପୁର(ଭାସ୍କର ନ୍ୟୁଜ୍): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମର ନାଲିସାଗର ଖେଳ ପଡ଼ିଆରେ ଗୁରୁବାର ଅନୁଷ୍ଠିତ ସର୍ବ ଭାରତୀୟ ୧୫ତମ ସଦାଶିବ ସ୍ମାରକୀ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏଏଣ୍ଡଏସ କଲକତା ସହିତ ଆଦର୍ଶ କ୍ରିକେଟ କ୍ଲବ୍ ବାଲେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। କଲକତା ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତି ନେଇ ୧୭.୪ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୮୪ ରନ୍ କରିଥିଲା ଜବାବରେ ବାଲେଶ୍ୱର ଟିମ୍ ୧୭.୫ ଓଭରରେ ୯୦ ରନ୍ କରି ୩ ୱିକେଟରେ ଖେଳ ଜିତିଥିଲା ଏବଂ କ୍ୟାପଟେନ ଜ୍ଞାନେନ୍ଦ୍ର ପରିଡ଼ା ୪ ଓଭର ରେ ୧୮ ରନ୍, ୪ ୱିକେଟ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ଆସନ୍ତା କାଲି ଶୁକ୍ରବାର ସମ୍ବଲପୁର ସହିତ ବାଲେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ। ଖେଳରେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର ସାହୁ, ଭାପୁର ବ୍ଲକ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସରୋଜ କୁମାର ରଣସିଂହ ଅତିଥି ରୂପେ ଯୋଗଦେଇଥିଲେ।

# ଉରାଳୀ ପଞ୍ଚାୟତରେ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ

ଫୁଲନଖରା(ଭାସ୍କର ନ୍ୟୁଜ୍): ସଦର ବ୍ଲକ ଅନ୍ତର୍ଗତ ଉରାଳୀ ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ଅଭିଷେକ ବେହେରା ଅତିଥିରୂପେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ପଞ୍ଚାୟତର ମୋଟ ୩୬ଜଣ ହିତାଧିକାରୀଙ୍କୁ ୩ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତକୁମାର ଦାଶ, ହିସାବ ରକ୍ଷକ ଚନ୍ଦ୍ରକାନ୍ତ ସାହୁ, କର୍ମଚାରୀ ପତିତପାବନ ବାରିକ ପ୍ରମୁଖ ଉପସ୍ଥିତ ରହି କର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହାଡ଼ଭଙ୍ଗା ଶୀତରେ ଥରୁଛି ମୟୂରଭଞ୍ଜ, ୫ ଡିଗ୍ରୀକୁ ଖସିଲା ପାରଦ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ହାଡ଼ଭଙ୍ଗା ଶୀତରେ ଥରୁଛି ମୟୂରଭଞ୍ଜ। ଆଜି ମୟୂରଭଞ୍ଜ ଜିଲ୍ଲାର ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ କୁ ଖସିଛି। କିଛିଦିନ ହେଲାଣି ଶିମିଳିପାଳ ଏବଂ ଶିମିଳିପାଳ ପାଦଦେଶରେ ଥିବା ଗାଁ ଗୁଡ଼ିକରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ବିଶେଷ କରି ଠାକୁରମୁଣ୍ଡା, କରଞ୍ଜିଆ ଯଶିପୁର, ରରୁଆ ଏବଂ ଶୁକୃଳି ବ୍ଲକରେ କୁହୁଡି ସହିତ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି।



ହାଡ଼ଭଙ୍ଗା ଶୀତ ଯୋଗୁଁ ସକାଳେ ଏବଂ ସନ୍ଧ୍ୟା ୭ଟା ପରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଉଛି। ଆଜି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ଥିବା ଚହଲା ଏବଂ ଉପର ବାରା କାମୁଡାରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଲଘୁଚାପ ଜନିତ ବର୍ଷା ଯୋଗୁଁ ଥଣ୍ଡା ଟିକେ କମିଥିଲା ପୁଣି ଡେରିରେ ହେଲେ ମଧ୍ୟ ଶୀତର ପ୍ରକପ ଏବେ ବଢୁଛି।

## *ଅଧାପନ୍ତରିଆ ହୋଇ ପଡ଼ିଛି ତିହିଡ଼ି ମିନି ଷ୍ଟାଡିୟମ*

# ୧୩ବର୍ଷ ପରେ ବି ହୋଇପାରୁନି କ୍ରୀଡା ଉପଯୋଗୀ

ତିହିଡି(ଭାସ୍କର ନ୍ୟୁଜ୍): ତିହିଡ଼ି ବ୍ଲକରେ ଥିବା ଏକମାତ୍ର ମିନି ଷ୍ଟାଡିୟମ ଖେଳାଳିମାନଙ୍କ ପାଇଁ ନୈରାଶ୍ୟ ଭାବ ସୃଷ୍ଟି କରିଛି। କ୍ରୀଡାର ଭିତ୍ତିଭୂମିକୁ ସୁଦୃଢ କରିବା ଲକ୍ଷ୍ୟରେ ତିହିଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ୨୦୧୧ ମସିହାରେ ମିନି ଷ୍ଟାଡିୟମ ନିର୍ମାଣ କରାଯାଇ ଥିଲେ ମଧ୍ୟ ଏହା ଏଯାଏ କ୍ରୀଡ଼ା ଉପଯୋଗୀ ହୋଇପାରିନାହିଁ। ଷ୍ଟାଡିୟମଟି ଅଧାପନ୍ତରିଆ ଭାବରେ ପଡ଼ି ରହିଥିବା ଜଣାପଡ଼ିଛି। ଏପରିକି ଷ୍ଟାଡିୟମରେ ୩୦ଲକ୍ଷ ଟଙ୍କା ବିନିଯୋଗ ହୋଇସାରିବା ପରେ ବି ଏହା କ୍ରୀଡା ଉପଯୋଗୀ ହୋଇନପାରିବା କ୍ରୀଡାପ୍ରେମୀଙ୍କୁ ବିସ୍ମିତ କରିଛି। ତିହିଡି ସରକାରୀ ହାଇସ୍କୁଲ ପାର୍ଶ୍ୱରେ ଏହି ମିନି ଷ୍ଟାଡିୟମ ଅବସ୍ଥିତ। ସାମ୍ନାରେ ଥିବା ଫାଟକରୁ ମିନି ଷ୍ଟାଡିୟମ ବୋଲି ଯାହା ସୂଚନା ମିଳୁଛି। ଫାଟକ ସାମ୍ନା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଖାନା ପାଲଟିଛି। ଷ୍ଟାଡିୟମ ଉଚ୍ଚାଖାଲ ହୋଇଥିବା ବେଳେ ବିଭିନ୍ନ ପ୍ରକାର ଘାସରେ ପରିପୂର୍ଣ୍ଣ। ତେବେ ଷ୍ଟାଡିୟମର ଉନ୍ନତିକରଣ ପାଇଁ ୨୦୧୧ରେ ସରକାରଙ୍କ ପକ୍ଷରୁ ୩୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲା। ଏହି ଅର୍ଥର ବିନିଯୋଗ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ଚୟନ କରାଯାଇଥିଲା। ତେବେ ଷ୍ଟାଡିୟମ ସ୍ଥଳରେ ନାମକୁମାତ୍ର କିଛି ମାଟି ପକାଯାଇଥିଲା ଏବଂ ଷ୍ଟାଡିୟମ ପାର୍ଶ୍ୱରେ ଏକ ଘର ନିର୍ମାଣ କରାଯାଇଥିଲା। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଯେଉଁ ଘର ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ତେବେ କୌତୁହଳର ବିଷୟ ହେଉଛି ସେହି ଘର ପାର୍ଶ୍ୱରେ ଏବେ ଏକ ନୂତନ ଘରର ନିର୍ମାଣ କାର୍ଯ୍ୟ ହୋଇଛି। ପୂର୍ବରୁ ନିର୍ମିତ ଘରର ଯତ୍ନ ନିଆଯାଇ ପାରୁନଥିବା ବେଳେ କେଉଁ ଉଦ୍ଦେଶ୍ୟରେ ଅନ୍ୟ ଏକ ଗୃହ ନିର୍ମଣ ହୋଇଛି ତାହା ସ୍ପଷ୍ଟ ଜଣାପଡିନାହିଁ। ତେବେ ଷ୍ଟାଡିୟମକୁ ପ୍ରଥମେ କ୍ରିଡା ଉପଯୋଗୀ କରାନଯାଇ ଗୃହ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବା ଯୁକ୍ତିସଙ୍ଗତ ନୁହେଁ ବୋଲି କୁହାଯାଇଛି। ବର୍ଷାଦିନେ ଷ୍ଟାଡିୟମରେ ପାଣି ଭର୍ତ୍ତି ହୋଇଯାଉଥିବାରୁ ସେଠାରେ କେତେ ମାଟି ପକାଯାଇଛି ତାହା ତଦନ୍ତ ସାପେକ୍ଷ। ତିହିଡି ବ୍ଲକରେ ଯେଉଁ ଲକ୍ଷ୍ୟ ନେଇ ମିନି ଷ୍ଟାଡିୟମ ନିର୍ମାଣ କରାଯାଇଥିଲା ତାହା ବର୍ଷବର୍ଷ ପରେ ବି ପୂରଣ ନହେବା କ୍ରୀଡା ବିଭାଗ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଷ୍ଟାଡିୟମ ନଥିବାରୁ ସରକାରୀ ଭାବରେ ବିଭିନ୍ନ ଖେଳ କାଳୀପଡ଼ିଆରେ କରାଯାଉଛି। ପଡ଼ିଆଟି ଖେଳ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ହୋଇନଥିବାରୁ ଖେଳାଳିମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ତେବେ ନୂତନ ସରକାରଙ୍କର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତିହିଡ଼ି ମାଟିର ପୁଅ ସୂର୍ଯ୍ୟବଂଶୀ ସୂରଜ ରହିଛନ୍ତି। ଯେଉଁଥିପାଇଁ ମିନି ଷ୍ଟାଡିୟମଟି ସମ୍ପୂର୍ଣ୍ଣ ନିର୍ମାଣ ହୋଇ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଜନସାଧାରଣଙ୍କ ମନରେ ଆଶା ସଂଚାର କରିଥିବା ଜଣାପଡ଼ିଛି।





ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ମହେନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକ ପ୍ରଶାସନ ଆୟୋଜକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନ କରିଥିବା ବେଳେ, ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, କନ୍ଦରସିଂହା ସରପଞ୍ଚ ତଥା ବ୍ଲକ ସରପଞ୍ଚ ସଂଘ ସଭାପତି ବିଜେନ୍ଦ୍ର ସାହୁ, ସରପଞ୍ଚ ସୁନିଲ କୁମାର ଧଳ, ବଳଭଦ୍ର ସାହୁ, ସସ୍ମିତା ସାହୁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ଶିବିରରେ ମାନସିକ ଅନଗ୍ରସର ୧୩୨ ଜଣ, ଅସ୍ଥିଶଲ୍ୟ ୨୯୮ ଜଣ, ଶ୍ରବଣ ବାଧିତ ୯୪ ଜଣ, ଦୃଷ୍ଟି ବାଧିତ ୭୫ ଜଣ, ଭେଷଜ ଆଦି ରୋଗ ଉପରେ ମୋଟ ୬୨୪ ଜଣ ପଞ୍ଜୀକୃତ କରିଥିବା ଜଣାପଡିଛି । ବ୍ଲକ ଅତିରିକ୍ତ ବିଡ଼ିଓ ଝରଣା ସାମଲଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସାମନ୍ତରାୟ, ବାନାମ୍ବର ନାୟକ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିରକୁ ସହଯୋଗ ରଖିଥିଲେ ।



# ବାଲିଆଗୋଡ଼ା ସର୍ଭିସ୍ ରୋଡ୍‌ରେ କେନାଲ ପାଣି, ଯାତ୍ରୀ ହୀନସ୍ତା

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ଅନେକ ସ୍ଥାନରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଲୋକଙ୍କ ପାଇଁ କାଳ ହୋଇଛି । ଠିକା କମ୍ପାନୀର ମନମୁଖୀ ନିର୍ମାଣକୁ ବିନା ତଦାରଖରେ ସ୍ୱୀକୃତି ଦିଆଯାଇଥିବାରୁ ଲୋକେ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି । କେନ୍ଦୁଝର ସହରରୁ ବାହାରି ବଡବିଲ ରାସ୍ତାରେ ଜାତୀୟ ରାଜପଥର ୨୧୫(ଏବେର ୨୦) କୁ ଧରିବାକୁ ହେଲେ ବାଲିଆଗୋଡା ଅଣ୍ଡରପାସ୍ ଦେଇ ଯିବାକୁ ହୋଇଥାଏ । ଏହି ଅଣ୍ଡରପାସ୍ ଓ ଏଠାକାର ସର୍ଭିସ ରୋଡର ତ୍ରୁଟିପୂର୍ଣ୍ଣ ନିର୍ମାଣ କାରଣରୁ ଲୋକେ କେତେ ଅସୁବିଧା ଭୋଗୁଛନ୍ତି ନଦେଖିବା ଲୋକ ବୁଝିପାରିବ ନାହିଁ । ରାସ୍ତାର ପାଣି କୁଆଡେ ନଯାଇ ଅଣ୍ଡର ପାସ୍ ତଳେ ଜମି ରହୁଛି । ଫଳରେ ଉକ୍ତ ରାସ୍ତା ଅସୁରକ୍ଷିତ ହୋଇପଡିବା ସହ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି । ଏହାର ସ୍ଥାୟୀ ସମାଧାନ ପାଇଁ



ଏନ୍‌ଏଚ୍‌ଏଆଇ କିମ୍ବା କ୍ଷୁଦ୍ର ଜଳସେଚନ ବିଭାଗ କେହି ପଦକ୍ଷେପ ନେଉନାହାଁନ୍ତି । ସର୍ଭିସ ରୋଡ ଉପରେ ପାଣି ଜମି ରହିବାରୁ ଏଠାରେ ପ୍ରତ୍ୟହ ଦୁର୍ଘଟଣା ଘଟି ଚାଲିଛି । ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି ସାନମାଛକାନ୍ଦଣା ବନ୍ଧରୁ ଆସିଥିବା କେନାଲ । ଜାତୀୟ ରାଜପଥ ତିଆରି ସମୟରେ କେନାଲ ଭଲ ଥିଲା । ଏହି କେନାଲର ପାଣି ବାଲିଆଗୋଡା ଅଞ୍ଚଳର ୫୦୦ ହେକ୍ଟରରୁ ଅଧିକ ଚାଷ ଜମିକୁ ମାଡୁଥିଲା । ପାଣିର ସୁବିଧା ଥିବାରୁ ଚାଷୀ ଧାନ ଫସଲ ସାଙ୍ଗକୁ ଅନ୍ୟାନ୍ୟ ଫସଲ କରି ସ୍ୱାବଲମ୍ବୀ ହୋଇ ପାରୁଥିଲେ । କିନ୍ତୁ ୨୦୧୪ରୁ ରାସ୍ତା କାମ ହେବାବେଳେ କେନାଲର ପୂର୍ବ ଡିଜାଇନକୁ ଭାଙ୍ଗି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭୁଲ ଡିଜାଇନ କରି ଦେବାରୁ କେନାଲରେ ପାଣି ଯିବାରେ ବାଧକ ହେଉଛି । ଫଳରେ ପାଣି ବାଲିଆଗୋଡା ଅଣ୍ଡରପାସ୍ ତଳେ ଜମି ରହୁଛି । ଏଥିଯୋଗୁଁ ରାସ୍ତା ମଧ୍ୟ ଖରାପ ହେଲାଣି ଏବଂ ଅଣ୍ଡରପାସର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଲାଣି । ଏ ବାବଦରେ ସ୍ଥାନୀୟ ଲୋକେ ଅନେକ ଥର ଜାତୀୟ ରାଜପଥ ପ୍ରାଧିକରଣ, ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ ଫଳ ଶୂନ । ଏଥିପାଇଁ ଲୋକେ ଏଠାରେ ପୂର୍ବରୁ ରାସ୍ତାରୋକ କରିଥିଲେ ମଧ୍ୟ ପ୍ରଶାସନ କିନ୍ତୁ ନୀରବ । ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିବା ଜାତୀୟ ରାଜପଥ ୨୦ ଏବେ ଅଞ୍ଚଳବାସୀଙ୍କ ପାଇଁ ସୁବିଧା ହେବା ବଦଳରେ ସମସ୍ୟା ହୋଇ ଠିଆ ହୋଇଛି । ଜାତୀୟ ରାଜପଥ କର୍ତ୍ତୃପକ୍ଷ, କ୍ଷୁଦ୍ର ଜଳସେଚନ ବିଭାଗ, ଜିଲ୍ଲା ପ୍ରଶାସନ ଏହାର ସମାଧାନ ନକଲେ ଆଗାମୀ ଦିନରେ ଅନେକ ସମସ୍ୟା ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ । ଏ ସମ୍ପର୍କରେ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସୁଧାଂଶୁ ସାହୁଙ୍କୁ ପଚାରିବାରୁ ଏ ନେଇ ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରି ତୁରନ୍ତ ପଦକ୍ଷେପ ନେବାକୁ କୁହାଯାଇଛି ।

# ଛୋଟି-ମୁଗବାରି ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ



ଡେରାବିଶ, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଛୋଟି-ମୁଗବାରି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ କରଯାଇଛି । ଏହି ସମ୍ପ୍ରସାରଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି । ଠିକାଦାର ଜଣକ ରାସ୍ତାରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତାର ଢ଼ଳେଇ କାମ ସାରିଦେଇଥିଲେ ମଧ୍ୟ ଏହି ନିମ୍ନମାନର କଂକ୍ରିଟ ରାସ୍ତାରୁ ବାହାରୁଥିବା ଧୂଳି ଯୋଗୁ ସାଧାରଣରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସୂଚନାରୁ ପ୍ରକାଶ ଠିକାଦାର ଜଣକ ଛୋଟି ବଜାର ନିକଟରେ ଥିବା ରାସ୍ତାର କଂକ୍ରିଟ୍ କାମ ସାରି ଦେଇଛି । ହେଲେ ନିମ୍ନମାନର ସାମଗ୍ରୀ ବ୍ୟବହାର କରିବା ଓ କଂକ୍ରିଟ କରିବା ପରେ କଂକ୍ରିଟ ରାସ୍ତା ଉପରେ ପାଣି ନଦେବା ଯୋଗୁ ଏହି ରାସ୍ତା ସାମାନ୍ୟ ବାଇକ୍‌ଟିଏ ମଧ୍ୟ କଲେ ଧଳା ପାଉଁଶ ଭଳି ଧୂଳି ଉଡ଼ି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନରେ ପଶିବା ସହିତ ପଥଚାରୀମାନଙ୍କୁ ମଧ୍ୟ ଅସୁବିଧାରେ ପକାଉଛି । ଅବସ୍ଥା ଏପରି ହୋଇଛି କଂକ୍ରିଟ ରାସ୍ତାର ଧୂଳି ଯୋଗୁ ଲୋକେ ଘରୁ ପଦାକୁ ବାହାରି ପାରୁନାହାଁନ୍ତି, ଶ୍ୱାସଜନିତ ବିଭିନ୍ନ ସମସ୍ୟା ଅଞ୍ଚଳବାସୀ ଅନୁଭବ କରିଲେଣି । ବାଧ୍ୟ ହୋଇ ଲୋକମାନେ ଏହି ରାସ୍ତାରେ ଦିନକୁ ଦୁଇଚାରିଥର ପାଣି ସିଂଚନ କରିବାକୁ ବାଧ୍ୟ ହେଉଛନ୍ତି । ଏହି ଅଞ୍ଚଳରେ ପାନୀୟ ଜଳର ଘୋର ଅଭାବ ଥିଲେ ମଧ୍ୟ ଲୋକମାନେ ବାଧ୍ୟ ହୋଇ ଧୂଳିରୁ ବର୍ତ୍ତିବା ପାଇଁ ଏହି ପାଣିକୁ ବ୍ୟବହାର କରୁଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୭ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଥିବା ବେଳେ ୭ ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି । କୋରାପୁଟ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ଏକ କୁନି ବୈଜ୍ଞାନିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା । ଉଦ୍‌ଘାଟନୀ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଅର୍ପିତା ପ୍ରଧାନ, ବରିଷ୍ଠ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ଜାନି, ଚମେଲି ମଜୁମଦାର, ବ୍ଲକ ଶିକ୍ଷାଧିକାରୀ ଭବାନୀ ପଟ୍ଟନାୟକ, ଦୟାସିନ୍ଧୁ ବାଘ, ସ୍ୱପ୍ନେଶ୍ୱର ନାୟକ, ହିମାଂଶୁ ଦାସ, ଚନ୍ଦ୍ରକଳା ବଗର୍ତ୍ତି ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପିତ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତି ବ୍ଲକରୁ ୭ପ୍ରକଳ୍ପ ହିସାବରେ ସର୍ବମୋଟ ୯୮ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ୭ଭିନ୍ନ ଭିନ୍ନ ବିଷୟବସ୍ତୁରୁ କୃତିତ୍ୱ ହାସଲ କରିଥିବା ୭ ସର୍ବଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ । ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ, ସମ୍ମାନିତ ଅତିଥି ଉପଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି, ଅଧ୍ୟାପକ ହିମାଂଶ ଭୂଷଣ ନନ୍ଦ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀ, ନଗେନ୍ଦ୍ର ଜେନା, ରତିକାନ୍ତ ଦାସ, ପ୍ରଦୀପ ତ୍ରିପାଠି, ହରେକୃଷ୍ଣ ମହାରଣା, ଭବେଶ ପତି, ସୁଜିତ ଜେନା, ପ୍ରଦୀପ ପାତ୍ର, ପୂର୍ଣ୍ଣିମା ପତି ଏବଂ ଅରୁଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସବ୍-ରେଜିଷ୍ଟ୍ରାର ନାହାଁନ୍ତି, ରେଜେଷ୍ଟ୍ରି କାର୍ଯ୍ୟ ଠପ୍

ବୋଲଗଡ଼,(ଭାସ୍କର ନ୍ୟୁଜ): ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଦୀର୍ଘ ୩ଦିନ ଧରି ଜମିବାଡ଼ି ସମ୍ପର୍କିତ ହୋଇଛି । ସୂଚନାଯୋଗ୍ୟ ସାଧାରଣ ଜନତାଙ୍କ ନିମନ୍ତେ ଏହି ଜରୁରୀ କାର୍ଯ୍ୟାଳୟଟି ଦୀର୍ଘ ୨୯ବର୍ଷରେ ପଦାର୍ପଣ କରି ବୃହତ ଜନସ୍ୱାର୍ଥରେ ନିୟୋଜିତ ହୋଇଥିଲେ ହେଁ, ଆଜି ସୁଧା ସମ୍ପୃକ୍ତ କାର୍ଯ୍ୟାଳୟର ନିଜସ୍ୱ ମାନ୍ୟତା ନାହିଁ । ଏହି କାର୍ଯ୍ୟାଳୟର ସଦର କାର୍ଯ୍ୟାଳୟ ବେଗୁନିଆ ହୋଇଥିବା ସ୍ଥଳେ ଏଠିକାର କିରାଣୀ ପ୍ରମୁଖମାନେ ମଦର କାର୍ଯ୍ୟାଳୟରୁ ଆସି ଏଠାରେ ଡେପୁଟେସନ୍‌ରେ କାର୍ଯ୍ୟ କରୁଛନ୍ତି । ପ୍ରାରମ୍ଭରୁ ଏହି କାର୍ଯ୍ୟାଳୟରେ ସ୍ଥାନୀୟ ତହସିଲଦାର କିମ୍ବା ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରମୁଖ ମାନେ ସବ୍-ରେଜିଷ୍ଟ୍ରାରଙ୍କ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ତୁଲାଇ ଆସୁଛନ୍ତି । ଅଧୁନା ବୋଲଗଡ଼ ତହସିଲଦାର ନିବେଦିତା ପରିଡା ସବ୍-ରେଜିଷ୍ଟ୍ରାରଙ୍କ ସମସ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ । ତେବେ ନିକଟରେ ରାଜ୍ୟ ସରକାରଙ୍କ ଅକ୍ଟୋବର ୧୭ ତାରିଖରେ ପ୍ରକାଶିତ ଅନ୍ୟତ୍ର ବଦଳି ନିର୍ଦ୍ଦେଶନାମା ହେତୁ ତହସିଲଦାର ସୁଶ୍ରୀ ପରିଡା ଖୋର୍ଦ୍ଧାସ୍ଥିତ କଲେକ୍ଟରିଏଟରେ ଡେପୁଟି କଲେକ୍ଟର ଭାବେ ଯୋଗ ଦେଇଛନ୍ତି । ଫଳରେ ଦୀର୍ଘ ୩ଦିନ ହେବ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ସମସ୍ତ ଜମିବାଡ଼ି ବିକାକିଣା କାର୍ଯ୍ୟ ଠପ ହୋଇଯାଇଛି । ଫଳରେ ଜନସାଧାରଣ ଜମିବାଡ଼ି ସମ୍ପର୍କିତ ସମ୍ପାଦିତ କାର୍ଯ୍ୟରୁ ବଞ୍ଚିତ ହେବା ସହ ଅକଥନୀୟ ହଇରାଣର ସମ୍ମୁଖିନ ହେଉଛନ୍ତି । ତେବେ ବ୍ଲକସ୍ତରୀୟ ପ୍ରମୁଖ କାର୍ଯ୍ୟାଳୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ରେଜେଷ୍ଟ୍ରି କାର୍ଯ୍ୟ ସମ୍ପାଦିତ ନିମନ୍ତେ କୌଣସି ଅଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ଦାୟିତ୍ୱ ଦିଆଯାଇନାହିଁ । ଏଣୁ ରେଜେଷ୍ଟ୍ରିକରଣ କାର୍ଯ୍ୟ ସମ୍ପାଦନ ନିମନ୍ତେ ଏଠାରେ ଜଣେ ନିୟମିତ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ତଥାଭିଜ୍ଞ ମହଲରେ ଦାବି ହେଉଛି ।

# ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ): ଚୌଦ୍ୱାର ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶଧୀର ଇଲାପଣ୍ଡା ଫାଉଣ୍ଡେସନ୍ ପକ୍ଷରୁ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଇମ୍ଫାର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ଧୃବଚରଣ ରାଉତଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚଷାପଡ଼ା ସ୍ଥିତ ଚନ୍ଦନେଶ୍ୱର ମନ୍ଦିର, ବାଣିପଦା ଗ୍ରାମପଞ୍ଚାୟତସ୍ଥିତ ଦେବୀନଗର ଉପ୍ରା ବିଦ୍ୟାଳୟ, ୧୭ନଂ. ୱାର୍ଡ଼ ସ୍ଥିତ ନୂଆସାହିରେ ଏହି ଥଣ୍ଡା ପାନୀୟ ଜଳ ପ୍ରଳଳ୍ପର ଶୁଭ ଉଦ୍‌ଘାଟନ କରିବା ସହ ଇମ୍ଫାର ଏଭଳି ଲୋକାଭିମୁଖୀ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୧ନଂ. ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ଇନ୍ଦ୍ରାଣୀପାଟଣା ସରପଞ୍ଚ ନମିତା ମଲ୍ଲିକ, ବାଣିପଦା ସରପଞ୍ଚ ଦିଲ୍ଲିପ କୁମାର ଭୋଇ ଓ ୧୭ନଂ. ୱାର୍ଡ଼ ପାରିଷଦ ଆଶୁତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଇମ୍ଫାର ମାନବ ସମ୍ବଳ ପ୍ରବନ୍ଧକ ନିରଞ୍ଜନ ସାହୁ, ସାମାଜିକ ଦାୟିତ୍ୱବୋଧ ଶାଖାର ପ୍ରବନ୍ଧକ ମାନସ ପ୍ରଧାନ, ଲୋକସମ୍ପର୍କ ଅଧିକାରୀ ଅଭିଷେକ ଘୋଷ, ବିଆଇପିଏଫ୍ ପକ୍ଷରୁ ସ୍ମିତପ୍ରଜ୍ଞ ଦାସ, ଶୁଭଶ୍ରୀ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୃତ୍ୟୁ ପରେ ମୂର୍ତ୍ତି କାରିଗର ଧ୍ରୁବଙ୍କ ଚକ୍ଷୁଦାନ

ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ା ଗ୍ରାମର ବିଖ୍ୟାତ ମୂର୍ତ୍ତିକାରିଗର ଧ୍ରୁବ ଚରଣ ବେହେରା (୮୩)ଙ୍କ ରବିବାର ପରଲୋକ ହୋଇଥିଲା । ତେବେ ଧ୍ରୁବଙ୍କ ଶେଷ ଇଚ୍ଛା ଅନୁଯାୟୀ ତାଙ୍କ ପରିବାର ବର୍ଗ ତାଙ୍କର ଦୁଇଟି ଚକ୍ଷୁକୁ ଦାନ କରିଥିବା ଜଣାଯାଇଛି । ସ୍ୱର୍ଗତ ବେହେରା ପିଲାବେଳୁ ମାଟିରେ ଗଣେଶ, ସ୍ୱରସ୍ୱତୀ, ଭାଲୁକୁଣି ଆଦି ବିଭିନ୍ନ



ଦେବାଦେବୀଙ୍କ ସୁନ୍ଦର ମୂର୍ତ୍ତି ଗଢୁଥିଲେ । ପରେ ଏହି କଳାପ୍ରତି ନିଜକୁ ସମର୍ପିତ କରି ବିଭିନ୍ନ ଫଳ ଆକୃତିର କୁମ୍ଭି, ମଣିଷମାନଙ୍କର ପ୍ରତିମୂର୍ତ୍ତି ଅବିକଳ ଭାବେ ମାଟି ଏବଂ ସିମେଣ୍ଟରେ ନିର୍ମାଣ କରି ନିଜକୁ ଜଣେ ପ୍ରତିଷ୍ଠିତ ମୂର୍ତ୍ତିକାର ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ । ଏଥିସହିତ ସେ ରଙ୍ଗତୂଳିରେ କାନଭାସରେ ମଧ୍ୟ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଅଙ୍କନ କରୁଥିଲେ । ବିଶେଷ କରି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଓଡ଼ିଶା ସମେତ ଦିଲ୍ଲୀ, ପଞ୍ଜାବ, ବାଙ୍ଗାଲୋର, ଭେଲୋର, ଟାଟା, ରାଞ୍ଚି, ମାନ୍ଦ୍ରାଜ, ଲୁଧିଆନା ଓ ମୁମ୍ବାଇ ପ୍ରଭୃତି ଆଶ୍ରମରେ ମ୍ୟୁଜିୟମ ପ୍ରସ୍ତୁତି ଭାରତର ରାଷ୍ଟ୍ରପତି ଓ ବିଭିନ୍ନ ରାଜ୍ୟର ରାଜ୍ୟପାଳଙ୍କ ଠାରୁ ପ୍ରଶଂସାପତ୍ର ପ୍ରାପ୍ତ ହୋଇଥିଲେ । ତାଙ୍କର ଏହି କଳାକୃତି ପାଇଁ ପୁର୍ନନବା ସାହିତ୍ୟ ସଂସଦ ଓ ଅନ୍ୟାନ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଓ ପୁରସ୍କୃତ ମଧ୍ୟ ହୋଇଛନ୍ତି । ମୃତ୍ୟୁର ପୂର୍ବଦିନ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ଧରଣୀଧର ମୁଖାଗ୍ନି ଦେଇଥିଲେ ।

# ଛତ୍ରପୁର ବ୍ଲକ ଦେଶର ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ

ଛତ୍ରପୁର, (ଭାସ୍କର ନ୍ୟୁଜ): ଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନ ପରିସରରେ କେନ୍ଦ୍ର ପଞ୍ଚାୟତରାଜ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି । ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ଯୋଗଦେଇ ୪୫ ଟି ପଞ୍ଚାୟତିରାଜ ସଂସ୍ଥାକୁ ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଛନ୍ତି । ନାନାଜି ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ସତତ ବିକାଶ ଭାବେ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ ଦେଶରେ ଶ୍ରେଷ୍ଠ ବ୍ଲକ ଭାବେ ପୁରସ୍କୃତ ହୋଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାଶ ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ସେହିପରି ୭ଟି ବର୍ଗରେ ଓଡିଶାକୁ ଜାତୀୟ ପୁରସ୍କାର ମିଳୁଥିବା ବେଳେ ସେଥିମଧ୍ୟରୁ ଗଞ୍ଜାମର ତିନୋଟି ରହିଛି । ଦେଶର ଶ୍ରେଷ୍ଠ ବ୍ଲକ ଭାବେ




ଛତ୍ରପୁର ବିବେଚିତ ହେବା ସହ ୨ କୋଟି ଟଙ୍କା ଅର୍ଥ ରାଶି ପାଇବ । ସେହିପରି ରଙ୍ଗେଇଲୁଣ୍ଡା ବ୍ଲକର କେଳୁଆପଲ୍ଲୀ ପଞ୍ଚାୟତ ସୁସ୍ଥ ପଞ୍ଚାୟତ ଭାବେ ଦୀନ୍‌ଦୟାଲ ଉପାଧ୍ୟାୟ ପଞ୍ଚାୟତ ସତତ ବିକାଶ ଭାବେ ଦ୍ୱିତୀୟ ସ୍ଥାନ ରହି ପୁରସ୍କୃତ ହୋଇଛନ୍ତି, ତାଙ୍କୁ ୭୫ ଲକ୍ଷ ଟଙ୍କା ଅର୍ଥରାଶି ମିଳିବ । ସେହିପରି ଆତ୍ମ ନିର୍ଭରଶୀଳ ଭିତ୍ତିଭୂମି ନିର୍ମାଣ ପାଇଁ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ବ୍ଲକର ସାହାପୁର ପଞ୍ଚାୟତ ସାରା ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ତାଙ୍କୁ ମଧ୍ୟ ୭୫ ଲକ୍ଷ ଟଙ୍କା ଅର୍ଥରାଶି ମିଳିବ । ପୁରସ୍କାର ଗ୍ରହଣ ଉତ୍ସବରେ ପ୍ରୋଗ୍ରାମ ମ୍ୟାନେଜର (ଟ୍ରେନିଂ) ବାଣୀ ସୁକାନ୍ତ ବେବର୍ତ୍ତା ପଟ୍ଟନାୟକ, ଚମାଖଣ୍ଡି ସରପଞ୍ଚ ସିଏଚ୍ ମନୋଜ କୁମାର ରେଡ୍ଡୀ ଓ ପିଇଓ ଦଣ୍ଡପାଣି ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ ଉପସ୍ଥିତ ଥିଲେ ।

# ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,(ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର-ଜେଏସ୍‌ପିର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବଡ଼ବିଲ ପେଲେଟ ପ୍ଲାଣ୍ଟ ଓ କାଶିଆ ଆଇରନ ଆଣ୍ଡ ଡୋଲାମାଇଟ ମାଇନ୍ସ ଅଞ୍ଚଳରେ ଏଡସ ସଚେତନତା ରଥ, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ଏଡ୍‌ସର ଭୟାବହତା ଓ ଏହାର ସଂକ୍ରମଣରୁ କିପରି ନିଜକୁ ରକ୍ଷା କରିବେ, ସେ ସମ୍ପର୍କରେ ସଚେତନ କରାଯାଇଥିଲା । ଡିସେମ୍ବର ୧ ତାରିଖରେ ଦେଓଝରରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ନାଏକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା ଯୋଗ ଦେଇଥିଲେ । ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ସମାଜସେବୀ, ବୁଦ୍ଧିଜୀବୀ



ଓ ଜନସାଧାରଣ ସାମିଲ ହୋଇଥିଲେ । ସପ୍ତାହ ବ୍ୟାପୀ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀ, ଯୋଡ଼ା ମହିଳା ମହାବିଦ୍ୟାଳୟ, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ ସରକାରୀ ଆଇଟିଆଇର ଛାତ୍ରଛାତ୍ରୀଙ୍କ ସମେତ ଟ୍ରକ୍ ଡ୍ରାଇଭର, ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଶ୍ରମିକଙ୍କୁ ଏଡସ ସମ୍ପର୍କରେ ସଚେତନ କରାଯାଇଥିଲା । ବିଭିନ୍ନ ବର୍ଗର ୧୦୦୦୦ରୁ ଅଧିକ ଲୋକ ଜିନ୍ଦଲ ଫାଉଣ୍ଡେସନର ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି କାଶିଆ ଆଇରନ ଓ ଡୋଲାମାଇଟ ଖଣି ଅଞ୍ଚଳରେ ମଧ୍ୟ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପାଲା ମାଧ୍ୟମରେ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତ ଅଞ୍ଚଳର ଗ୍ରାମବାସୀଙ୍କ ସମେତ ଖଣିରେ କାର୍ଯ୍ୟରତ ଶ୍ରମିକ ଓ ଟ୍ରକ୍ ଡ୍ରାଇଭରଙ୍କୁ ସଚେତନ କରାଯାଇଥିଲା । ପ୍ରାୟ ୫୦୦୦ ଲୋକ ଏଥିରେ ସାମିଲ ହୋଇଥିଲେ ।

# ଜାତୀୟସ୍ତରରେ କୋରାପୁଟ ଜିଲ୍ଲା ପଞ୍ଚାୟତ ଦ୍ୱିତୀୟ



କୋରାପୁଟ, (ଭାସ୍କର ନ୍ୟୁଜ): ଜାତୀୟସ୍ତରରେ ନାନାଜୀ ଦେଶମୁଖ ସର୍ବୋତ୍ତମ ପଞ୍ଚାୟତ ଶତତ ବିକାଶ ବର୍ଗରେ କୋରାପୁଟ ଜିଲ୍ଲା ପଞ୍ଚାୟତ ଦ୍ୱିତୀୟ ହୋଇଛି । ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କୋରାପୁଟ ଜିଲ୍ଲା ପରିଷଦ ଅଧକ୍ଷ ସସ୍ମିତା ମେଲେକା ଓ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । କୋରାପୁଟ ଜିଲ୍ଲାକୁ ୩କୋଟି ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ ଉପସ୍ଥିତ ଥିଲେ । ଜାତୀୟସ୍ତରରେ ଦ୍ୱିତୀୟ ଜିଲ୍ଲା ପଞ୍ଚାୟତ ଭାବେ କୋରାପୁଟ ପୁରସ୍କୃତ ହୋଇଥିବାରୁ ଏହା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଜିଲ୍ଲା ପରିଷଦ ଅଧ୍ୟକ୍ଷା ମେଲେକା କହିଛନ୍ତି । ଏହି ପୁରସ୍କାର ଜିଲ୍ଲାର ସମସ୍ତ ପଞ୍ଚାୟତ ପାଇଁ ଉତ୍ସର୍ଗୀକୃତ ଏବଂ ସଫଳତାରେ ଜିଲ୍ଲାର ସମସ୍ତ ପଞ୍ଚାୟତରାଜ ଜନପ୍ରତିନିଧିଙ୍କ ଭୂମିକ ପ୍ରଶଂସନୀୟ ବୋଲି ଜିଲ୍ଲାପାଳ ଭାସନ କହିଛନ୍ତି ।

## ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ନିୟମ ଶୀର୍ଷକ କର୍ମଶାଳା

# 'ଆଇନ ସମ୍ମତ ଶିଶୁ ହିଁ ପୋଷ୍ୟସନ୍ତାନ ପାଇଁ ଗ୍ରହଣଯୋଗ୍ୟ'

ଭଦ୍ରକ, (ଭାସ୍କର ନ୍ୟୁଜ): ଜିଲ୍ଲା ପ୍ରଶାସନ, ଭଦ୍ରକ ଓ ଶିଶୁ ସୁରକ୍ଷା ୟୁନିଟ୍ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏକ ଦିବସୀୟ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ ପ୍ରତିପାଳନ ଯତ୍ନ ଶୀର୍ଷକ କର୍ମଶାଳା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଡ଼ା. ଦେବରାଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଡ଼େପୁଟି କଲେକ୍ଟର ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଡ଼ି.ଏସ୍.ପି ସତ୍ୟାନନ୍ଦ, ଆମନ୍ତ୍ରିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରିଣୀ ଉର୍ମିଳା ଗୋଚ୍ଛାୟତ, ସି.ଡ଼ି.ଏମ୍.ଓ. ଏସ୍.ଏସ୍.ବଳ, ପଣ୍ଡିତ ସଂଗ୍ରାମ ଆଚର୍ଯ୍ୟ, ଜିଲ୍ଲା ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାରମ୍ଭିକ ସୂଚନା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ ପ୍ରଦାନ କରିଥିବା ବେଳେ ଶିଶୁ ସୁରକ୍ଷା ଅଧିକାରୀ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ବାଲ୍ୟ ବିବାହ ସଂଯୋଜକ ପ୍ରଦୋଷ ରାଉତ, ଫେଲୋସିପ୍‌ର ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ମତ ରଖିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଆଇନସମ୍ମତ ଶିଶୁ ହିଁ ଗ୍ରହଣ ଯୋଗ୍ୟ ଅଟେ ବୋଲି ମତବ୍ୟକ୍ତ କରିଥିଲେ । ଓଇ.ଏସ୍.ପି. ଶ୍ରୀ ନନ୍ଦ ନିଜ ବକ୍ତବ୍ୟରେ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଆଇନ ଉପରେ ନିଜ ମତ ପ୍ରଦାନ କରିଥିଲେ । ବିଷୟ ବିଷାରଦ ରୂପେ ଅନୁଗୁଳର ଶିଶୁ ମଙ୍ଗଳ ସମିତି ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ପ୍ରତିପାଳନ ଯତ୍ନ ପାଇଁ ପୋଷ୍ୟ ଗ୍ରହଣ ଦମ୍ପତି କିପରି ଆବେଦନ କରିପାରିବେ ଏବଂ ଅନଲାଇନ ପଦ୍ଧତି ମାଧ୍ୟମରେ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତି ସହଜ ଓ ସରଳ ଉପାୟରେ ଆବେଦନ କରି ଆଇନସମ୍ମତି ଶିଶୁଟିଏ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିପାରିବେ । ଏହି କର୍ମଶାଳାରେ ମହିଳା ଓ ଶିଶୁ ବିକାଶ ବିଭାଗର ସିଡ଼ିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟରତ ପୋଲିସ୍ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ୍, ଦମୟନ୍ତୀ ଦାଶ, ଧୀରଜ ବାରିକ୍, ମହେଶ ଚନ୍ଦ୍ର ଦାଶ, ସୁଦର୍ଶନ ବାତ୍ରା ସମେତ ଚାଇଲ୍ଡ ଲାଇନର ସଂଯୋଜିକା ଶୁଭଶ୍ରୀ ପଢ଼ିଆରି, ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ଦିଗ୍‌ବିଜୟ ମହାନ୍ତି ଓ କର୍ମକର୍ତ୍ତା ସମେତ ଶିଶୁ ଅନୁଷ୍ଠାନର ସସ୍ମିତା ନାୟକ, ନିବେଦିତା ଲେଙ୍କା, ସମ୍ବିତ ମହାନ୍ତି, ଧନଞ୍ଜୟ ଜେନା, ଜ୍ୟୋତି ପ୍ରକାଶ ପତି, ଦିଗନ୍ତ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବଛାତ୍ର ଶିବିର



ରଘୁନାଥପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅଧିନସ୍ଥ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମଠ ଠାରେ ବୁଧବାର ଆଞ୍ଚଳିକ ବିକାଶ ପରିଷଦ, ରେଢୁଆ ତରଫରୁ ଦେବି ପ୍ରସାଦ ମହାରଣାଙ୍କ ସଭା ପରିଚାଳନାରେ ଏକ ଯୁବଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ମହାତ୍ମାଗାନ୍ଧୀଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରି ସର୍ବଧର୍ମ ପ୍ରାର୍ଥନା ପରେ ସମାଜସେବୀ ସ୍ନେହାନ୍ଶୁ ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ବିଶିଷ୍ଟ ସର୍ବୋଦୟୀ ତଥା ସଂସ୍କାରଧର୍ମି କବି ଶୈଳଜ ରବି ଶିବିରରେ ଯୋଗଦେଇ ଯୁବଛାତ୍ରଙ୍କ ମଧ୍ୟରେ ସାମାଜିକ ପ୍ରତିବଦ୍ଧତା ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଗାନ୍ଧୀ, ବିନୋବା, ବିବେକାନନ୍ଦଙ୍କ ଭଳି ମହାପୁରୁଷମାନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଶିବିରରେ ଆଇଆଇଟି ପ୍ରଫେସର ତାରାକାନ୍ତ ନାୟକ ଯୋଗଦେଇ କର୍ପୋରେଟରମାନଙ୍କ ଶୋଷଣ ଷଡ଼ଯନ୍ତ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଉତ୍କଳ ସର୍ବୋଦୟ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳ ଶିବିରାର୍ଥିମାନଙ୍କୁ ସରକାରଙ୍କ ଘୃଣ୍ୟ ମଦ ବେପାର ବିରୋଧରେ ବିଶୋଦଗାର କରିଥିଲେ । ପରିଚାଳିକା ସର୍ବୋଦୟ ପାକ୍ଷିକ ପତ୍ରିକା ଓ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ସଂଯୋଜିକା ଇନ୍ଦୁମତୀ ସାହୁ ଅଞ୍ଚଳ ବିକାଶରେ ମହିଳାମାନଙ୍କ ବିଶେଷ ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ । ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଗିତା ରଥ ଏବଂ ଗାନ୍ଧିବାଦୀ ଶୁରେନ୍ ରାଉତ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ସୁଭାଶିଷ ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ସତ୍ୟବାଦୀ ସ୍ୱାଇଁ, ରମାକାନ୍ତ ରଣା, ଗଗନ ବିଶ୍ୱାଳ, ଶାରଦା ପ୍ରସାଦ ଜେନା, ପ୍ରମୋଦ ପାଳ, ଭାସ୍କର ପାଳ ପ୍ରଭୃତି ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ମାର୍ଗଶୀର ମାସ ଶେଷଗୁରୁବାର ମାଣବସା ଅବସରରେ ରଘୁନାଥପୁର ବ୍ଲକ ଅଞ୍ଚଳ ପୂରପଲ୍ଲୀରେ ପୂଜା ପାଉଛନ୍ତି ମା' ଗଜଲକ୍ଷ୍ମୀ। ଆକର୍ଷଣ ତୋରଣ ସାଙ୍ଗକୁ ଆଲୋକ ମାଳାରେ ସାଜସଜ୍ଜା ମଣ୍ଡପ ଗୁଡିକର ଶୋଭାକୁ ଦ୍ୱିଗୁଣିତ କରିଛି। ଏହି ପରିପେକ୍ଷୀରେ ସ୍ଥାନୀୟ କୋରକରା ଗ୍ରାମର ପଣ୍ଡୁଆ ଓ ମହାଦେବ ତୋଳା ସାହିରେ ମା' ଲକ୍ଷ୍ମୀ ଓ ଲକ୍ଷ୍ମୀନାରାୟଣ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡୁଆ ଏବଂ ମହାଦେବ ତୋଳା ସାହିର ଶତାଧିକ ଗ୍ରାମର ଶ୍ରଦ୍ଧାଳୁ ପାଇକା ନଦୀରୁ ଘଣ୍ଟ, ଶଙ୍ଖ, ବାଦ୍ୟ ରୋଷଣୀରେ ଜଳ ଆଣି ମା'ଙ୍କ ମଣ୍ଡପରେ ଘଟ ସ୍ଥାପନ କରାଯାଇ ଚକ୍ଷୁଦାନ କରାଯାଇଥିଲା। ମା'ଙ୍କ ଆବାହନ ପରେ ଯଥାବିଧି ଅନୁସାରେ ଷୋଡଶ ଉପଚାର ପୂଜା, ହୋମ, ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାଦେବ ତୋଳାର ଲକ୍ଷ୍ମୀନାରାୟଣ ପୂଜାମଣ୍ଡପରେ ପୁସ୍ତକାଚାର୍ଯ୍ୟ ହରିଶ୍ଚନ୍ଦ୍ର ପଣ୍ଡା ଓ ପୂଜକ ମଦନ ମୋହନ ପଣ୍ଡା, ଶମ୍ଭୁନାଥ ପଣ୍ଡା ପୂଜା କର୍ମ ତୁଲାଇ ଥିବାବେଳେ ପଣ୍ଡୁଆ ଗ୍ରାମରେ ଲକ୍ଷ୍ମୀପୂଜା କାର୍ଯ୍ୟ ପୁସ୍ତକାଚାର୍ଯ୍ୟ ଟୁବୁଲା ଗୋସ୍ୱାମୀ ଓ ପୂଜକ ସନାତନ ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରତିଦିନ ୫ଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।



## ବଜ୍ରକାପ୍ତା ଡିଲ୍ ବେଳେ ମାଡିବସିଲା ବନ ବିଭାଗ

### ୪ ଗିରଫ, ମୁଖ୍ୟ ଆସାମୀ ଫେରାର୍





ଗୁଣୁପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ଗୁଡାରି ବନଖଣ୍ଡ ଅନ୍ତର୍ଗତ କେନ୍ଦୁଗୁଡା ବଡନାଳ ନିକଟରେ ବଜ୍ରକାପ୍ତା ବେପାର ଡିଲ୍ ଚାଲୁଥିବା ବେଳେ ମାଡି ବସିଲା ବନ ବିଭାଗ। ଡିଲ୍ କରୁଥିବା ୪ ଜଣ ବେପାରୀକୁ ଗିରଫ କରି କୋର୍ଟ ଚାଲଣ କରିଛି ଗୁଡାରି ବନ ବିଭାଗ। ବଜ୍ରାକାପ୍ତା ଧରି ଘଟଣାସ୍ଥଳରୁ ମୁଖ୍ୟ ଆସାମୀ ଫେରାର ଥିବା ଗୁଡାରି ରେଞ୍ଜର ଦିଲ୍ଲିପ୍ ପଟନାୟକଙ୍କ ପକ୍ଷରୁ ଜଣାପଡିଛି। ରାୟଗଡା ଜିଲ୍ଲା ବନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢାଉ କରାଯାଇଥିବା ସୂଚନା ରହିଛି। ଗଜପତି ଜିଲ୍ଲା ନିଧିଗୁଡି ଅଞ୍ଚଳରୁ ମୁଖ୍ୟ ଆସାମୀ ଜଣକ ବଜ୍ରକାପ୍ତା ଆଣି ବଡନାଳ ନିକଟରେ ଡିଲ୍ କରୁଥିଲେ। ୨ ଲକ୍ଷ ଟଙ୍କାରେ ବିକ୍ରି ହେବା ପାଇଁ ଯୋଜନା ରହିଥିଲା। ବିଶେଷ ସୂତ୍ରରୁ ବନ ବିଭାଗ ଖବର ପାଇ ବାଙ୍ଗି ଛକରୁ ବନ କର୍ମଚାରୀ ବେପାରୀମାନଙ୍କୁ ପିଛା କରିଥିଲେ। ମୁଖ୍ୟ ଆସାମୀ ଠାରୁ ବଜ୍ରକାପ୍ତା ଉଦ୍ଧାର କରିବା ସହ ଆସାମୀକୁ ଧରିବା ପାଇଁ ବନ ବିଭାଗ ପ୍ରୟାସ ଆରମ୍ଭ କରିଥିବା ଜଣାପଡିଛି।

## ନମସ୍ତେ କମଳା ମା' ଗୋ ସାଗର ଦୁଲ୍ଲଣୀ

## ଶେଷ ଗୁରୁବାର, ଉତ୍ସବ ମୁଖର ପୁରପଲ୍ଲୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ଆଜି ମାଣବସା ଶେଷ ଗୁରୁବାର। ମାଣବସା ଓଷାକୁ ଲକ୍ଷ୍ମୀପୂଜା ମଧ୍ୟ କୁହାଯାଏ। ଏହି ଓଷା ଧନୀ ଠୁ ଗରିବ ସମସ୍ତେ ପାଳନ କରିଥାନ୍ତି। ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ, ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ଆଦି ପ୍ରତି ଦୃଷ୍ଟି ଦିଆଯାଇଥାଏ। ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି। ମାର୍ଗଶିର ମାସରେ ପୂଜା ଘରେ ଧାନ ମେଣ୍ଟା ବା 'ଧାନବେଣୀ'ରେ ସଜାଯାଇଥାଏ। ଧାନକେଣ୍ଡାକୁ ଗୁନ୍ଥି ଏହି ମେଣ୍ଟା ବା ବେଣୀ ତିଆରି କରାଯାଏ। ସମଗ୍ର ହିନ୍ଦୁ ସମାଜରେ ଲକ୍ଷ୍ମୀପୂଜା ପ୍ରଚଳିତ, କିନ୍ତୁ ମାର୍ଗଶିର ମାସ ମାଣବସା ଗୁରୁବାର କେବଳ ଓଡିଆମାନଙ୍କ ନିଜସ୍ୱ ପର୍ବ। ମାର୍ଗଶିର ମାସ ଗୁରୁବାର ମା' ଲକ୍ଷ୍ମୀଙ୍କ ବାର। ଜାତି-ଅଜାତିର ଭେଦ ଭାବ ଏହି ପୂଜାରେ ନାହିଁ। ଏହି ଦିନ ଓଡିଆ ଗୃହିଣୀ ମାନେ ଝୋଟି, ଚିତା, ଧାନଶିଶା, ଆଙ୍ଗୁଳି ଚିତା ଆଦି ପକାଇ ପାରମ୍ପରିକ ଢଙ୍ଗରେ ଘରକୁ ସଜାଇ ଥାନ୍ତି। ଓଡ଼ିଆଙ୍କର ସାମାଜିକ ଓ ଆଧ୍ୟାତ୍ମିକ ଚଳଣି ଏଥିରୁ ଜଣାପଡ଼େ।





ମାଣବସା ଗୁରୁବାର ଦିନ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଲକ୍ଷ୍ମୀ ପୁରାଣ ପାଠ କରିବାର ବିଧି ରହିଛି। ଆଜି ହେଉଛି ମାଣବସା ଗୁରୁବାରର ଶେଷ ପାଳି। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଗାଁଠୁ ସହର ଚାରିଆଡ଼େ ଉତ୍ସବମୁଖର ପରିବେଶ। ସଧବା ନାରୀ ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି। ମାଣବସା ଗୁରୁବାର ଓଷା ପୂର୍ବଦିନ ରାତିରେ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଇଥାନ୍ତି। ଘରର ପ୍ରତ୍ୟେକ ଦୁଆର ଅଗଣା କାନ୍ଥରେ ଝୋଟି ଚିତା ପକା ଯାଇଥାଏ। ମାଣ ଖଟୁଲି ଉପରେ ଏକ ନୂଆ ମାଣରେ ଧାନ ରଖାଯାଏ। ଖଟୁଲିରେ ରଖି ତା'ଉପରେ ଧାନର ମେଣ୍ଟାକୁ ରଖାଯାଏ। ନାଲିଛିଟ ଓ ସୁନ୍ଦର ପାଟକନାରେ ଓଢଣୀ ଦେଇ ଏହାକୁ ଏକ ନବ ବଧୂର ରୂପ ସଦୃଶ କରାଯାଏ। ଘରର ଚତୁଃପାର୍ଶ୍ୱରୁ ମା'ଙ୍କର ପଦ୍ମ ପାଦର ଚିତା ଆସ୍ଥାନ ପର୍ଯ୍ୟନ୍ତ ଅଙ୍କାଯାଏ। ମାଣ ବସାଇବା ପୂର୍ବରୁ ସେହିମାଣକୁ ହଳଦୀ ପାଣିରେ ଧୋଇ ଖରାରେ ଶୁଖିଯିବା ପରେ ସିନ୍ଦୂର ବୋଳାଯାଏ। ମଣ୍ଡା ପିଠା ତିଆରି କରାଯାଇ ଭୋଗ ଦିଆଯାଇଥାଏ। ବିଭିନ୍ନ ପାଳିରେ ଭିନ୍ନ ଭିନ୍ନ ପିଠାପଣା ପ୍ରସ୍ତୁତ କରି ଲକ୍ଷ୍ମୀଙ୍କୁ ପାଖରେ ଲାଗି କରାଯାଇଥାଏ। ମାର୍ଗଶିର ମାସର ଶେଷ ଗୁରୁବାର ଦିନ ବ୍ରତ ସାରି ଉଜୁଆ ଯାଏ। ଏହି ଦିନ ପୂର୍ବଭଳି ସମସ୍ତ ନୀତିରେ ମାଣ ବସାଇ ମଣ୍ଡା ପିଠା ଓ ଖିରି ଭୋଗ କରାଯାଏ। ସଞ୍ଜ ଭୋଗ ପରେ ସେହି ମାଣରେ ଥିବା ଧାନକୁ ଆଉ ଏକ ଜାଗାରେ ଅଜାଡ଼ି ରଖାଯାଏ। ପୂଜାର ଅନ୍ୟ ସମସ୍ତ ସଜକୁ ନେଇ ପୋଖରୀ ଆଦି ଜଳାଶୟରେ ବିସର୍ଜନ କରାଯାଏ। ପୂଜାରେ ବ୍ୟବହୃତ ଧାନକୁ କୁଟି ସେହି ଚାଉଳରେ ଖିରି ବା ଜାଉ ରାନ୍ଧି କେବଳ ଘର ଲୋକଙ୍କ ମଧ୍ୟରେ ଖିଆଯାଏ। ଏହିପରି ଲକ୍ଷ୍ମୀଙ୍କୁ ଆବାହନ କରିବା ଠାରୁ ବିସର୍ଜନ କରାଯିବା ପର୍ଯ୍ୟନ୍ତ ସମସ୍ତ ବିଧି ବିଧାନକୁ ପାଳନ କରି ଘରର ବିବିଧ ଉନ୍ନତି କାମନା କରାଯାଏ। ଏଥିପାଇଁ ଅସ୍ତରଙ୍ଗ ଅଞ୍ଚଳର ପ୍ରତିଟି ଘରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ।

## ହେନ୍ତାଳ ବଣର ସୁରକ୍ଷା ପାଇଁ ଖର୍ଚ୍ଚ ହେବ ୨୬୦କୋଟି



ରାଜନଗର, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ବନ ଖଣ୍ଡ ଅଧୀନସ୍ଥ ଜାତୀୟ ଉଦ୍ୟାନ ଭିତରକନିକା ଅଭୟାରଣ୍ୟରେ 'ହେନ୍ତାଳ ବଣ'ର ଜୈବ ବିବିଧତା ସୁରକ୍ଷା ନିମନ୍ତେ ୨୬୦କୋଟି ଟଙ୍କା କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ଏହି ଟଙ୍କା ମଞ୍ଜୁର ନିମନ୍ତେ ରାଜନଗର ଅଞ୍ଚଳ ପାଇଁ ଦରଦୀ ମଣିଷ ତଥା ଲୋକମାନଙ୍କ ସୁଖଦୁଃଖର ସାଥୀ ବୈଜୟନ୍ତ ପଣ୍ଡା ଉଦ୍ୟମ ଜାରି ରଖିଥିଲେ। ଶେଷରେ ଏହି ଟଙ୍କା ମଞ୍ଜୁର ନିମନ୍ତେ ସଫଳ ହୋଇଥିଲେ। ତେଣୁ ହେନ୍ତାଳ ବଣ ସୁରକ୍ଷା ହେଲେ ରାଜନଗର ଅଞ୍ଚଳ ସୁରକ୍ଷା ଦୃଷ୍ଟିକୋଣରୁ କେନ୍ଦ୍ର ସରକାରଙ୍କ ଠାରୁ ଲାଗି ଟଙ୍କା ମଞ୍ଜୁର କରିଥିବାରୁ ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପିର ଯୁବନେତା ତଥା ରାଜନଗର ନିର୍ବାଚନ ମଣ୍ଡଳୀର ଆଦରଣୀୟ ପୁଅ ଲଳିତ ବେହେରା ସାଂସଦ ଶ୍ରୀଯୁକ୍ତ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଅନନ୍ତପାଲ୍ଲୀରେ ରେଡ୍ କଲା ଏନ୍ଆଇଏ

ମାଲକାନାଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ଅନନ୍ତପାଲି ଗାଁରେ ରେଡ୍ କରିଛି ହାଇଦ୍ରାବାଦର ଏନ୍ଆଇଏ ଟିମ୍। ସୂଚନା ଅନୁଯାୟୀ ଆଜି ଭୋର ୩ଟାରୁ ରେଡ୍ କରିଥିବା ଜଣାପଡିଛି। ମୋଟୁ ଅଞ୍ଚଳରେ ରହୁଥିବା ବିଏସ୍ଏଫ୍ ଓ ଡିଭିଏଫ୍ ଜବାନଙ୍କ ସହାୟତରେ ଚଢାଉ ହେଇଛି ବୋଲି ସୂଚନା ରହିଛି। ମାଲକାନଗିରି ଜିଲ୍ଲା ସମେତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ଏକକାଳୀନ ରେଡ୍ କରିଛି ଏନ୍ଆଇଏ ଦଳ। ସୁକୁମା ସହରର ୨ଟି ସ୍ଥାନରେ ମଧ୍ୟ ରେଡ୍ ହୋଇଛି। ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତି ନେଇ ରେଡ୍ ହୋଇଥିବା ସନ୍ଦେହ କରାଯାଉଛି। ଏହି ରେଡ ସମ୍ପର୍କରେ ଓଡ଼ିଶା ପୋଲିସ ପାଖରେ କୌଣସି ତଥ୍ୟ ନଥିବା ଜଣାପଡ଼ିଛି।

## ଚମ୍ପୁଆ କୃଷି ବିଭାଗ ଦ୍ୱାରା ବିହନ ବଣ୍ଟନରେ ଅବ୍ୟବସ୍ଥା

ଚମ୍ପୁଆ, (ଭାସ୍କର ନ୍ୟୁଜ୍) : କୃଷି ବିଭାଗ ଦ୍ୱାରା ପଞ୍ଜୀକୃତ ଚାଷୀମାନଙ୍କୁ ଚାଷ କରିବା ପାଇଁ ଚଣା, ମଟର, ସୋରିଷ ଇତ୍ୟାଦି ବିହନ ବଣ୍ଟନ କରାଯାଉଥିବା ବେଳେ ରିମୁଳି ପଞ୍ଚାୟତ ଠାରେ ଅବସ୍ଥିତ ବିହନ ବଣ୍ଟନ କେନ୍ଦ୍ରରେ ଦେଖା ଦେଇଛି ଘୋର ଅବ୍ୟବସ୍ଥା। ରିମୁଳି ଓ ପର୍ଶଳା ପଞ୍ଚାୟତର ଚାଷୀମାନଙ୍କୁ ଉକ୍ତ କେନ୍ଦ୍ରରେ ବିହନ ବଣ୍ଟନ ପାଇଁ ସ୍ଥିର କରାଯାଇଥିବା ବେଳେ ବିହନ ବଣ୍ଟନ କ୍ଷେତ୍ରରେ ଦେଖା ଦେଇଛି ଘୋର ଅବ୍ୟବସ୍ଥା। କେଉଁ ପଞ୍ଚାୟତର ଚାଷୀମାନଙ୍କୁ କେବେ ବିହନ ପ୍ରଦାନ କରାଯିବ ତାହା ସ୍ଥିରୀକୃତ କରାଯାଇ ନଥିବାରୁ ବିହନ ବଣ୍ଟନରେ ଦେଖାଦେଇଛି ଘୋର ଅବ୍ୟବସ୍ଥା। କୌଣସି ପଞ୍ଚାୟତର



ଚାଷୀମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଦିନ ଆବଣ୍ଟନ କରାଯାଇ ନଥିବାରୁ ଉଭୟ ପଞ୍ଚାୟତର ଚାଷୀମାନେ ଆସି ବିହନ ନେବା ପାଇଁ ଗହଳି କରୁଛନ୍ତି। ଚାଷୀଙ୍କ ଗହଳିକୁ ଦେଖି ଦାୟିତ୍ୱରେ ଥିବା ଗ୍ରାମ କୃଷି ଅଧିକାରୀ ଗୋଟିଏ ପଞ୍ଚାୟତର ଚାଷୀମାନଙ୍କୁ ବିହନ ଦେଉଥିବା ବେଳେ ଆଉ ଗୋଟିଏ ପଞ୍ଚାୟତର ଚାଷୀମାନଙ୍କୁ ଫେରାଇ ଦେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିବା ସହିତ କିଛି ଚାଷୀ ସେମାନେ ପାଞ୍ଚ ଦିନ ହେଲାଣି ବିହନ ନପାଇ ଫେରି ଯାଉଥିବା ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ନୀଳମାଧବ ଦାଶଙ୍କୁ ଯୋଗାଯୋଗ କରିବାରୁ ସେ ଆଗକୁ ଯେପରି ଏପରି ଅବ୍ୟବସ୍ଥା ନହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ଡାକ ବିଭାଗ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଡାକ ବିଭାଗ ଉପଖଣ୍ଡ ସହଯୋଗରେ ଭାରତୀୟ ଡାକ ବିଭାଗ ଦ୍ୱାରା ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଦିନ ଅଧକ୍ଷ ଦିଲ୍ଲୀପ କୁମାର ପୃଷ୍ଟିଙ୍କ ଅଧକ୍ଷତାରେ ପ୍ରବନ୍ଧ ପ୍ରତିଯୋଗିତା ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଡାକ ନିରୀକ୍ଷକ ବିକ୍ରମ ନାୟକ, ଡାକ ପରିଦର୍ଶକ ନିରଞ୍ଜନ ହେମ୍ବ୍ରମ, ରଣଜିତ୍ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଦିବା ୧୧.୩୦ରେ ଅନୁଷ୍ଠିତ ହୋଇଯାଇଛି। ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ଦିବ୍ୟଶ୍ରୀ ବାରିକ, ଗୃହ ବିଜ୍ଞାନ ଅଧ୍ୟାପିକା ଶୁଭଦର୍ଶୀନୀ ଶ୍ୱେତପଦ୍ମା, ରାଜନୀତି ବିଜ୍ଞାନ ର ଅଧ୍ୟାପିକା ରୀମା ସେଠୀଙ୍କ ତତ୍ତ୍ୱାବଧାନରେ ଯୁକ୍ତ ଦୁଇର ପ୍ରଥମ ଓ ଦ୍ୱିତୀୟ ବର୍ଷର ନ'ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ବ୍ଲକସ୍ତରୀୟ ଜଳ ଓ ପରିମଳ ପରିଚାଳନା କର୍ମଶାଳା

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : କୁଜଙ୍ଗ ବ୍ଲକ ସଭାଗୃହରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସୁପରିଚାଳନା ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱଚ୍ଛ ପାନୀୟ ଜଳ ଓ ପରିବେଶ ମଣିଷଙ୍କୁ ନିରୋଗ କରିବାରେ ସହାୟକ ହୁଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ସୁଶ୍ରୀ ମାନସୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ପରିମଳ ପରିଚାଳନା ପରାମର୍ଶଦାତା ରଞ୍ଜିତ ପରିଡା ଓ ବିଶେଷଜ୍ଞ ଶୁଭ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଜଳ ଓ ପରିବେଶ ସ୍ୱଚ୍ଛତା ରଖିବା ପାଇଁ



ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଅଗପାଲ ସରପଞ୍ଚ ବିପିନ୍ ବିଶ୍ୱାଳ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ପଣ୍ଡୁଆ ସରପଞ୍ଚ ସିଦ୍ଧାର୍ଥ ମହାନ୍ତି, ହସୁଂରା ସରପଞ୍ଚ ରବିନାରାୟଣ ଦାସ, କୋଠି ସରପଞ୍ଚ ଲକ୍ଷ୍ମୀଧର ସାହୁ, ବାଲିକଣି ସରପଞ୍ଚ ପ୍ରତିନିଧି ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ବଣିତ ସରପଞ୍ଚ ପ୍ରତିନିଧି ଦୀପକ ଗୋଛାୟତ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ପଙ୍କପାଳ ସରପଞ୍ଚ ସରୋଜ ସେଠୀ ଓ ମଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ ପ୍ରମୁଖଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀ ଯୋଗଦେଇ ଥିଲେ।

## ତ୍ରି-ଦିବସୀୟ ୩୦ତମ ଜିଲ୍ଲା କ୍ୟାମ୍ପରୀ ବନ୍ଧନ ଉଦ୍‌ଯାପିତ

ଆସିକା, (ଭାସ୍କର ନ୍ୟୁଜ୍) : ରାଜ୍ୟ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଙ୍କୁଶପୁର ତକ୍ଷଶିଳା ରେସିଡେନ୍ସିଆଲ ସ୍କୁଲ ଠାରେ ଅନୁଷ୍ଠିତ ତିନିଦିନ ବ୍ୟାପି ୩୦ତମ ଜିଲ୍ଲା କେମ୍ପୋରୀ ବନ୍ଧନ ଆଜି ଉଦ୍‌ଯାପିତ ହୋଇଯାଇଛି। ଗତ ୯ତାରିଖ ଠାରୁ ଆରମ୍ଭ ହୋଇଥିବା ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୨୮୯ଜଣ ସ୍କାଉଟ ୧୮୫ ଜଣ ଗାଇଡ୍ ୧୫୦ଜଣ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କୁ ନେଇ ଅନୁଷ୍ଠିତ ଏହି କ୍ୟାମ୍ପରୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମୁଖ୍ୟ କମିସନର ତଥା ଭାରତ ସ୍କାଉଟ ଓ ଗାଇଡ୍ ଜାତୀୟ ଉପସଭାପତି ଡ଼ କାଳି ପ୍ରସାଦ ମିଶ୍ର କ୍ୟାମ୍ପରୀକୁ ଉଦ୍‌ଘାଟନ କରିଥିଲା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ଗାଇଡ୍ ତାଲିମ କମିଶନର ଅନାମିକା ଦାସ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ୍ ଜିଲ୍ଲା ସମ୍ପାଦକ



ଭାଗିରଥି ସ୍ୱାଇଁ, ତାକ୍ଷଶୀଳା ରେସିଡେନ୍ସିଆଲ ସ୍କୁଲ ନିର୍ଦ୍ଦେଶକ ରବି ଶଙ୍କର ଚୌଧୁରୀ, ଜିଲ୍ଲା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ପ୍ରିନ୍ସପାଲ କେ. ନାଗେଶ୍ୱର ପ୍ରମୁଖ ଉପସ୍ଥିତ ରହି ସ୍କାଉଟ ଓ ଗାଇଡ଼ ପତାକା ଉତ୍ତୋଳନ କରି କ୍ୟାମ୍ପ ଆରମ୍ଭ କରିଥିଲେ। ଉପସ୍ଥିତ ଅତିଥିମାନେ ସ୍କାଉଟ ଏବଂ ଗାଇଡ଼ ମାନେ କିଭଳି ରାଜ୍ୟରେ ବିଭିନ୍ନ ପରିସ୍ଥିତିରେ ନିଜକୁ ଖାପଖୁଆଇ କିପରି ଭାବେ କାର୍ଯ୍ୟ କରିଥାନ୍ତି ଓ ସମାଜରେ ଏମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କ୍ୟାମ୍ପରୀରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ସ୍କାଉଟ ଓ ଗାଇଡ଼ମାନେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଆସିକା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହାର ଉଦ୍‌ଯାପନୀରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ବ୍ରହ୍ମପୁର ମେଡିକାଲ କ୍ୟାମ୍ପାସ ପ୍ରଧାନ ଶିକ୍ଷୟିତ୍ରୀ ଡ଼ ପ୍ରଭାତୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ତାକ୍ଷଶୀଳା ରେସିଡେନ୍ସିଆଲ ସ୍କୁଲ ନିର୍ଦ୍ଦେଶକ ରବି ଶଙ୍କର ଚୌଧୁରୀ, ପ୍ରିନ୍ସପାଲ କେ. ନାଗେଶ୍ୱର, ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଜିଲ୍ଲା ସହକାରୀ କମିଶନର ରାମହରୀ ସାହୁ, ଜିଲ୍ଲା ସଂଗଠନ କମିଶନର ସ୍କାଉଟ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜିଲ୍ଲା ତାଲିମ କମିଶନର ସ୍କାଉଟ ବିକ୍ରମ ମହାରଣା, ଜିଲ୍ଲା ତାଲିମ କମିଶନର ଗାଇଡ଼ ସ୍ୱପ୍ନାରାଣୀ ପାଣିଗ୍ରାହୀ, ରାଜେଶ ପାତ୍ର, ଭାନୁମତି ଜେନା, ସ୍କାଉଟ ମାଷ୍ଟର କମଲେନ୍ଦୁ ହୋତା, କାଦମ୍ବିନୀ ହୋତା, ଲୀନାକୁମାରୀ ସ୍ୱାଇଁ, ଜୟକୃଷ୍ଣ ପାତ୍ର, ଜ୍ଞାନେନ୍ଦ୍ର ସିଂ, ଘନଶ୍ୟାମ ସେଠି ପ୍ରମୁଖ ସହଯୋଗ କରିଥିଲେ।

## ସଚଳ ମିଟରଗୁଡିକୁ ପରିବର୍ତ୍ତନ ନକରିବାକୁ ଗ୍ରାମବାସୀଙ୍କ ଦାବି

ଗୋପ, (ଭାସ୍କର ନ୍ୟୁଜ୍) : ନୂତନ ମିଟର ଲଗାଇବାକୁ ଯାଇ ଗ୍ରାମବାସୀଙ୍କ ବିରୋଧର ଶିକାର ହୋଇଛନ୍ତି ବିଦ୍ୟୁତ୍ ବିଭାଗର କର୍ମଚାରୀ ଓ ଅଧିକାରୀ। ଦୀର୍ଘ ୩ ଘଣ୍ଟା ପର୍ଯ୍ୟନ୍ତ ଅଟକ ରହିବା ପରେ କୌଣସି ମିଟର ନଲଗାଇ ଫେରିବାକୁ ବାଧ ହୋଇଛନ୍ତି ବିଦ୍ୟୁତ ବିଭାଗର କର୍ମଚାରୀ ମାନେ। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗର ସ୍ୱେଚ୍ଛାଚାରିତା ଓ ଜୁଲମ୍ ବିରୋଧରେ ଆନ୍ଦୋଳନର ଡାକରା ଦେଇଛି ବିପ୍ଳବୀ ସଙ୍ଗଠନ ଗୋପ। ବିପ୍ଳବୀ ସଙ୍ଗଠନର ଆବାହକ ଚନ୍ଦ୍ରକାନ୍ତ ସାହୁ କହିଛନ୍ତି ଯେ ଯଦି ଗୋପ ବ୍ଲକର କୌଣସି ସ୍ଥାନରେ ଏପରି ଘଟଣା ଘଟେ ତେବେ ବିପ୍ଳବୀ ସଙ୍ଗଠନ ଅବିଳମ୍ବେ ସେଠାରେ ପହଞ୍ଚିବା ସହିତ ବିଦ୍ୟୁତ ବିଭାଗର ଏହି ସ୍ୱେଚ୍ଛାଚାରିତାକୁ ବିରୋଧ କରିବ। ସଙ୍ଗଠନର ବିଭିନ୍ନ ଦାବି ଅନୁଯାୟୀ ବଳପୂର୍ବକ ମିଟର ନଲଗାଇ ଗ୍ରାମରେ ଏକ ସଭା କରି ସର୍ବସମ୍ମତି କ୍ରମେ ଲଗାଇବା, ସଚଳ ମିଟର ଗୁଡିକୁ ପରିବର୍ତ୍ତନ କରାନଯାଉ। ଅଗ୍ରୀମ ସିକ୍ୟୁରିଟି ଟଙ୍କା ପଇଠ କରିବାକୁ ବିଦ୍ୟୁତ ବିଭାଗ କରିଥିବା ଦାବିକୁ ପ୍ରତ୍ୟାହାର। ସୂଚନାଥାଉକି, ବୀରତୁଙ୍ଗ ପଞ୍ଚାୟତର ଗିରିମା ଗ୍ରାମରେ ଗୋପ ବିଦ୍ୟୁତ ବିଭାଗ ତରଫରୁ ଏକ ମାସ ଡ୍ରାଇଭ୍ ଜରିଆରେ ପୁରୁଣା ମିଟର ବଦଳାଇ ନୂତନ ମିଟର ଲଗାଇବା ନିମନ୍ତେ ୪ଟି ଗାଡିରେ ପାଖପାଖି ୩୫ଜଣ ବିଦ୍ୟୁତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଗ୍ରାମର କେତେକ ବିଦ୍ୟୁତ ଉପଭୋକ୍ତାଙ୍କ ବିଦ୍ୟୁତ୍ କାଟି ନୂତନ ମିଟର ଲଗାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଗ୍ରାମର ଅଶୋକ ମହାନ୍ତି, ମାନଓ ସାହୁ, ସର୍ବେଶ୍ୱର ସ୍ୱାଇଁ, ମୁନା ରାଉତ, ପିତାମ୍ବର ମହାନ୍ତି, ବାଦଲ ପ୍ରଧାନ ବିଦ୍ୟୁତ ବିଭାଗର କର୍ମଚାରୀମାନଙ୍କୁ କାହିଁକି ଏପରି କାର୍ଯ୍ୟ କରାଯାଉଛି ତାହାକୁ ନେଇ ପ୍ରଶ୍ନ କରିଥିଲେ। ମାତ୍ର ବିଦ୍ୟୁତ ବିଭାଗର କର୍ମଚାରୀମାନେ ସେମାନଙ୍କ କୌଣସି କଥା ନଶୁଣି କାର୍ଯ୍ୟ କରିବାରୁ ସେମାନେ ଏହାକୁ ଜୋରଦାର ବିରୋଧ କରିଥିଲେ। ଫଳରେ ସେଠାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହିତ ବିପ୍ଳବୀ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ପହଞ୍ଚି ଗ୍ରାମବାସୀଙ୍କ ସହିତ ବିରୋଧ ଆରମ୍ଭ କରିଥିଲେ। ପରେ ସେମାନେ ଗ୍ରାମରେ ବିଦ୍ୟୁତ୍ ବିଭାଗର ଏତାଦୃଶ କାର୍ଯ୍ୟ ବିରୋଧରେ ଧାରଣାରେ ବସିଥିଲେ। ଦିବା ୧୧ଟାରୁ ଏପରି କାର୍ଯ୍ୟ ଚାଲିଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ସେମାନଙ୍କୁ ବୁଝାଇବାରେ ବିଫଳ ହୋଇଥିଲେ। ପରେ ନିମାପଡା ବିଦ୍ୟୁତ ବିଭାଗର ଜନୈକ ଅଧିକାରୀ ସେଠାରେ ପହଞ୍ଚି ମିଟର ନଲଗାଇବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ଏ ନେଇ ଗୋପ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବାଉତ୍ୟା କହିଛନ୍ତି ଯେ ଗୋପ ସେକ୍ସନ ଅଧୀନରେ ସମୁଦାୟ ୧୯୫୦୦ ଗ୍ରାହକ ଥିବା ବେଳେ ଆଉ ମାତ୍ର ୧୦୦ଟି ପୁରୁଣା ମିଟର ରହିଛି। ଆମକୁ ଓଇଆରସି ତରଫରୁ ପୁରୁଣା ମିଟର ବଦଳାଯିବାକୁ ନିର୍ଦ୍ଦେଶ ରହିଛି। ଏଣୁ ଆମେମାନେ ଏକ ମାସ ଡ୍ରାଇଭରେ ଏହି କାର୍ଯ୍ୟ କରିବାକୁ ଆସିଥିଲୁ। ମାତ୍ର ଗ୍ରାମବାସୀମାନେ ଏହାର ବିରୋଧ କରିବାକୁ ଆମେ ଏହାକୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶାନୁଯାୟୀ ସାମୟିକ ଭାବେ ସ୍ଥଗିତ ରଖିଛୁ। ନିର୍ଦ୍ଦେଶ ଆସିଲେ ପୁନଃ ଏହି କାର୍ଯ୍ୟ ଚାଲିବ।

## ରାଶିଫଳ

ଶୁକ୍ରବାର, ୧୩ ଡିସେମ୍ବର ୨୦୨୪



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ଆୟ ବୃଦ୍ଧି ପାଇବ।



**ବୃଷ:** ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସମ୍ପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ। ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। କାର୍ଯ୍ୟ ସଂପର୍କରେ ପରିସ୍ଥିତି ସ୍ୱାଭାବିକ ହେବ।



**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ। ଦିନଟି ସୁବିଧାରେ ଅତିବାହିତ ହେବ।



**ସିଂହ:** ମାନସିକ ଟେନ୍ସନ୍ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ। ଆୟ ସ୍ୱାଭାବିକ ହେବ। ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ। ଜୀବନ ସାଥୀ କ୍ରୋଧିତ ହୋଇପାରେ। ପ୍ରେମ ଜୀବନ ଶକ୍ତିଶାଳୀ ହେବ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ। ରୋମାନ୍ସ ବୃଦ୍ଧି ପାଇବ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ। ଅଧ୍ୟୟନରେ ଅସୁବିଧା ହେବ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ। ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ। ବିବାହିତ ଲୋକଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ।



ପ୍ରସ୍ତୁତି ଦ୍ୱାରା


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଲହୁଣୀପଡା (ଭାସ୍କର ନ୍ୟୁଜ୍): ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଟିକାୟତପାଲୀ ଥାନା ଅଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି । ଘଟଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସଭିଏଁ ଲୁଟ ଉଦ୍ଦେଶ୍ୟରେ ବୋଲି ଭାବୁଥିଲେ ହେଁ ଏହା ଅନ୍ୟ ଏକ ଦିଗ ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଟିକାୟତପାଲି ଥାନା ଅନ୍ତର୍ଗତ ଝିର୍ଡାପାଲୀ ଗ୍ରାମରେ ଦେବେନ ବେହେରା ଓ ତାଙ୍କ ପତ୍ନୀ ସୌମ୍ୟା ବେହେରା ଶୋଇଥିଲେ । ବିଳମ୍ବିତ ରାତିରେ ଶୌଚ ହେବା ପାଇଁ ଦେବେନଙ୍କ ପତ୍ନୀ ସୌମ୍ୟାମୟି ବାହାରିବା ସମୟରେ କେହି ମୁଖ୍ୟ ଦ୍ୱାରରେ ବାଡେଇବା ଶବ୍ଦ ଶୁଣି କବାଟ ଖୋଲିଥିଲେ । ଏହି ସମୟରେ ତାଙ୍କ ବେକରୁ କେହି ସୁନାଚେନ ଛିଣ୍ଡାଇ ନେବା ସହିତ ଗୋଟିଏ ରାଉଣ୍ଡ ଗୁଳି ମାରିଥିଲେ । ଯାହାଦ୍ୱାରା ସେ ତଳେ ପଡି ଚିତ୍କାର କରିଥିଲେ । ପରେ ତାଙ୍କ ଚିତ୍କାର ଓ ଗୁଳି ଫୁଟିବା ଶବ୍ଦ ଶୁଣି ସ୍ୱାମୀ ଦେବେନ ବେହେରା ବାହାରି ଦେଖିଲା ବେଳକୁ ପତ୍ନୀ ସୌମ୍ୟା ତଳେ ପଡି ଛଟପଟ ହେଉଛନ୍ତି ଏବଂ ତାଙ୍କର ପ୍ରବଳ ରକ୍ତସ୍ରାବ ହେଉଛି ।ଏହା ଦେଖି ସେ ପଡୋଶୀଙ୍କୁ ଡାକିଥିଲେ । ଘଟଣାକୁ ନେଇ ପୋଲିସ ଖବର ପାଇ ପହଞ୍ଚିବା ବେଳକୁ ସୌମ୍ୟାଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ନିଆସରିଥିଲା । ଡାକ୍ତରସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ସ୍ୱାମୀ ଏନେଇ ଅତ୍ୟନ୍ତ ମର୍ମାହତ ଅଛନ୍ତି । ତେବେ କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି ତାହା ଅସ୍ପଷ୍ଟ ଥିବା ବେଳେ ସ୍ୱାମୀଙ୍କୁ ନେଇ କେହି ଏପରି କରିଥାଇପାରେ ବୋଲି ଆଲୋଚନା ହେଉଛି । କାରଣ ତାଙ୍କ ସ୍ୱାମୀ ଗୁରୁଣ୍ଡିଆ ବ୍ଲକର ଭିଏଲଡବ୍ଲୁ ଭାବେ କାର୍ଯ୍ୟରତ ଅଛନ୍ତି । ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି । ମୃତା ମହିଳା ସୌମ୍ୟା ୭ ମାସର ଗର୍ଭବତୀ ଥିଲେ । ଏହା ପ୍ରଥମ ଗର୍ଭ ଥିଲା । ମୃତା ମହିଳାଙ୍କ ପିତା ଛେଣ୍ଡିପଦାରୁ ଆସି ଘଟଣା ସ୍ଥଳରେ ପହଞ୍ଚି କହିଛନ୍ତି ପ୍ରକୃତ ତଦନ୍ତ କରାଯାଉ ।



# ଲୋକ ନୃତ୍ୟରେ ଦୁଲୁକିଲା ଚଇତି ମଞ୍ଚ



ଗୁଣପୁର(ଭାସ୍କର ନ୍ୟୁଜ୍): ରାମନାଗୁଡ଼ା ବ୍ଲକସ୍ତରୀୟ ଲୋକ ମହୋତ୍ସବ ଚଇତି ଅନୁଷ୍ଠିତ ହୋଇଯାଇଛି । ପେଣକମ ପଞ୍ଚାୟତ ଗଦଗଦା ଶୈବ ପୀଠରୁ ପୂଜାର୍ଚ୍ଚନା ଓ ପବିତ୍ର ଜଳ ଆଣି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପରେ ରାମନାଗୁଡ଼ା ସଦର ମଙ୍ଗଳା ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରାରେ କଳସ ଆଣି ମିନି ଷ୍ଟାଡିୟମ୍‌ରେ ସ୍ଥାପନ କରାଯାଇଥିଲା । ପରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବିଧାୟକ ଗୁଣପୁର ସତ୍ୟଜିତ୍ ଗମାଙ୍ଗ ସମ୍ମାନିତ ରୂପେ ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ,ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଉପାଧ୍ୟକ୍ଷ ଜାନକୀ ନିମାଲା, ସାଂସଦ ପ୍ରତିନିଧି ଜି ପ୍ରସାଦ, ଜିଲ୍ଲା ପରିଷଦ ସଦସ୍ୟ ତାଙ୍ଗୁଡୁ ଶ୍ରୀଧର, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ,ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ମିଶନ ଡ଼ ଦୟାନିଧି ବାଗ,ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଓ ନୃତ୍ୟ ପରିବେଷଣ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ କନ୍ଧମାଳ ଜିଲ୍ଲାରୁ ଆସିଥିବା ନଟରାଜ ନୃତ୍ୟ ଦଳଙ୍କ ଓଡ଼ିଶୀ ନୃତ୍ୟ ବେଶ୍ ମନଛୁଆଁ ହୋଇଥିଲା । କୃଷି, ପଶୁସମ୍ପଦ,ମିଶନ ଶକ୍ତି,ମହିଳା ଓ ଶିଶୁ ବିକାଶ ଆଦି ବିଭିନ୍ନ ବିଭାଗ ତରଫରୁ ଖୋଲିଥିବା ଷ୍ଟଲକୁ ଆମନ୍ତ୍ରିତ ଅତିଥି ଉଦ୍ଘାଟନ କରିଥିଲେ । ଏଥିସହ ଷ୍ଟ୍ରବେରି, ଗୋଲାପ ଓ ଡ୍ରାଗନ ଫଳ ଚାଷ କରିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା ଶିକ୍ଷକ ଦିଲ୍ଲିପ ଚୌଧୁରୀ, ଅକ୍ଷୟ କୁମାର ପଣ୍ଡା, ଭାଗ୍ୟଶ୍ରୀ ମଲ୍ଲିକ କରିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସାନୁଖା ପାତ୍ର, ସହକାରୀ ଯନ୍ତ୍ରୀ ପ୍ରତାପ ମିଶ୍ର, ଦୀପ୍ତିରାଣୀ ମୁନି,ବିଇଓ ସୃଜନ ମଲ୍ଲିକ,ବିପିସି ସନ୍ତୋଷ ରନ୍ତାଲୁ, ଥୋମାସ ତନ୍ଦାସି ଓ ସମସ୍ତ ବ୍ଲକ କର୍ମଚାରୀ ପରିଚାଳନା କରିଥିଲେ ।

# ମାଲ୍ୟାବନ୍ତ ମହୋତ୍ସବ ଉପଲକ୍ଷେ ନୌକା ଚାଳନା ପ୍ରତିଯୋଗିତା



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ମାଲ୍ୟାବନ୍ତ ମହୋତ୍ସବ ପାଇଁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ନୌକା ଚାଳନା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ମାଲ୍ୟବନ୍ତ ମହୋତ୍ସବ ଆଦିବାସୀ ବହୁଳ ମାଲକାନଗିରି ଜିଲ୍ଲାର ଲୋକପର୍ବ ହୋଇଥିବା ବେଳେ ଏହି ମହୋତ୍ସବକୁ ପ୍ରତିବର୍ଷ ଜିଲ୍ଲା ପ୍ରଶାସନ ଖୁବ ଧୂମ ଧାମରେ ଆୟୋଜନ କରିଥାଏ । ଏହି ଉପଲକ୍ଷେ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଜିଲ୍ଲାର ସତିଗୁଡା ଜଳ ଭଣ୍ଡାରରେ ଆଜି ଆୟୋଜିତ ହୋଇଥିଲା ନୌକା ଚାଳନା ପ୍ରତିଯୋଗିତା । ଏଥିରେ ୧୦ ଟି ଗାଁର ୪୦ ଜଣ ଆଦିବାସୀ ଧିବର ଭାଗ ନେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଏସପି ରୋହିତ ବର୍ମା, ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲି, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଏସିଏଫ ଡ. ଏଲା ଭର୍ସନଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ତେବେ ଜିଲ୍ଲାପାଳ ଶ୍ରୀ ପାଟିଲ ପତାକା ଦେଖାଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଆଜିର ଏହି ପ୍ରତିଯୋଗିତା ରେ ଦଶଟି ଦଳ ମଧ୍ୟରୁ ପ୍ରଥମ ସ୍ଥାନ ହାସଲ କରିଥିଲା ଶିନ୍ଦ୍ରୀମାଳ ଗ୍ରାମର ଦଳ, ସେହିପରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା ସୋରିଷମାଳ ଗ୍ରାମ ଦଳ ଓ ତୃତୀୟ ସ୍ଥାନ ହାସଲ କରିଥିଲା ଏମଭି ୧୧୧ଗ୍ରାମର ଦଳ ।

# ବାରଣାସୀ ଉତ୍ସବ ସମାପନ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ପଞ୍ଚାୟତ ସମିତି ଆନୁକୂଲ୍ୟରେ ପାଳିତ ହେଉଥିବା ଦୁଇଦିନିଆ ବାରଣାସୀ ଉତ୍ସବ ମହାଆଡମ୍ବରରେ ସମାପନ ହୋଇଛି । ପ୍ରଥମ ଦିନ କାର୍ଯ୍ୟକ୍ରମରେ ପୂର୍ବରୁ ଆସିଥିବା ମସାଲକୁ ବ୍ଲକ କାର୍ଯ୍ୟାଳୟରୁ ବଡ ପଟୁଆରରେ ଏକ ଶୋଭାଯାତ୍ରା କରି ବାରଣାସୀ ଉତ୍ସବ ନିକଟକୁ ନିଆଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ ଆସିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଉନ୍ନୟନ ନିର୍ବାହୀ ଅଧିକାରୀ ଡ଼ ଗୁଣନିଧି ନାୟକ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ଉପସ୍ଥିତ ଥିଲେ । କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମାଙ୍କ ଅଧ୍ୟକ୍ଷତାରେ କାଶୀନଗର ଏନ ଏ ସି ଅଧ୍ୟକ୍ଷା ଏମ ସୁଧା ରାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବରୁ ଧର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ହୋଇ ବାରଣାସୀ ଉତ୍ସବ ଆମ ଅଞ୍ଚଳର ସଂସ୍କୃତି, ପାରମ୍ପରା ଓ ଐତିହ୍ୟକୁ ସାର୍ବଜନୀନ କରୁଥିବା କଥା କହିଥିଲେ । ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଆସିଥିବାବେଳେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ଓ ଉପ ଜିଲ୍ଲାପାଳ ଅନୁପ ପଣ୍ଡା ସମ୍ମାନିତ ଅତିଥି ଭାବେ ଆସି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବାରଣାସୀ ଉତ୍ସବରେ ବହୁ ସଂସ୍କୃତିକ ଓ ପାରମ୍ପରିକ ନୃତ୍ୟ ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା । ଭୁବନେଶ୍ୱରରୁ ଆସିଥିବା ଫେଷ୍ଟିଭାଲ ଫାଉଣ୍ଡେସନ ଅଫ ଓଡିଶାର ନୃତ୍ୟ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ଚିତାକର୍ଷକ ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକ ମାନଙ୍କ ମନ ମୁଗ୍ଧ କରିଥିଲା । ସ୍ଥାନୀୟ ବିଧାୟକ ଶ୍ରୀ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମ ଦ୍ୱାରା କାଶୀନଗର ଭଳି ଏକ ଉପାନ୍ତ ଅଞ୍ଚଳରେ ଭାଷା, ଜାତି ଓ ଧର୍ମ ଭେଦଭାବ ନ କରି ଏହା ଏକ ଭାଇଚାରାର ବାର୍ତ୍ତା ସବୁ ବର୍ଗର ଲୋକଙ୍କ ନିକଟରେ ପହଞ୍ଚେଇ ପାରୁଥିବା କଥା କହିଥିଲେ ।

## ବାଙ୍କୁଲୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରକଳ୍ପ ରାଜ୍ୟସ୍ତରରକୁ ମନୋନୀତ



କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍): ବ୍ଲକ ପାଇଁ ଗୌରବ ଆଣିଲେ, ବାସନ୍ତୀ । କୋଷାଗୁମୁଡା ସରକାରୀ ମ୍ୟୁନିସିପାଲଟି ଉଚ୍ଚ ବିଦ୍ୟାଳୟ ପରିସରରେ ନବରଙ୍ଗପୁର ଜିଲ୍ଲା ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲାପାଳ ଡ଼. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକ, ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତ୍ତରଞ୍ଜନ ପଟ୍ଟ ନାୟକ, ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ନିରନ୍ତର ଭବିଷ୍ୟତ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରସଙ୍ଗକୁ ନେଇ ଜିଲ୍ଲାର ୧୦ଟି ବ୍ଲକ୍ ରୁ ୭୦ଟି ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ । ପରବର୍ତ୍ତୀ ରାଜ୍ୟ ସ୍ତରୀୟ ବାଲ ବୈଜ୍ଞାନିକ କାର୍ଯ୍ୟକ୍ରମ ପାଇଁ ସାତଟି ପ୍ରକଳ୍ପକୁ ଚୟନ କରାଯାଇଛି । ଏହି ସାତଟି ପ୍ରକଳ୍ପ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାଙ୍କୁଲୀର ଛାତ୍ରୀ ବାସନ୍ତୀ ହରିଜନ । 'ବର୍ଜ୍ୟବସ୍ତୁ ପରିଚାଳନା' ଉପରେ ଆଧାରିତ ପ୍ରକଳ୍ପଟି ସମାଜ ପାଇଁ ପ୍ରେରଣାତ୍ମକ ହୋଇପାରିଛି । ଛାତ୍ରୀ ଜଣକ ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଧାନ ବିଶ୍ୱାସ , ବିଜ୍ଞାନ ଶିକ୍ଷୟିତ୍ରୀ ସୋନାଲି ପୁଷ୍ଟା ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି ।

# ଗଜପତି ଉତ୍ସବ ପାଇଁ ପୋଷ୍ଟର ଉନ୍ମୋଚିତ



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲା ସଂସ୍କୃତି ପରିଷଦ ଗଜପତି ଦ୍ୱାରା ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଗଜପତି ଉତ୍ସବର ପୋଷ୍ଟର ଉନ୍ମୋଚନ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଜିଲ୍ଲାପାଳ ଗଜପତି, ଅନୁପ ପଣ୍ଡା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି, ଅଂଶୁମାନ ମହାପାତ୍ର, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ନାଗରିକ, ନାରାୟଣ ବେହେରା,ତହସିଲଦାର ପାରଳାଖେମୁଣ୍ଡି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଗଜପତି ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ଓ ସଂଯୋଜକ ଉପସ୍ଥିତ ଥିଲେ । ଏହି ପୋଷ୍ଟର ମାଧ୍ୟମରେ ଜିଲ୍ଲାର ଜନସାଧାରଣଙ୍କୁ ଗଜପତି ଉତ୍ସବ ନିମନ୍ତେ ସଚେତନତା କରାଯିବ । ସେହିପରି ଗଜପତି ଉତ୍ସବ ପାଳନ ନିମନ୍ତେ ଏକ ସଚେତନତା ରଥକୁ ମଧ୍ୟ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାରେ ସମସ୍ତ ବ୍ଲକସ୍ତରରେ ଗସ୍ତ କରି ଗଜପତି ଉତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉପଲକ୍ଷେ ସଚେତନତା ସୃଷ୍ଟି କରାଯିବ । ଆସନ୍ତା ଡ଼ିସେମ୍ବର ୧୮ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ସ୍ଥାନୀୟ ଗଜପତି ଷ୍ଟାଡିୟମ୍ ଠାରେ ଗଜପତି ମହୋତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହେବାକୁ ଯାଉଅଛି । ଜିଲ୍ଲାର ଲୋକ କଳା,ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଭାଇଚାରାର ମାଟି ଗଜପତିରେ ଅନୁଷ୍ଠିତ ହେବ । ସେହିପରି ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଓ ଗଜପତି ମହୋତ୍ସବରେ ଜିଲ୍ଲା,ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କଳାକାର ପ୍ରଦର୍ଶନ କରିବେ । ଏତଦ୍ ବ୍ୟତୀତ ଜିଲ୍ଲାରେ ଉତ୍ପାଦିତ କୁଟୀର ଶିଳ୍ପ ସାମଗ୍ରୀ, କୃଷୀ ଜାତ ଦ୍ରବ୍ୟ, ହସ୍ତତନ୍ତ ସାମଗ୍ରୀ ଓ ସଉରା ଚିତ୍ରକଳା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତି ସାମଗ୍ରୀ ଗୁଡିକର ବିକ୍ରି ଓ ପ୍ରଦର୍ଶନୀ କରାଯିବ ।

## ବିଜ୍ଞାନ, ଗଣିତ, ପରିବେଶ ମେଳା ଓ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରଦର୍ଶନ



ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଥମ ଥର ପାଇଁ ବିଜ୍ଞାନ, ଗଣିତ, ପରିବେଶ ମେଳା ଓ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରଦର୍ଶନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା । ଉପଜିଲ୍ଲାପାଳ, ବରଗଡ଼ -ଶ୍ରୀ ଯୁକ୍ତ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବରଗଡ଼ -ଶ୍ରୀଯୁକ୍ତ ତାହିର ହୁସେନ, ସହକାରୀ ଜିଲ୍ଲାପାଳ, ବରଗଡ଼ -ଶ୍ରୀଯୁକ୍ତ ମଦନଲାଲ ପଣ୍ଡା, ଜର୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ, ବରଗଡ଼ର ପ୍ରଧାନ ଶିକ୍ଷୟତ୍ରୀ -ଶ୍ରୀମତୀ ଶାଶ୍ୱତୀ ଦାଶ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ -ପ୍ରିତମ ସିଂ, ପ୍ରଧାନ ଶିକ୍ଷକ ତ୍ରୟ-ଅଭୟ କୁମାର ପଧାନ, କିଶୋର ଚନ୍ଦ୍ର ସାହୁ ଓ ମେଘନାଦ ସାହୁ ମଞ୍ଚାସୀନ ଥିଲେ । ଅତିଥିଗଣ ଦୃଷ୍ଟିହୀନ ଓ ବଧିର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ୩୩ ଗୋଟି ପ୍ରକଳ୍ପ ବୁଲି ଦେଖିବାସହ, ଏହାର ଭୂୟଶୀ ପ୍ରଶଂସା କରିଥିଲେ । ଏହା ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପାଣ୍ଡେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଦୃଷ୍ଟିହୀନ, ବଧିର ଓ ବୌଦ୍ଧିକ ଅକ୍ଷମତା ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା । ଶିକ୍ଷକ ଓ ଶିକ୍ଷୟିତ୍ରୀ ସହାୟତାରେ ଛାତ୍ରଛାତ୍ରୀ ମାନେ ଖୁବସୁନ୍ଦର ଶିକ୍ଷଣୀୟ ସାମଗ୍ରୀ ସହ ପ୍ରକଳ୍ପମାନ ପ୍ରସ୍ତୁତ କରି ମେଳାରେ ପ୍ରଦର୍ଶନ କରିଥିଲେ । ସମସ୍ତ ପ୍ରକଳ୍ପରେ ଭାଗନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ମେଳାକୁ ନିଶାମଣି ଉଚ୍ଚ ବିଦ୍ୟାଳୟ ଓ ଶକ୍ତି ନଗର ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ପରିଦର୍ଶନରେ ବିଦ୍ୟାଳୟକୁ ଆସିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ବରିଷ୍ଠ ସଦସ୍ୟ ସମାରୁ ପ୍ରଧାନ, ଗୋବିନ୍ଦ ପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ଭ୍ଜକ ସାହୁ,ପବିତ୍ର ଦେହେରୀ, ଦିବାକର ମାଝୀ, ନନ୍ଦିଘୋଷ ମହାପାତ୍ର, ରମେଶ ଦାଶ ଓ ଅନ୍ୟ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାନମଣ୍ଡି ଉଦ୍‌ଘାଟିତ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ସ୍ଥିତ ଆର ଏମ, ସି ମଣ୍ଡି ପରିସରରେ ଆଜି ଧାନମଣ୍ଡିର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ମଣ୍ଡି ଉଦଘାଟନ ଅବସରରେ , ଲ୍ୟାମ୍ପସ ସଭାପତି ରାଇସେଁ ଗଣ୍ଡ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ମନ୍ତ୍ରୀ ପ୍ରତିନିଧି ପ୍ରୀତିସ୍ନିଧା ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଦର୍ଶନ ମାଝୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ ଗଣ୍ଡ, ରାଇଘର ସରପଞ୍ଚ ଲମ୍ବୋଦର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ନିରାକାର ରାଉତ, ଆର.ଏମ୍‌ସିର, ପେଶିଲାଲ ହଲଓ୍ୱା, ମହେଶ ହାଲଓ୍ୱା, ଭାଇ ରାମ୍ ହାଲଓ୍ୱା, ଚାଷୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ଉପସ୍ଥିତ ଥିବା ଅତିଥି କହିଥିଲେ ଯେ ଚାଷୀ ଯେମିତି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ତାହା ଉପରେ ନଜର ଦେବାକୁ । ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଧାର୍ଯ୍ୟ କରଯାଇଥିବା ବେଳେ ରାଇଘର ମଣ୍ଡି ଠାରେ ଶୁକ୍ରବାର, ଶନିବାର , ଗୋନା ଠାରେ ବୁଧବାର ଦିନ, ଯୋଡିଙ୍ଗା ଠାରେ ମଙ୍ଗଳବାର ଦିନ, ହାଟଭରାଣ୍ଡି ଠାରେ ରବିବାର ଦିନ, ମହଣ୍ଡ ଠାରେ ସୋମବାର ଦିନ ଧାନ କ୍ରୟ ବିକ୍ରୟ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିବା ଜଣାଯାଇଛି ।



# ଥାନାରେ ନୂତନ ଏସ୍‌ଡିପିଓ ନିଯୁକ୍ତି କେବେ ?

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାର ଖାଡ଼ିଆଳ ସହର ଏକ ବ୍ୟସ୍ତ ବହୁଳ ସହର ଅଟେ । ଏହି ସହରକୁ ଦୈନିକ ହଜାର ହଜାର ସମ୍ପ୍ରଦାୟର ଧର୍ମାବଲମ୍ବୀ ସହ ବିଭିନ୍ନ ଦେଶ ବିଦେଶରୁ ଲୋକେ ଯିବା ଆସିବା କରିଥାନ୍ତି । ତେଣୁ କରି ଖାଡ଼ିଆଳ ଥାନା ମଧ୍ୟ ନୂଆପଡା ଜିଲ୍ଲାର ବ୍ୟସ୍ତ ବହୁଳ ଥାନା ଅଟେ । ଏହି ବ୍ୟସ୍ତ ବହୁଳ ଥାନାରେ ପ୍ରାୟ ସମୟ ଭିଡ଼ଭାଡ଼ ରହିଥାଏ । ଏହି ଥାନା ଅଧୀନରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟ ସବୁ ହୋଇଥାଏ । ବିଭିନ୍ନ ପ୍ରକାର ଚୋରି, ଡକାୟତି, ଠାରୁ ଆରମ୍ଭ କରି ଛୋଟ ବଡ ଅନୈତିକ, ଅସାମାଜିକ, କାର୍ଯ୍ୟକଳାପ ହେଉଥିବା ଲୋକେ ଚର୍ଚ୍ଚା କରୁଛନ୍ତି । ତେଣୁ ଜିଲ୍ଲାରେ ଗୁରୁତ୍ୱ ବହନ କରୁଥିବା ଥାନାରେ ଏସ୍‌ଡିପିଓଙ୍କ ବଦଳିର ପାଖାପାଖି ମାସେ ହେଲାଣି ପଦବୀ ଖାଲି ପଡିଛି । ଖାଡ଼ିଆଳ ଏସ୍‌ଡିପିଓ ଅଧୀନରେ ଖଡ଼ିଆଳ, ବୋଡ଼େନ ଓ ସିନାପାଲି ଏହି ତିନୋଟି ଥାନାର ଲୋକେ ନ୍ୟାୟ ପାଇଁ ନିର୍ଭର କରିଥାନ୍ତି । ଖଡ଼ିଆଳ ଠାରୁ ନୂଆପଡା ପାଖାପାଖି ୯୦ କିମି ଓ ବୋଡ଼େନ ଠାରୁ ୭୦ କିମି ହେବ । କୋଣସି ପ୍ରକାର ଏସ୍‌ଡିପିଓ ପାଖରେ ଲୋକଙ୍କ କାମ ପଡିଲେ ନୂଆପଡା ଦାୟିତ୍ୱରେ ଥିବା ଏସ୍‌ଡିପିଓଙ୍କ ପାଖକୁ ବହୁ କଷ୍ଟରେ ଯିବାକୁ ପଡିଥାଏ । ଲୋକଙ୍କୁ ନ୍ୟାୟ ପାଇବା ପାଇଁ ଅନେକ ବାଟ ଯିବାକୁ ପଡିଥାଏ । ଏତେ ବାଟ ଯାଉ ଯାଉ ଲୋକେ ନ୍ୟାୟ ପାଇବା ବଦଳରେ ଜୀବନ ଚାଲିଯିବ ବୋଲି ସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି ।ତେଣୁ ସାଧାରଣ ଜନତାଙ୍କ ମଧ୍ୟରେ ଦାବୀ ହେଉଛି ଯେ ଖଡ଼ିଆଳ ଭଳି ଗୁରୁତ୍ୱ ବହନ କରୁଥିବା ଥାନାରେ କେବେ ନୂଆ ଏସ୍‌ଡିପିଓ ନିଯୁକ୍ତି ଦିଆଯିବ ।ତେଣୁ ଖଡ଼ିଆଳ ଥାନାରେ ତୁରନ୍ତ ନୂତନ ଏସ୍‌ଡିପିଓ ନିଯୁକ୍ତି କରାଯାଉ ବୋଲି ପ୍ରଶାସନକୁ ସାଧାରଣରେ ଦାବୀ ହେଉଛି ।

## ମାଲ୍ୟବନ୍ତ ମହୋତ୍ସବ ପାଇଁ ପଥ ଉତ୍ସବ



ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଲୋକ ପର୍ବ ମାଲ୍ୟବନ୍ତ ଉଦ୍ଦେଶ୍ୟରେ ଆଜି ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସଦର ମହକୁମାର ବାଲିମେଳା ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଏହି ପଥ ଉତ୍ସବର ଆୟୋଜନ କରଯାଇଥିଲା । ଏଥିରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିବା ବେଳେ ମଞ୍ଚରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯୋଧନ ଭୋଇ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଅନେକ ଛାତ୍ର ଛାତ୍ରୀ, ଯୁବ ପିଢ଼ୀ ମାନେ ଯୋଗ ଦେଇ ନିଜର କଳାର ପ୍ରଦର୍ଶନ କରିଥିଲେ । ରାଜ ରାସ୍ତାରେ ମାଲ୍ୟାବନ୍ତ ମହୋତ୍ସବ ନିମନ୍ତେ ବିଭିନ୍ନ ରଙ୍ଗୋଲିର ଆୟୋଜନ କରାଯାଇଥିବା ବେଳେ କୁସ୍ତି, ମାଲଖମ୍ବ, ସ୍କିଙ୍ଗ୍, ନାଚ, ଗୀତ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରଯାଇଥିଲା । ଏଠାରେ ସ୍ୱତନ୍ତ୍ର ଆକର୍ଷଣ ଥିଲା ବିଏସଏଫର ଡଗ୍ ସୋ ପ୍ରଦର୍ଶନୀ । ତେବେ ଜିଲ୍ଲାରେ ମାଲ୍ୟାବନ୍ତ ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇଥିବା ବେଳେ ଆଜିର ଏହି ପଥ ଉତ୍ସବରେ ଜିଲ୍ଲାବାସୀ ଓ ଜିଲ୍ଲାର ପ୍ରଶାସନିକ ଅଧିକାରୀ ମାନେ ବେଶ୍ ଖୁସିର ସହ ଝୁମିଉଠିଥିଲେ ।

# ଜଳିଗଲା ଧାନଗଦା,୪ ଚାଷୀ ନିରାଶ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ ଓଡିଆପେଣ୍ଠ ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡା ଗ୍ରାମର ଚାରିଜଣ ଚାଷୀ ନିଜ ନିଜ ଜମିରୁ ଧାନ କାଟି ଗଦା କରି ରଖିଥିଲେ । ହେଲେ ଆଜି କେହି ସେଥିରେ ନିଆଁ ଲଗାଇ ଦେଇଥିବାରୁ ସମସ୍ତ ଧାନ ପୋଡି ନଷ୍ଟ ହୋଇଯାଇଛି । ଏନେଇ ଓଡ଼ିଆପେଣ୍ଠ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗା ରାଜସ୍ୱ ଅଧିକାରୀଙ୍କୁ ଜଣାଇଥିଲେ । ଫଳରେ ରାଜସ୍ୱ ଅଧିକାରୀ ତହସିଲଦାରଙ୍କୁ ଜଣାଇବା ପରେ ଯାହା ସାହାଯ୍ୟ ହେଇପାରିବ ତାହା ଯୋଗାଇ ଦିଆଯିବ ବୋଲି କହିଥିଲେ । ଅପର ପଟେ ପୋଡି ଯାଇଥିବା ଧାନ ମଧ୍ୟରେ ବୁଦ୍ଧୁ କାସିଙ୍କର ୧୫ ବସ୍ତା, ମୁକୁନ୍ଦ କାସିଙ୍କର ୧୨ ବସ୍ତା, ମକର କାସିଙ୍କର ୧୦ ବସ୍ତା ଓ ନୁରପୁର କାସିଙ୍କର ୧୨ ବସ୍ତା ଧାନ ଥିବା ଜଣା ପଡିଛି । ଏନେଇ ଆମେ କୃଷି ଅଧିକାରୀ ସୂର୍ଯ୍ୟ କାନ୍ତ ନାହାକଙ୍କୁ ପଚାରିବାରୁ ଯଦି ସେମାନେ ଜନ ସେବା କେନ୍ଦ୍ରରେ ଇନ୍ସୁରାନ୍ସ କରିଥିବେ, ତେବେ କେତେ ଧାନ ନଷ୍ଟ ହୋଇଛି ତାହା ଆକଳନ ହେବା ପରେ ତାଙ୍କୁ କ୍ଷୟକ୍ଷତି ମିଳି ପାରିବ ବୋଲି ପ୍ରକାଶ କରି ଛନ୍ତି ।

## ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ମାନବାଧିକାର ଦିବସ ପାଳିତ




ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଜାତୀୟ ସେବା ଯୋଜନା ଏବଂ ଯୁବ ରେଡକ୍ରସ ୟୁନିଟ୍ ତରଫରୁ ଜାତୀୟ ମାନବାଧିକାର ଦିବସ ପାଳିତ ହୋଇ ଯାଇଛି । ଯୁକ୍ତ ତିନି ଅଧ୍ୟକ୍ଷ ବିଜୁ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ସିଏସଏନାର ଅଧିକାରୀ ଜ୍ଞାନ ସାଗର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନବାଧିକାର କଣ ଏବଂ ଏହା କିପରି ବଜାୟ ରହିବ ସେ ନେଇ ସମସ୍ତେ ସଚେତନ ହୋଇ ନିଜ ନିଜ ଅଧିକାର ବିଷୟ ଜାଣିବା ସହିତ ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ପରାମର୍ଶ ଦେଇ ଥିଲେ ।ଏହି ଅବସରରେ ସିଏସଏନାର ଦ୍ୱାରା ଏକ ରଚନା ପ୍ରତିଯୋଗିତା ଆୟୋଜିତ କରାଯାଇ ଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଅଧ୍ୟାପିକା ମୌତୁସୀ ପ୍ରଧାନ,ମହିମା ରାଣୀ ରାଜୁ,ଜୟଶ୍ରୀ ପଟ୍ଟନାୟକ,ଉଦୟ ଭାନୁ ପଣ୍ଡା, ଯୁକ୍ତ ତିନି ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ ଏବଂ ଅଧ୍ୟାପକ ପବିତ୍ର ମଣ୍ଡଳ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଯଶୋବନ୍ତ ଗରଡା ପରିଚାଳନା କରିଥିଲା ବେଳେ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଦୁର୍ଯୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜନ୍ମଦିନରେ ଚାରାରୋପଣ

ବରଗଡ(ଭାସ୍କର ନ୍ୟୁଜ୍): ପରିବେଶ ବଞ୍ଚିଲେ ଆମେ ବଞ୍ଚିବା । ପୃଥିବୀକୁ ସବୁଜ ସୁନ୍ଦର ରଖିବାକୁ ହେଲେ ବୃକ୍ଷରୋପଣ ଏକାନ୍ତ ଆବଶ୍ୟକ । ଏହି ବାର୍ତ୍ତାକୁ ଛାତ୍ର ଛାତ୍ରୀଙ୍କ ପାଖରେ ପହଞ୍ଚାଇବା ପାଇଁ କନଗାଁ କ୍ଲଷ୍ଟରର ସିଆରସିସି କେଦାରନାଥ ସାହୁଙ୍କ ଏକ ଅଭିନବ ପ୍ରୟାସ । ସୋହେଲା ବ୍ଲକ ଅନ୍ତର୍ଗତ କନଗାଁ କ୍ଲଷ୍ଟରର ସି ଆର ସି ସି କେଦାରନାଥ ସାହୁ ନିଜ ଜନ୍ମଦିନ ଅବସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ବାଡ଼ିପାଲି ଠାରେ ଛାତ୍ର ଛାତ୍ରୀଙ୍କ ସହ ଏକ ବଉଳ ଚାରାରୋପଣ କରିଥିଲେ । ଏହି ଚାରାରୋପଣ କରି ସେ ଛାତ୍ର ଛାତ୍ରୀଙ୍କୁ ନିଜର ସ୍ମରଣୀୟ ଦିବସରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାକାନ୍ତ ବେହେରା ଉପସ୍ଥିତ ଥିଲେ । ଏହି ବଉଳ ଚାରାଟି ବରଗଡ଼ ଜିଲ୍ଲା ପରିବେଶ ସମିତିର ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଜନ୍ମ ଦିନ ଉପହାର ଭାବେ କେଦାରନାଥ ସାହୁଙ୍କୁ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ୍ ଅନ୍ତର୍ଗତ କେ.ଏମ.ଭାଲିଆ ସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଆମ୍ବୋଲୁ ରବି କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥୀ ଭାବେ ରା ଉଦୟଗିରି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବୀରେନ୍ଦ୍ର ମଣ୍ଡଳ, ମୁଖ୍ୟବକ୍ତାଭାବେ ବରିଷ୍ଠ କୃଷି ବୈଜ୍ଞାନିକ ଡଃ. ସଞ୍ଜୀବ କୁମାର ମାଣ୍ଡି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାଧୁଚରଣ ଦଣ୍ଡସେନା, ଛେଳିଗଡ ପ୍ରଧାନ ଶିକ୍ଷକ ବନମାଳୀ ବଡରଇତ, ମହେନ୍ଦ୍ରଗଡ ପ୍ରଧାନ ଶିକ୍ଷକ ଲୋକନାଥ ନାହାକ, ରଣ୍ଡିବା ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ଟିକାମାଳ ପ୍ରଧାନ ଶିକ୍ଷକ ଅଭୟ କୁମାର ଦାସ ଯୋଗଦାନ କରିଥିଲେ । ବିଚାରକ ଭାବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ଜେନା ଏବଂ ବରିଷ୍ଠ କୃଷି ବୈଜ୍ଞାନିକ ଡ.ସଞ୍ଜୀବ କୁମାର ମାଣ୍ଡି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବା ସହ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲାର ୭ଟି ବ୍ଲକରୁ ବିଭିନ୍ନ ବିଭାଗରେ ମୋଟ ୪୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଭାଗରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କାର ବଣ୍ଟନ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀମାନେ ଆସନ୍ତା ୧୮-୨୦ ତାରିଖରେ ହେବାକୁଥିବା ରାଜ୍ୟସ୍ତରୀୟ ବାଲ ବିଜ୍ଞାନ ମେଳାରେ ଜିଲ୍ଲା ପକ୍ଷରୁ ପ୍ରତିଯୋଗଗୀତା ରେ ଅଂଶ ଗ୍ରହଣ କରିବେ । ଏହି ଅବସରରେ ନିରୀକ୍ଷକ ବିନୋଦ ଚନ୍ଦ୍ର ଜେନାଙ୍କ ଲିଖିତ ବିଜ୍ଞାନ ସମ୍ପର୍କିତ ପୁସ୍ତକର ମଧ୍ୟ ଶୁଭ ଉନ୍ମୋଚନ କରାଯାଇଥିଲା ।



ଉକ୍ତ କାର୍ଯ୍ୟକ୍ରମର ସମସ୍ତ ଦାୟିତ୍ୱ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରାମଚନ୍ଦ୍ର ଦଳବେହେରା ପରିଚାଳନା କରିଥିଲାବେଳେ ଯୁଧିଷ୍ଠିର ପାଇକ ଏବଂ ପ୍ରହଲ୍ଲାଦ ଶିଅଳ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବାଜିର ଓ ଯୁବକସଂଘର ଯୁବଗୋଷ୍ଠୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।



ଚେନ୍ନାଇ : ଚେନ୍ନାଇ ଏୟାରପୋର୍ଟରୁ ଗୁରୁବାର ମୁମ୍ବାଇ ଓ କୋଚି ଯାଉଥିବା ଦୁଇଟି ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି। ଯାହାଫଳରେ ଉଭୟ ବିମାନ ଚେନ୍ନାଇ ବିମାନବନ୍ଦରରେ ଜରୁରୀ କାଳୀନ ଅବତରଣ କରିଛି। ହଠାତ୍ ଆକାଶରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଶହ ଶହ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ଉଭୟ ବିମାନର ସମସ୍ତ କ୍ରୁ ମେମ୍ବର ଏବଂ ଯାତ୍ରୀ ସୁରକ୍ଷିତ ଅଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଚେନ୍ନାଇ ବିମାନବନ୍ଦରରୁ ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିବା ଇଣ୍ଡିଗୋ ଏହି ବିମାନରେ ୧୬୦ ଜଣ ଯାତ୍ରୀ ଥିଲେ। ଉଡ଼ାଣର କିଛି ସମୟ ପରେ ଏଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା । ଦୁଇ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ ହୋଇଥିଲା ଏବଂ ବିମାନଟି ସକାଳ ୭.୪୫ରେ ମୁମ୍ବାଇ ଅଭିମୁଖେ ଉଡ଼ାଣ ଭରିଥିଲା।

# ମହିଳା ସମ୍ମାନ ଯୋଜନା: ମାସକୁ ମିଳିବ ୨୧୦୦ ଟଙ୍କା



ନୂଆଦିଲ୍ଲୀ : ବିଧାନସଭା ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ଆମ୍ ଆଦମୀ ପାର୍ଟି ମହିଳାଙ୍କ ପାଇଁ ଏକ ଖୁସି ଖବର ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ଯୋଜନା କାର୍ଯ୍ୟକାରୀ ନେଇ ଘୋଷଣା କରିଛନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ। ଗୁରୁବାର ସକାଳେ ଦିଲ୍ଲୀ କ୍ୟାବିନେଟ୍ ମହିଳା ସମ୍ମାନ ଯୋଜନାକୁ ଅନୁମୋଦନ କରିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହି ଯୋଜନାରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କୁ ପ୍ରତି ମାସରେ ୧୦୦୦ ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଥିଲେ କେଜ୍ରିୱାଲ। ତେବେ ନିର୍ବାଚନ ଜିତିଲେ ଏହି ରାଶିକୁ ବଢ଼ାଇ ୨୧୦୦ ଟଙ୍କା କରିଦିଆଯିବ ବୋଲି କେଜ୍ରିୱାଲ ଘୋଷଣା କରିଛନ୍ତି। ଶୁକ୍ରବାର ଠାରୁ ମୁଖ୍ୟମନ୍ତ୍ରୀ ମହିଳା ସମ୍ମାନ ଯୋଜନା ପାଇଁ ପଞ୍ଜୀକରଣ କରାଯିବ ବୋଲି କେଜ୍ରିୱାଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ଘୋଷଣା ସହ ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କିଛି ଦିନ ମଧ୍ୟରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କାରଣରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ମଧ୍ୟ ଆକାଉଣ୍ଟକୁ ଟଙ୍କା ପଠାଯାଇପାରିବ ନାହିଁ। ଏହାପରେ ଖୁବଶୀଘ୍ର ଆଉ ଏକ ଘୋଷଣା କରି ସେ କହିଛନ୍ତି ଯେ ନିର୍ବାଚନ ପରେ ମହିଳାମାନଙ୍କୁ ଏହି ଯୋଜନା ଅଧୀନରେ ପ୍ରତିମାସରେ ୧୦୦୦ ବଦଳରେ ୨୧୦୦ ଟଙ୍କା ଦିଆଯିବ। ଏହି ଘୋଷଣା ବେଳେ କେଜ୍ରିୱାଲ କହିଛନ୍ତି ଯେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଏହି ଘୋଷଣା ମୁଁ କରିଥିଲି ଏବଂ ଆଶା କରୁଥିଲି ଯେ ଏହା ମେ' -ଜୁନ୍ ମାସରେ କାର୍ଯ୍ୟକାରୀ ହୋଇଯିବ। କିନ୍ତୁ ତାହା ହୋଇ ପାରିନଥିଲା। ଜେଲରୁ ଫେରିବା ପରଠାରୁ ମୁଁ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ସହ ଏହି ଯୋଜନାର କାର୍ଯ୍ୟକାରୀତାରେ ବ୍ୟସ୍ତ ଥିଲି ଏବଂ ବର୍ତ୍ତମାନ ଏହା କାର୍ଯ୍ୟକାରୀ ହୋଇଛି। ଏହା ମହିଳାଙ୍କ ପ୍ରତି ଆମର ଅନୁଗ୍ରହ ନୁହେଁ। ମହିଳାମାନେ ନିଜ ପରିବାର ଚଳାନ୍ତି। ପିଲାମାନଙ୍କୁ ସଂସ୍କାର ଦିଅନ୍ତି ଓ ପାଳି ପୋଷି ବଡ଼ କରନ୍ତି ଏବଂ ସେହି ପିଲାମାନେ ହିଁ ଆମର ଭବିଷ୍ୟତ। ଏପରି ସ୍ଥିତିରେ, ଯଦି ଆମେ ମହିଳାମାନଙ୍କୁ କିଛି ସାହାଯ୍ୟ କରିପାରିବା, ତେବେ ଏହା ଆମର ସୌଭାଗ୍ୟ। କେଜ୍ରିୱାଲ ଆହୁରି କହିଛନ୍ତି ଯେ ମୁଁ ଜାଣେ କେଉଁଠାରେ ଟଙ୍କା ସଞ୍ଚୟ କରାଯିବ ଓ କେଉଁଠାରେ ବିନିଯୋଗ କରାଯିବ। ମୁଁ କହିଥିଲି ଯେ ପ୍ରତି ମାସରେ ୧୦୦୦ ଟଙ୍କା ଦେବୁ, ଆଉ ଆଜି ଆମେ ଏହାକୁ ଆରମ୍ଭ କରିଛୁ। ଆଜି ଦିଲ୍ଲୀ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ଏବଂ ଆଗାମୀ ୧୦-୧୫ ଦିନ ମଧ୍ୟରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଏହି କାରଣରୁ ନିର୍ବାଚନ ପୂର୍ବରୁ ଟଙ୍କା ପଠାଯାଇପାରିବ ନାହିଁ। ତେବେ ମହିଳାମାନେ କହିଲେ ଯେ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପାଉଛି ଏବଂ ୧୦୦୦ ଟଙ୍କା ଯଥେଷ୍ଟ ହେବ ନାହିଁ। ତେଣୁ ଆଜି ମୁଁ ଘୋଷଣା କରୁଛି ଯେ ଆସନ୍ତାକାଲି ଠାରୁ ଯେଉଁ ପଞ୍ଜୀକରଣ ଆରମ୍ଭ ହେବ ଏହା ୧୦୦୦ ନୁହେଁ, ବରଂ ୨୧୦୦ ଟଙ୍କା ପାଇଁ ହେବ।

## ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ୭ ମୃତ୍ୟୁ

ମଣ୍ଡି: ହିମାଚଳପ୍ରଦେଶ ମଣ୍ଡି ଜିଲ୍ଲାର ନେରଚୌକରେ ଏକ ଅଘଟଣ ଘଟିଯାଇଛି। ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ୭ ଜଣ ଲୋକ ଜଳି ଯାଇଛନ୍ତି । ସମସ୍ତ ଗୁରୁତର ଆହତଙ୍କୁ ନେରଚୌକ୍ ମେଡିକାଲ୍ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏଏସପି ମଣ୍ଡି ସାଗର ଚନ୍ଦ୍ର କହିଛନ୍ତି ଯେ, ବୁଧବାର ଅପରାହ୍ନରେ ବଲହ ପୋଲିସ ଷ୍ଟେସନ ଅଧୀନରେ ଥିବା ନେରଚୌକ୍ ବଜାରରେ ଚାକ କା ଗୋହର ନାମକ ଏକ ଢାବାରେ ରଖାଯାଇଥିବା ସିଲିଣ୍ଡରରେ ହଠାତ୍ ନିଆଁ ଲାଗିଯାଇଥିଲା । ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥିଲା । ଅଗ୍ନିକାଣ୍ଡରେ ଢାବାରେ କାମ କରୁଥିବା ତିନି ଜଣ ବ୍ୟକ୍ତି ଏବଂ ଅନ୍ୟ ଦୁଇ ଜଣ ଲୋକ ଖାଇବାକୁ ଆସିଥିଲେ । ଏଥିସହିତ ପାଖ ଦୋକାନରେ ଥିବା ଦୁଇଜଣ ବ୍ୟକ୍ତି ମଧ୍ୟ ନିଆଁରେ ପୋଡି ହୋଇଯାଇଛନ୍ତି। ତେବେ ଅଗ୍ନିକାଣ୍ଡର ଖବର ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ବହୁ ପରିଶ୍ରମ ପରେ ନିଆଁକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥଲା।

## ରାହୁଲଙ୍କୁ ନଡାଙ୍କ ଟାର୍ଗେଟ
# ଛାତ୍ରଙ୍କ ଭଳି ବ୍ୟବହାର କରୁଛନ୍ତି ରାହୁଲ



ନୂଆଦିଲ୍ଲୀ: କେନ୍ଦ୍ର ମନ୍ତ୍ରୀ ତଥା ଭାଜପା ମୁଖ୍ୟ ଜେପି ନଡା ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେକଙ୍କୁ ଟାର୍ଗେଟ୍ କରିଛନ୍ତି। ସଂସଦରେ ଉପରାଷ୍ଟ୍ରପତିଙ୍କ ନକଲ କରିବାକୁ ସାଂସଦମାନଙ୍କୁ ପ୍ରବର୍ତ୍ତାଇବା ଦେଖି ନଡା ରାହୁଲ ଗାନ୍ଧୀଙ୍କୁ କଲେଜ ବାଳକ ବୋଲି କହିଥିଲେ। ଉପରାଷ୍ଟ୍ରପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଖଡ଼୍‌ଗେଙ୍କ ପଦକ୍ଷେପକୁ ମଧ୍ୟ ସେ ନିନ୍ଦା କରିଛନ୍ତି। ନଡା କହିଛନ୍ତି, ଉପରାଷ୍ଟ୍ରପତି ପଦ ଭାରତରେ ସାମ୍ବିଧାନିକ ଅଟେ। ତାଙ୍କୁ ସଂସଦରେ ନକଲ କରାଯାଉଛି ଏବଂ ରାହୁଲ ଗାନ୍ଧୀ ଏହାର ଏକ ଭିଡିଓ ପ୍ରସ୍ତୁତ କରୁଛନ୍ତି ଏବଂ ସାଂସଦମାନଙ୍କୁ ଏହା କରିବାକୁ ପ୍ରବର୍ତ୍ତାଉଛନ୍ତି। ଏସବୁ ଦେଖି ମୋତେ ମୋର କଲେଜ ଦିନ ମନେ ପଡିଗଲା। ଯେତେବେଳେ ବିରୋଧୀ ତଥା ଶାସକ ଦଳର ଛାତ୍ରମାନେ ଏହିପରି ବ୍ୟବହାର କରୁଥିଲେ। ରାହୁଲ ଗାନ୍ଧୀ ମଧ୍ୟ ଜଣେ କଲେଜ ପିଲା ପରି ଆଚରଣ କରୁଛନ୍ତି। ଏହା ତାଙ୍କ ଅପରିପକ୍ୱତାକୁ ଦର୍ଶାଉଛି। କଂଗ୍ରେସ ଏବଂ ସୋନିଆ ଗାନ୍ଧୀ ଏହା ବିରୋଧରେ ଗୋଟିଏ ବି ଶବ୍ଦ କହି ନାହାଁନ୍ତି। ନଡା ଆହୁରି ମଧ୍ୟ କହିଛନ୍ତି, ଗଣତାନ୍ତ୍ରିକ ବ୍ୟବସ୍ଥାକୁ କଂଗ୍ରେସ ଅନେକ ଥର ପ୍ରଭାବିତ କରିଛି। କଂଗ୍ରେସ ଏହି ପ୍ରସଙ୍ଗଗୁଡିକୁ ଏଡାଇବାକୁ ଚାହୁଁଛି। ଏହି କାରଣରୁ ଦେଶର ଲୋକମାନେ ଅତ୍ୟନ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜର୍ଜ ସୋରୋସ ନାମକ ଜଣେ ବ୍ୟକ୍ତି ଦେଶର ସ୍ଥିରତାକୁ ପ୍ରଭାବିତ କରିବାକୁ ଚାହୁଁଛନ୍ତି। ଦେଶ ଜାଣିବାକୁ ଚାହୁଁଛି ଜର୍ଜ ସୋରୋସ ଏବଂ ସୋନିଆ ଗାନ୍ଧୀଙ୍କ ମଧ୍ୟରେ ସମ୍ପର୍କ କ'ଣ? ଆମେ ଜନସାଧାରଣଙ୍କ ମଧ୍ୟରେ ଯାଇ ଏହି ପ୍ରସଙ୍ଗ ଉଠାଇବୁ। ଏହା ପରେ ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧକ୍ଷ ଜଗଦୀପ ଧନକରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାରୁ ନଡା ଖଡ଼୍‌ଗେକଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମଲ୍ଲିକାର୍ଜୁନ ଖଡ଼୍‌ଗେ ଜଣେ ବରିଷ୍ଠ ନେତା, ସେ ଜାଣିବା ଉଚିତ ଯେ ଚେୟାରମ୍ୟାନଙ୍କ ନିଷ୍ପତ୍ତି ଚୂଡ଼ାନ୍ତ। ଏପରି ଅଭିଯୋଗ କରିବା ନିନ୍ଦନୀୟ।

## ଶରଦ ପାୱାରଙ୍କୁ ମୋଦୀଙ୍କ ଶୁଭେଚ୍ଛା



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଜାତୀୟତାବାଦୀ କଂଗ୍ରେସ ପାର୍ଟିର ମୁଖ୍ୟ ଶରଦ ପାୱାରଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜ୍ୟ ସଭା ଏମପି ତଥା ବରିଷ୍ଠ ନେତା ଶରଦ ପାୱାରଙ୍କ ଜନ୍ମଦିନର ଶୁଭେଚ୍ଛା। ତାଙ୍କର ଦୀର୍ଘ ଏବଂ ସୁସ୍ଥ ଜୀବନ ପାଇଁ ମୁଁ ପ୍ରାର୍ଥନା କରୁଛି। ଅଜିତ ପାୱାର ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଶରଦ ପାୱାରଙ୍କୁ ଜନ୍ମଦିନର ଶୁଭେଚ୍ଛା। ଆମେ ଆପଣଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ କାମନା କରୁଛୁ। ସୂଚନାଯୋଗ୍ୟ, ଗୁରୁବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି ମୁଖ୍ୟ ଶରଦ ପାୱାରଙ୍କ ୮୪ ତମ ଜନ୍ମଦିନ। ଏହି ବିଶେଷ ଉତ୍ସବରେ ସମସ୍ତେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶରଦ ପାୱାର ୧୨ ଡିସେମ୍ବର ୧୯୪୦ ରେ ପୁଣେ ଜିଲାର ବାରାମାଟିରେ ଜନ୍ମଗ୍ରହଣ କରିଥିଲେ। ଦୀର୍ଘ ଦିନ ଧରି କର୍କଟ ରୋଗ ସତ୍ତ୍ୱେ ସେ ନିଜକୁ ରାଜନୀତିଠାରୁ ଦୂରରେ ରଖିବା ଆବଶ୍ୟକ ମନେ କଲେ ନାହିଁ। ସେ ଭାରତୀୟ ରାଜନୀତିରେ ସବୁଠାରୁ ଅଭିଜ୍ଞ ନେତା ଭାବରେ ଜଣାଶୁଣା।

## ଛତିଶଗଡ଼ ସରକାରଙ୍କ ବର୍ଷେ ପୂର୍ତ୍ତି ପାଇଁ ଭବ୍ୟ ଆୟୋଜନ
# ଯୋଗଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ନେତୃତ୍ୱରେ ସରକାର ୧୩ ତାରିଖରେ ଏକବର୍ଷ ପୂରଣ କରୁଛନ୍ତି । ଏଥିପାଇଁ ଛତିଶଗଡ଼ରେ ଜନାଦେଶ ପର୍ବ ପାଇଁ ଭବ୍ୟ ଆୟୋଜନ ଚୂଡ଼ାନ୍ତ ରୂପ ନେଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି.ନଡ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ଏଥିରେ ଅଧ୍ୟକ୍ଷତା କରିବେ । ଏହି କାର୍ଯ୍ୟକ୍ରମ ଛତିଶଗଡ଼ ରାଜଧାନୀ ରାୟପୁରର ସାଇନ୍ସ କଲେଜ ପଡ଼ିଆରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବର୍ଷିକ ସଫଳତା ଲୋକଙ୍କୁ ଅବଗତ କରାଯିବ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ରୂପେ ବିଧାନସଭା ବାଚସ୍ପତି ଡକ୍ଟର ରମଣ ସିଂହ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ, ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ଓ ବିଜୟ ଶର୍ମା ଯୋଗଦେବେ । କାର୍ଯ୍ୟକ୍ରମରେ ମନ୍ତ୍ରୀଗଣ ଯଥା- କେଦାର କଶ୍ୟପ, ରାମବିଚାର ନେତମ୍, ଦୟାଳଦାସ ବାଘେଲ, ଓ.ପି.ଚୌଧୁରୀ, ଲଖନଲାଲ ଦେବଗନ, ଶ୍ୟାମବିହାରୀ ଜୟସ୍ୱାଲ, ଟଙ୍କରାମ ବର୍ମା, ଲକ୍ଷ୍ମୀ ରାଜୱାଡେ, ସାଂସଦ ବ୍ରଜମୋହନ ଅଗ୍ରୱାଲ ବିଶିଷ୍ଟ ଅତିଥି ରୂପେ ସାମିଲ୍ ହେବେ । ଏଥିସହ ବିଶିଷ୍ଟ ଅତିଥି ଭାବେ ବିଧାୟକ ରାଜେଶ ମୁଣତ, ଗୁରୁ ଖୁସଓ୍ୱନ୍ତ ସାହେବ, ସୁନିଲ କୁମାର ସୋନି, ପୁରନ୍ଦର ମିଶ୍ରା, ମୋତିଲାଲ ସାହୁ, ଅନୁଜ ଶର୍ମା ଏବଂ ଇନ୍ଦ୍ରକୁମାର ସାହୁ ଉପସ୍ଥିତ ରହିବେ ।

# ବାଣିଜ୍ୟ



ନୂଆଦିଲ୍ଲୀ: କେଉଁମାନେ ନିଜ ପାଖରେ କେତେ ଗହମ ରଖିପାରିବେ ତାହାର ସୀମା ନିର୍ଦ୍ଧାରଣ କରାଯାଇଛି। ଯେଉଁମାନେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଗହମ ରଖିବେ ସେମାନଙ୍କ ବିରୋଧରେ ଅତ୍ୟାବଶ୍ୟକ ଆଇନରେ ରହିଥିବା ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମହଜୁଦ୍‌ର ସୀମା ନିର୍ଧାରଣ କରାଯାଇଥିବାରୁ ଆଗାମୀ ଦିନରେ ଗହମ ଦାମ୍ ହ୍ରାସ ପାଇବା ସମ୍ଭାବନା ରହିଛି। ଗହମ ମହଙ୍ଗା ହେବା ପରେ ତାହାର ପ୍ରଭାବ ବିସ୍କୁଟଠାରୁ ଆରମ୍ଭ କରି ପାଉଁରୁଟି ପର୍ଯ୍ୟନ୍ତ ସବୁଆଡ଼େ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଖାଦ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ପାଇକାରୀ ବ୍ୟବସାୟୀମାନେ ନିଜ ପାଖରେ ୨୦୦୦ ଟନ୍ ନୁହେଁ, ତାହାର ଅଧା ୧୦୦୦ ଟନ୍ ରଖିପାରିବେ। ସେହିପରି ଖୁଚୁରା ବ୍ୟବସାୟୀମାନେ ୫ ଟନ୍ ଗହମ ନିଜ ପାଖରେ ରଖିପାରିବେ। ବଡ଼ ବଡ଼ ରିଟେଲ୍ ସଂସ୍ଥାଗୁଡ଼ିକ ନିଜର ପ୍ରତି ଷ୍ଟୋରରେ ଅତିବେଶିରେ ୫ ଟନ୍ ଲେଖାଏଁ ଗହମ ରଖିପାରିବେ। ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥାଗୁଡ଼ିକ ସେମାନଙ୍କ ମାସିକ କ୍ଷମତାର ୬୦ ପ୍ରତିଶତ ବଦଳରେ ୫୦ ପ୍ରତିଶତ ଗହମ ନିଜ ପାଖରେ ରଖିପାରିବେ। ଗହମ ମହଜୁଦର ଏହି ନୂତନ ସୀମା ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ବଳବତ୍ତର ରହିବ।

## ଆର୍‌ଏସ୍‌ପ୍ ନୂତନ ପ୍ଲେଟ ମିଲ ବିଭାଗ ଦ୍ୱାରା ଶ୍ରେଷ୍ଠ ଏକ ଦିବସୀୟ ଉତ୍ପାଦନ ରେକର୍ଡ




ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ବିଭାଗ ଡିସେମ୍ବର ୧୧ ତାରିଖ ଦିନ ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ୍ ରୋଲ୍ ରେକର୍ଡ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛି । ପ୍ଲେଟ ମିଲ ଡିସେମ୍ବର ୧୧ ତାରିଖରେ ୫୦୫୦ ଟନ ପ୍ଲେଟ ରୋଲିଙ୍ଗ ସହକାରେ ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ ରୋଲିଙ୍ଗ ହାସଲ କରିଛି ଏବଂ ଗତ ଜୁଲାଇ ୩୦ ତାରିଖ ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୪୯୮୦ ଟନର ରେକର୍ଡକୁ ଅତିକ୍ରମ କରିଛି । ସୂଚନାଯୋଗ୍ୟ ଯେ ୨୦୧୪ ରେ ଆରମ୍ଭ ହେବା ପରଠାରୁ ଏହା ନୂତନ ପ୍ଲେଟ୍ ମିଲର ବିଭାଗ ର ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ୍ ରୋଲିଂ ରେକର୍ଡ ଅଟେ। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଡିସେମ୍ବର ୧୨ ତାରିଖ ଦିନ ନୂତନ ପ୍ଲେଟ ମିଲ ବିଭାଗ ପରିଦର୍ଶନ କରି ନୂତନ ପ୍ଲେଟ ମିଲ ବିଭାଗର ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାଙ୍କ ସହିତ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବହୁ ସି ଜି ଏମ ତଥା ସଂପୃକ୍ତ ବିଭାଗ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଅତନୁ ଭୌମିକ ନୂତନ ପ୍ଲେଟ ମିଲ ବିଭାଗର କର୍ମଚାରୀ ସମୂହଙ୍କୁ ଉକ୍ତ ରେକର୍ଡ ଉତ୍ପାଦନ ପାଇଁ ଅଭିନନ୍ଦନ ଜଣାଇବା ସହିତ ପ୍ରଶଂସା ପୂର୍ବକ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ପ୍ରଦାନ କରିଥିଲେ। ଏଥିରେ ଆଲୋକ ବର୍ମା ମଧ୍ୟ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇଥିଲେ। ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ ଆର କେ ବିସାରେ ଶୀର୍ଷ ପ୍ରବନ୍ଧନ ତଥା ସହଯୋଗୀ ବିଭାଗ ଯଥା ପିପିସି, ଇଏମଡି, ଆର ଆଣ୍ଡ ସି ଏଲ୍, ଟି ଆଣ୍ଡ ଆରଏମ୍, ଇଡି ୱାର୍କସ ସେକ୍ରେଟାରିଏଟ୍, ରୋଲ୍ ସପ, ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ଭଳି ଆନୁଷଙ୍ଗିକ ବିଭାଗଙ୍କୁ ରେକର୍ଡ ହାସଲରେ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆକ୍ସିସ୍ ବ୍ୟାଙ୍କ ୨୦୨୫ ଆଉଟଲୁକ୍ ରିପୋର୍ଟ ଉନ୍ମୋଚିତ

ନୂଆଦିଲ୍ଲୀ: ଆର୍ଥିକ ବର୍ଷ ୨୦୨୫-୨୬ରେ ଅଭିବୃଦ୍ଧି ହାର ୭% ରହିବା ଆଶା ରହିଥିବା ନେଇ ଆକ୍ସିସ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ନୀଳକଣ୍ଠ ମିଶ୍ର କହିଛନ୍ତି। ପୁଞ୍ଜି ବ୍ୟୟ ଦ୍ୱାରା ଘରୋଇ ଅର୍ଥନୀତିରେ ପୁଂଜି ଗଠନ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ବ୍ୟୟ, ସିଆରଆରରେ ହ୍ରାସ ଆଦି ଦ୍ୱାରା ଅର୍ଥନୀତି ତ୍ୱରାନ୍ୱିତ ହେବା ଓ ଆହୁରି କୋହଳ ମନୋଭାବ ଦ୍ୱାରା ଋଣ ଅଭିବୃଦ୍ଧିରେ ସୁଧାର ଆଶା କରାଯାଉଛି। ଆକ୍ସିସ ବ୍ୟାଙ୍କର ଇଣ୍ଡିଆ ଇକୋନୋମିକ୍ ଆଣ୍ଡ ମାର୍କେଟ ଆଉଟଲୁକ୍ ୨୦୨୫ ରିପୋର୍ଟରେ ଶ୍ରୀ ମିଶ୍ର ଏବଂ ସହ-ଲେଖକ ପ୍ରତୀକ ଆଞ୍ଚ, ତନୟ ଦଲାଲ, ପୁଲକିତ କପୁର ଏବଂ ସ୍ମୃତି ମେହେରା ବାଣିଜ୍ୟରେ ବଢୁଥିବା ଅନିଶ୍ଚିତତା, ସୁଧ ହାର ବୃଦ୍ଧି, ଚୀନରେ ଅଭିବୃଦ୍ଧି ଏବଂ ମୁଦ୍ରାସ୍ଫୀତି ବିପଦ ଏବଂ ମୁଦ୍ରାର ଅସ୍ଥିରତା ଉପରେ ଆଲୋକପାତ କରିଛନ୍ତି। ତେବେ ସେମାନେ ବିଶ୍ୱାସ କରନ୍ତି ଯେ ସ୍ଥାନୀୟ କାରକ ଦ୍ୱାରା ଭାରତର ଅର୍ଥନୀତିର ୭% ଅଭିବୃଦ୍ଧି ହାରକୁ ଫେରିବାରେ ସହାୟକ ହୋଇପାରନ୍ତି। ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ଭାଗରେ ମାନ୍ଦାବସ୍ଥା ଅନିଚ୍ଛାକୃତ ଆର୍ଥିକ ଏବଂ ଋଣ କଠୋରତା ଦ୍ୱାରା ପରିଚାଳିତ ହୋଇଥିଲା। ବିତିୟ ଖର୍ଚ୍ଚ ପୂର୍ବରୁ ବୃଦ୍ଧି ପାଉଛି, ଏବଂ ସିଆରଆର ହ୍ରାସ ଅର୍ଥ ଅଭାବରୁ ଉପୁଜିଥିବା ଅଭିବୃଦ୍ଧି ସମସ୍ୟାକୁ ହ୍ରାସ କରିବ । ଆର୍ଥିକ ବର୍ଷ ୨୦୨୫ରେ ବିତିୟ ବ୍ୟୟ ଏବଂ ଉନ୍ନତ ଋଣ ଅଭିବୃଦ୍ଧି, ଆଶାନୁରୂପ ସ୍ଥୂଳ ଅର୍ଥନୀତି କୋହଳ ହେବା ଦ୍ୱାରା ଅର୍ଥନୀତିକୁ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହାର ସମ୍ଭାବ୍ୟ ୭% ଅଭିବୃଦ୍ଧି ହାରରେ ପହଂଚିବାରେ ସାହାଯ୍ୟ କରିବ ।

## ଜୀବନ ବୀମା କ୍ଷେତ୍ରରେ ଆଭିଭା ଇଣ୍ଡିଆର ଏକ ନୂତନ ଆଭିମୁଖ୍ୟ

ମୁମ୍ବାଇ: ଆଭିଭା ଲାଇଫ୍ ଇନସ୍ୟୁରାନ୍ସ ଇଣ୍ଡିଆ ଗ୍ରାହକଙ୍କ ସୁସ୍ଥତା, ସ୍ୱଚ୍ଛତା ଏବଂ ଉପଲବ୍ଧତା ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତା ସହିତ ଜୀବନ ବୀମା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି । ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ)ର 'ସମସ୍ତଙ୍କ ପାଇଁ ବୀମା' ଅଭିଯାନ ସହ ଯୋଡ଼ି ହୋଇ ଆଭିଭା ଅଭିନବ ଉତ୍ପାଦ ଏବଂ ପଦକ୍ଷେପ ଆରମ୍ଭ କରିଛି ଯାହା ଶିଳ୍ପରେ ଏକ ନୂତନ ମାନଦଣ୍ଡ ସ୍ଥାପିତ କରିଛି । ଆଭିଭାର ଆଭିମୁଖ୍ୟର ମୂଳରେ ପାଞ୍ଚଟି ପ୍ରମୁଖ ସ୍ତମ୍ଭ ରହିଛି: ଶାରୀରିକ ଫିଟନେସ୍, ମାନସିକ ସୁସ୍ଥତା, ସକ୍ରିୟ ସ୍ୱାସ୍ଥ୍ୟ ଯାଂଚ, ସଂତୁଳିତ ପୋଷଣ ଏବଂ ଆର୍ଥିକ ନିରାପତା। କଲ୍ୟାଣର ଏହି ସାମଗ୍ରିକ ଦୃଷ୍ଟିକୋଣ ଆଭିଭାର ଫ୍ଲାଗସିପ୍ ଉତ୍ପାଦଗୁଡିକରେ ପ୍ରତିଫଳିତ ହୁଏ, ଯେଉଁଥିରେ ଏକ ପ୍ରିଭେନ୍‌ଟିଭ୍ ୱେଲନେସ୍ ପ୍ୟାକେଜ୍ ଅନ୍ତର୍ଭୁକ୍ତ ଏବଂ ଯାହା ସ୍ମାର୍ଟ ସ୍କେଲ, ବିପି ମନିଟର, ସ୍ମାର୍ଟୱାଚ୍, ଏଆଇ-ଚାଳିତ ଡାଏଟ୍ ମାର୍ଗଦର୍ଶିକା, ଜିନୋମ ପରୀକ୍ଷା ଏବଂ ପୋଷକ ବିଶେଷଜ୍ଞଙ୍କ ସହ ପରାମର୍ଶ ପରି ସ୍ମାର୍ଟ ସ୍ୱାସ୍ଥ୍ୟ ଉପକରଣ ପ୍ରଦାନ କରୁଛି । ସୁସ୍ଥତା ଉପକରଣର ଏହି ସମୂହ ପଲିସିଧାରୀମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଉତ୍ସାହିତ କରେ । ଏକ ଜୀବନ ବୀମା ପ୍ରଦାନକାରୀ ଭାବରେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ସୁରକ୍ଷା ଆର୍ଥିକ ସୁରକ୍ଷା ଅପେକ୍ଷା ଅଧିକ; ଏହା ଆମ ଗ୍ରାହକମାନଙ୍କୁ ସୁସ୍ଥ ଜୀବନ ଯାପନ ପାଇଁ ସଶକ୍ତ କରିବା ପାଇଁ ବୋଲି ଆଭିଭା ଇଣ୍ଡିଆର ସିଇଓ ଏବଂ ଏମଡି ଅସିତ ରଥ କହିଛନ୍ତି । ଗ୍ରାହକଙ୍କ ଚାହିଦା ପୂରଣ କରିବା ପାଇଁ କମ୍ପାନି କମ୍ ଟିକେଟ୍ ଆକାରର ଉତ୍ପାଦ ଏବଂ ଟର୍ମ ପ୍ଲାନ୍ ଇନସ୍ୟୁରାନ୍ସ ଆରମ୍ଭ କରିବାକୁ ଯୋଜନା କରିଛି। ଏହାବ୍ୟତୀତ ଆଭିଭା ଡିଜିଟାଲ ପ୍ଲାଟଫର୍ମରେ ସାଚେଟ୍ ଇନସ୍ୟୁରାନ୍ସ ପ୍ରଡକ୍ଟ ଶୁଭାରମ୍ଭ କରିଛି, ଯାହା ଦ୍ୱାରା ଗ୍ରାହକମାନେ ଅତ୍ୟାବଶ୍ୟକ କଭରେଜ୍ ପାଇବାକୁ ପୂର୍ବାପେକ୍ଷା ସହଜ କରିପାରିବେ । ବୀମା ଅଭିଜ୍ଞତାକୁ ଯଥାସମ୍ଭବ ନିରବଚ୍ଛିନ୍ନ ଓ ଉପଲବ୍ଧ କରାଇବା ଆମର ଲକ୍ଷ୍ୟ ବୋଲି ଶ୍ରୀ ରଥ କହିଛନ୍ତି।

## ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ "ଶୀତତାପ ନିୟନ୍ତ୍ରିତ ପେଡ୍ ଲାଉଞ୍ଜ୍," ଉପଲବ୍ଧ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବର୍ତ୍ତମାନ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନର, ପ୍ଲାଟଫର୍ମ ନଂ ୧ ଆଡକୁ ଥିବା ଷ୍ଟେସନ୍ ବିଲ୍ଡିଂରେ ଯାତ୍ରୀମାନେ, ଆଧୁନିକ ସୁବିଧା ସହିତ 'ଶୀତତାପ ନିୟନ୍ତ୍ରିତ ପେଡ୍ ଲାଉଞ୍ଜ'ର ସୁବିଧା ପାଇପାରିବେ । ଏସି ପେଡ୍ ଲାଉଞ୍ଜରେ ନିମ୍ନ ମାତ୍ର ଚାର୍ଜ ଦେବାକୁ ପଡ଼ିବ, ଯଥା ବୟସ୍କ ଲୋକଙ୍କ ପାଇଁ ଘଣ୍ଟା ପ୍ରତି ୧୦/- ଟଙ୍କା + ୧୮% ଜିଏସଟି, ଏବଂ ୫ ରୁ ୧୨ ବର୍ଷ ବୟସର ପିଲାମାନଙ୍କ ପାଇଁ ଘଣ୍ଟା ପ୍ରତି ୫/- ଟଙ୍କା ୫ + ୧୮% ଜିଏସଟି । ଏସି ପେଡ୍ ଲାଉଞ୍ଜରେ ସୁସଜ୍ଜିତ ସୋଫା, ଟିଭି, ମୋବାଇଲ୍ ଚାର୍ଜିଂ ପଏଣ୍ଟ, ଟ୍ରେନ୍ ସୂଚନା ବୋର୍ଡ ର ବ୍ୟବସ୍ଥା କରାଯାଇଛି । ଯାତ୍ରୀମାନଙ୍କୁ ସେମାନଙ୍କର ପସନ୍ଦର ମୃଦୁ ପାନୀୟର ବ୍ୟବସ୍ଥା ଏହି ଲାଉଞ୍ଜରେ ଉପଲବ୍ଧ । ପୁରୁଷ ଏବଂ ମହିଳାମାନଙ୍କ ପାଇଁ ପୃଥକ ପରିଷ୍କାର ଏବଂ ସ୍ୱଚ୍ଛ ଶୌଚାଳୟ ଉପଲବ୍ଧ କରାଯାଇଛି। ଖୋର୍ଦ୍ଧା ରୋଡ଼ରୁ ଯାତ୍ରା କରୁଥିବା ଯାତ୍ରୀମାନେ ଏହି ଏସି ପେଡ୍ ଲାଉଞ୍ଜର ସୁବିଧାପାଇପାରିବେ ଏବଂ ସେମାନଙ୍କ ଟ୍ରେନ୍ ଯାତ୍ରାର ସମୃଦ୍ଧ ଅଭିଜ୍ଞତାକୁ ବଢ଼ାଇ ପାରିବେ ।



## ଆମାଜନ ଡେଲିଭରି ଫ୍ଲିଟରେ ଇଲେକ୍ଟ୍ରିକ ଯାନ ୧୦ହଜାର ଟପିଲା



ମୁମ୍ବାଇ: ଆମାଜନ ପକ୍ଷରୁ ଘୋଷଣା କରାଯାଇଛି ଯେ ଭାରତରେ ଏହାର ଡେଲିଭରି ଫ୍ଲିଟରେ ଇଲେକ୍ଟ୍ରିକ ଯାନ (ଇଭି) ୧୦,୦୦୦ ମାଇଲଖୁଣ୍ଟ ଅତିକ୍ରମ କରିଛି। ନିର୍ଧାରିତ ଲକ୍ଷ୍ୟକୁ ଗୋଟିଏ ବର୍ଷ ପୂର୍ବରୁ ୨୦୨୪ ଅକ୍ଟୋବରରେ ହାସଲ କରାଯାଇଛି। ଏହି ଇଭିଗୁଡ଼ିକ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଲେହ ଓ ଗ୍ୟାଙ୍ଗଟକ ସମେତ ମୋଟ ୫୦୦ ସହରରେ ଡେଲିଭରି କାର୍ଯ୍ୟରେ ନିୟୋଜିତ ହୋଇଛି। ପ୍ୟାରିସ ଚୁକ୍ତିରେ ନିଧାରଣ କରାଯାଇଥିବା ଲକ୍ଷ୍ୟର ୧୦ ବର୍ଷ ପୂର୍ବରୁ ୨୦୪୦ ସୁଦ୍ଧା ନେଟ ଜିରୋ କାର୍ବନ ଏମିସନ ପ୍ରତିବଦ୍ଧତାକୁ ପୂରଣ କରିବା ଲାଗି ଆମାଜନ କରୁଥିବା ଉଦ୍ୟମରେ ଏହି ମାଇଲଖୁଂଟ ଗୋଟିଏ ବର୍ଷ ପୂର୍ବରୁ ହାସଲ ହୋଇଛି। ଭାରୀୟ ସଡ଼କକୁ ପାରମ୍ପରିକ ଡିଜେଲ ଚାଳିତ ଗାଡ଼ିକୁ ହଟାଇ କାର୍ବନ ଏସିମନ ହ୍ରାସ କରାଯାଇଛି । ନିଜ ଫ୍ଲିଟକୁ ଡିକାର୍ବନାଇଜ କରିବାରେ କମ୍ପାନି ନିରନ୍ତର ଅଗ୍ରଗତି କରୁଛି ଏବଂ ପ୍ରଥମ ଇ-କମର୍ସ କମ୍ପାନି ଭାବେ ଲେନର୍ସି ଫଣ୍ଟ ଅଭିଯାନ ଅଧୀନରେ ୩୫୦ କିମି ଦୂରତା ବିଶିଷ୍ଟ ବେଙ୍ଗାଲୁରୁ-ଚେନ୍ନାଇ ରାଜପଥରେ ଇଲେକ୍ଟ୍ରିକ ଭାରି ଟ୍ରକ ଚଳାଚଳର ପରୀକ୍ଷଣ ଆରମ୍ଭ କରିଛି । ଆମାଜନ - ଅଶୋକ ଲେଲ୍ୟାଣ୍ଡ, ବିଲିଅନ-ଇ, ଚାର୍ଜଜୋନ ଭଳି ଶିଳ୍ପର ଅଗ୍ରଣୀ ସଂସ୍ଥାର ମିଳିତ ଉଦ୍ୟମରେ ଏହି ଇଲେକ୍ଟ୍ରିକ ଦୂରଗାମୀ ପଣ୍ୟ ପରିବହନ ସମ୍ଭାବନାର ଅନୁସନ୍ଧାନ କରାଯାଉଛି। ଯାନ ନିର୍ମାତା ଓ ଚାର୍ଜିଂ ଭିତିଭୂମି ପ୍ରଦାନକାରୀମାନଙ୍କୁ ଏକତ୍ରୀକ କରି ଆମାଜନ ଓ ଦି କ୍ଲାଇମେଟ ଚେଞ୍ଜ ପକ୍ଷରୁ ଡେଲିଭରି ସେବା ପ୍ରଦାନକାରୀ, ଫ୍ଲିଟ ଅପରେଟର ଓ ଫାଇନାନ୍ସ ସେବା ପ୍ରଦାନକାରୀଙ୍କ ସହଯୋଗରେ ଭାରତରେ ଶହ ଶହ ନୂଆ ନିଯୁକ୍ତି ସୃଷ୍ଟି କରିଛନ୍ତି। ଆମାଜନ ଇଣ୍ଡିଆର ଉପସଭାପତି (ଅପରେସନ୍ସ) ଅଭିନବ ସିଂହ କହିଛନ୍ତି ଯେ, ଆମ ଫ୍ଲିଟରେ ୧୦ହଜାରରୁ ଅଧିକ ଇଲେକ୍ଟ୍ରିକ ଯାନ ରହିଛି ଏବଂ ଦୂରଗାମୀ ଇଲେକ୍ଟ୍ରିକ ଟ୍ରକର ପରୀକ୍ଷଣରେ ମିଳିଥିବା ସଫଳତାକୁ ନେଇ ଆମାଜନରେ ଆମେ ଗର୍ବିତ।

ଓଡ଼ିଶା ଭାସ୍କର
ଖେଳ ଖବର



ଭୁବନେଶ୍ୱର (ଭାସ୍କର ନ୍ୟୁଜ): କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ୩୯ତମ ଜାତୀୟ କନିଷ୍ଠ ଦୌଡ଼କୁଦରେ ହରିୟାଣା ବିଜେତା ହୋଇଥିବା ବେଳେ ତାମିଲନାଡୁ ଉପବିଜେତା ହୋଇଛି। ଓଡ଼ିଶା ୬ ସ୍ୱର୍ଣ୍ଣ ସହ ୧୧ ପଦକ ଜିତିଛି। ଶେଷ ଦିନରେ ଓଡ଼ିଶାର ଓମ୍‌କାର ପ୍ରସାଦ ନନ୍ଦ, ଦଣ୍ଡପତି ମୃତ୍ୟୁମ ଜୟରାମ ଓ ଲକ୍ଷ୍ମୀପ୍ରିୟା କିଷାନ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୧୮ ବର୍ଷରୁ କମ୍ ବାଳକ ସଟ୍‌ପୁଟ୍‌ରେ ଓମ୍‌କାର ୧୯.୩୬ ମିଟର ଫିଙ୍ଗି ଏହି ପଦକ ଜିତିଥିଲେ। ସେହିପରି ୨୦ ବର୍ଷରୁ କମ୍ ବାଳିକା ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ୧୦୦ ମିଟରରେ ସ୍ୱର୍ଣ୍ଣ ଓ ୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ଜିତିଥିବା ଜୟରାମ ବୁଧବାର ୨୦୦ ମିଟରରେ ପ୍ରଥମ ସ୍ଥାନ ଅଧିକାର କରି ନିଜ ସ୍ୱର୍ଣ୍ଣ ସଂଖ୍ୟା ୩ରେ ପହଞ୍ଚାଇଛନ୍ତି। ଏହି ସ୍ୱର୍ଣ୍ଣ ପଦକ ଜିତିଥିବା ସମସ୍ତ ଖେଳାଳି ରିଲାଏନ୍ସ ଫାଉଣ୍ଡେସନ୍‌ର ଖେଳାଳି। ଏଥି ସହ ରିଲାଏନ୍ସ ଫାଉଣ୍ଡେସନ୍‌ର ଖେଳାଳି ଏହି ପ୍ରତିଯୋଗିତାରେ ୮ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ ୧୨ ପଦକ ଜିତିଛନ୍ତି। ଓଡ଼ିଶା ପାଇଁ ୨୦ ବର୍ଷରୁ କମ୍ ବାଳିକାରେ ପି ଅର୍ପିତା ଅର୍ଚ୍ଚନା (୪୫.୧୪ ମିଟର) କାଂସ୍ୟ ଜିତିଛନ୍ତି।



## ବ୍ରିସ୍‌ବେନ୍‌ରେ ପହଞ୍ଚିଲା ଭାରତୀୟ ଦଳ

# ଶୀର୍ଷ ୩୦ରୁ ବାଦ୍ ପଡ଼ିଲେ ରୋହିତ



ବ୍ରିସ୍‌ବେନ୍: ବର୍ଡର-ଗାଭାସ୍କର ଟ୍ରଫି ଏବେ ବରାବର ସ୍ଥିତିରେ ରହିଛି। ତୃତୀୟ ମ୍ୟାଚ୍ ୧୪ ତାରିଖରୁ ଗାବାରେ ଆରମ୍ଭ ହେବ। ଏଥିପାଇଁ ଭାରତୀୟ କ୍ରିକେଟ୍ ଦଳ ବୁଧବାର ବ୍ରିସ୍‌ବେନ୍‌ରେ ପହଞ୍ଚିଛି। ପ୍ରଥମ ମ୍ୟାଚ୍‌କୁ ଭାରତ ଜିତିବା ପରେ ପିଙ୍କ୍ ବଲ୍ ଟେଷ୍ଟ୍‌ରେ ୧୦ ୱିକେଟ୍‌ରେ ପରାଜିତ ହୋଇଥିଲା। ତେଣୁ ଶୃଙ୍ଖଳାରେ ଆଗୁଆ ରହିବା ପାଇଁ ତଥା ଡବ୍ଲ୍ୟୁଟିସି ଦୌଡ଼ରେ ସ୍ଥିତିକୁ ଅଧିକ ଦୃଢ଼ କରିବାକୁ ଭାରତ ପାଇଁ ଏହି ମ୍ୟାଚ୍ ବହୁତ ଗୁରୁତ୍ୱବହନ କରୁଛି। ଭାରତ ସହିତ ଅଷ୍ଟ୍ରେଲିଆର ଶୀର୍ଷ କ୍ରମ ବ୍ୟାଟରଙ୍କ ପାଇଁ ଗାବା ପିଚ୍ ଅନେକ ଆହ୍ୱାନ ଆଣୁଛି। ଅଧିକ ବାଉନ୍ସ ହେଉଥିବା ଏହି ପିଚ୍‌ରେ ଭାରତ ବିପକ୍ଷରେ ଅଷ୍ଟ୍ରେଲିଆର ଶତପ୍ରତିଶତ ରେକର୍ଡ ଥିଲେ ମଧ ଗତ ୨୦୨୦-୨୧ ଗସ୍ତ ବେଳେ ଭାରତ, ଗାବାର ଗର୍ବକୁ ଭାଙ୍ଗିବାରେ ସଫଳ ହୋଇଥିଲା। ଋଷଭ ପନ୍ତଙ୍କ ଆକର୍ଷଣୀୟ ଧମାକା ସହିତ ଚେତେଶ୍ୱର ପୂଜାରାଙ୍କ ରକ୍ଷଣାତ୍ମକ ଖେଳ ଯୋଗୁଁ ଭାରତ ଏହି ମ୍ୟାଚ୍‌କୁ ଜିତିବାରେ ସଫଳ ହୋଇଥିଲା। ତେବେ ୨୦୨୧ରେ ଖେଳାଯାଇଥିବା ମ୍ୟାଚ୍ ଓ ୨୦୨୪ରେ ଖେଳାଯିବାକୁ ଥିବା ମ୍ୟାଚ୍ ଭିତରେ ଗୋଟିଏ ଫରକ ରହିଛି। ପୂର୍ବ ମ୍ୟାଚ୍‌ଟି ଜାନୁଆରିରେ ଖେଳାଯାଇଥିଲା ବେଳେ ଆସନ୍ତା ମ୍ୟାଚ୍ ଅଷ୍ଟ୍ରେଲୀୟ ଗ୍ରୀଷ୍ମ ପ୍ରବାହର ଟିକେ ପୂର୍ବରୁ ଆୟୋଜିତ ହେବାକୁ ଯାଉଛି। ତେଣୁ ପିଚ୍‌ର ବ୍ୟବହାର ଉପରେ ଏହା କିଛିଟା ପ୍ରଭାବ ପକାଇପାରେ। ଚଳିତ ଅଷ୍ଟ୍ରେଲିଆ ଗସ୍ତରେ ଗୋଟିଏ ଶତକ ଛଡ଼ା ଅନ୍ୟ ସବୁ ପାଳିରେ ସଂଘର୍ଷ କରିଆସୁଛନ୍ତି କିଂବଦନ୍ତି ବିରାଟ କୋହଲି। ବ୍ରିସବେନ୍‌ରେ ଏହି ଧାରାକୁ ବଦଳାଇବାକୁ କୋହଲି ଲକ୍ଷ୍ୟ ରଖିଛନ୍ତି। ଏଣୁ ନିଜ ଅଭ୍ୟାସ ଶୈ?ଳୀରେ ସାମାନ୍ୟ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ଦ୍ୱିତୀୟ ଟେଷ୍ଟ୍ ମାତ୍ର ଅଢ଼େଇ ଦିନରେ ଶେଷ ହେବା ପରେ ପରବର୍ତ୍ତୀ ଦୁଇ ଦିନ କୋହଲି ଆଡିଲେଡ୍ ଓଭାଲରେ ନୂଆ ଶୈଳୀରେ ଅଭ୍ୟାସ କରିଥିଲେ। ବ୍ୟାକ୍‌ଫୁଟ୍ ସଟ୍ ଖେଳିବା ଉପରେ ବିଶେଷ ଧ୍ୟାନ ଦେଇଥିଲେ। ବ୍ରିସବନ୍‌ରେ ବି ଏଭଳି ଅଭ୍ୟାସ କରିବେ ବୋଲି ସଙ୍କେତ ଦେଇଛନ୍ତି କୋହଲି। ତାଙ୍କର ଏଭଳି ଅଭ୍ୟାସ ପୂର୍ବତନ ସାଥୀ ତଥା ଟର୍ବାନେଟର ହରଭଜନ ସିଂହଙ୍କୁ ବେଶ୍ ପ୍ରଭାବିତ କରିଛି। କ୍ୟୁରେଟର ଡେଭିଡ୍ ସାନ୍ଦୁର୍ସ୍କଙ୍କ ମତରେ, ଜାନୁଆରି ତୁଳନାରେ ଯେତେବେଳେ ଖ୍ରୀଷ୍ଟମାସ ପୂର୍ବରୁ ପିଚ୍‌କୁ ପ୍ରସ୍ତୁତ କରାଯାଇଥାଏ ସେତେବେଳେ ଏହା ସତେଜ ଥାଏ। ବିଭିନ୍ନ ସମୟରେ ଖେଳ ବେଳେ ପିଚ୍ ମଧ ଭିନ୍ନଭିନ୍ନ ବ୍ୟବହାର ଦେଖାଇଥାଏ। ଆଇସିସି ଟେଷ୍ଟ୍ ମାନ୍ୟତାରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଓ ବ୍ୟାଟର ବିରାଟ କୋହଲିଙ୍କ ବଡ଼ ଧରଣର ଅବନତି ହୋଇଛି। ଆଡିଲେଡ୍ ପିଙ୍କ୍ ବଲ୍ ଟେଷ୍ଟ୍‌ରେ ଭାରତ ୧୦ ୱିକେଟ୍‌ରେ ଅଷ୍ଟ୍ରେଲିଆଠୁ ପରାଜିତ ହେବା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କୋହଲି ୬ଟି ସ୍ଥାନ ତଳକୁ ଖସି ୨୦ରେ ଓ ରୋହିତ ଶୀର୍ଷ ୩୦ ଜଣଙ୍କ ବାହାରକୁ ଚାଲିଯାଇଛନ୍ତି। ରୋହିତ ୫ ସ୍ଥାନରେ ଅବନତି ଦେଖାଇ ୩୧ତମ ସ୍ଥାନରେ ପହଞ୍ଚିଛନ୍ତି। ତେବେ ବାମହାତୀ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ୍ ଚତୁର୍ଥ ସ୍ଥାନରେ ଥିବା ବେଳେ ପନ୍ତ ତିନିଟି ସ୍ଥାନ ତଳକୁ ଖସି ନବମ ସ୍ଥାନରେ ଅଛନ୍ତି। ଏମାନଙ୍କ ପଛକୁ ଶ୍ରେଷ୍ଠ ମାନ୍ୟତା ପାଇଥିବା ଭାରତୀୟ ବ୍ୟାଟର ହେଉଛନ୍ତି ଶୁବମନ ଗିଲ୍। ସେ ଏବେ ସପ୍ତଦଶ ସ୍ଥାନରେ ଅଛନ୍ତି। ବ୍ୟାଟିଂ ମାନ୍ୟତାରେ ଜୋ ରୁଟ୍‌ଙ୍କୁ ଶୀର୍ଷରୁ ହଟାଇ ହାରି ବ୍ରୁକ୍ ଏହି ସ୍ଥାନ ଦଖଲ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ସ୍ପିନର ରବୀନ୍ଦ୍ର ଜାଡ଼େଜା ଯଥାକ୍ରମେ ବୋଲର ଓ ଅଲ୍‌ରାଉଣ୍ଡର ତାଲିକାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।

# ୨୦୩୪ର ଫୁଟ୍‌ବଲ୍ ବିଶ୍ୱକପ୍ : ଭାଗ ନେବେ ୩୨ ଦଳ



ଜୁରିକ୍: ସାଉଦି ଆରବ ୨୦୩୪ରେ ହେବାକୁ ଥିବା ଫୁଟବଲ ବିଶ୍ୱକପ୍ ଆୟୋଜନ କରିବ ବୋଲି ଫିଫା ଘୋଷଣା କରିଛି। ଏହାବ୍ୟତୀତ ୨୦୩୦ ଫିଫା ବିଶ୍ୱକପ୍ ମଧ ଘୋଷଣା କରାଯାଇଛି। ୨୦୩୦ ବିଶ୍ୱକପ୍ ସ୍ପେନ୍, ପର୍ତ୍ତୁଗାଲ୍ ଓ ମରୋକ୍କୋ ମିଳିତ ଭାବେ ଆୟୋଜନ କରିବେ। ଫିଫା ସଭାପତି ଜିଆନି ଇନଫାଣ୍ଟିନୋ ଏହା ଘୋଷଣା କରିଛନ୍ତି। ଆୟୋଜନ କରିବାକୁ ସାଉଦି ଆରବ ପାଇଁ କୌଣସି ଚ୍ୟାଲେଞ୍ଜ ନଥିଲା। ଫିଫା ବିଶ୍ୱକପ୍ ପାଇଁ ହୋଇଥିବା ବୈଠକରେ ୨୦୦ରୁ ଅଧିକ ସଦସ୍ୟ ଦେଶ ସର୍ବସମ୍ମତିକ୍ରମେ ଏହାକୁ ଅନୁମୋଦନ କରିଛନ୍ତି। ଆମେ ଫୁଟବଲକୁ ଅଧିକ ଦେଶରେ ପହଞ୍ଚାଇବାକୁ ଚେଷ୍ଟା କରୁଛୁ ବୋଲି ଇନଫାଣ୍ଟିନୋ କହିଛନ୍ତି। ଫିଫା ବିଶ୍ୱକପ୍ ରେ ଆମେ ଅଧିକରୁ ଅଧିକ ଦଳର ଅଂଶଗ୍ରହଣ ଚାହୁଁଛୁ। ଫିଫା ଓ ସାଉଦି ଅଧିକାରୀମାନେ କହିଛନ୍ତି ଯେ ୨୦୩୪ ବିଶ୍ୱକପ୍ ଆୟୋଜନ କରିବା ଦ୍ୱାରା ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରର ସମ୍ପ୍ରସାରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ଫିଫା ଓ ସାଉଦି ଅଧିକାରୀମାନେ କହିଛନ୍ତି ଯେ ୨୦୩୪ ବିଶ୍ୱକପ୍ ଆୟୋଜନ କରିବା ଦ୍ୱାରା ମହିଳାଙ୍କ ସ୍ୱାଧୀନତା ଏବଂ ଅଧିକାରର ସମ୍ପ୍ରସାରଣ ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ। ଜୁରିକ୍‌ରେ ଅନୁଷ୍ଠିତ ବୈଠକରେ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ମଧ ଘୋଷଣା କରାଯାଇଥିଲା। ଫିଫା ମହିଳା ବିଶ୍ୱକପ୍ ଜୁନ୍ ୨୪ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ବ୍ରାଜିଲରେ ଅନୁଷ୍ଠିତ ହେବ ବୋଲି ଫିଫା ଘୋଷଣା କରିଛି। ପ୍ରଥମ ଥର ପାଇଁ ଦକ୍ଷିଣ ଆମେରିକାର କୌଣସି ଦେଶରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ମହିଳା ବିଶ୍ୱକପ୍ ରେ ମୋଟ ୩୨ଟି ଦଳ ଅଂଶଗ୍ରହଣ କରିବେ ।

# ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ



ଜଗତସିଂହପୁର (ଭାସ୍କର ନ୍ୟୁଜ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଳାଶୋଳ ସମଙ୍ଗର ୨୨ତମ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଅଛି ।ଏହି ଉଦ୍‌ଯାପନ ଉତ୍ସବରେ ଜିଲ୍ଲା ଶାରୀରିକ ଶିକ୍ଷାଅଧିକାରୀ ଦିଲ୍ଲୀପ କୁମାର ଦାସ ଯୋଗ ଦେଇ ସୁସ୍ଥ ସମାଜ ଗଠନ ଦିଗରେ କ୍ରୀଡା ଏକ ଅପରିହାର୍ଯ୍ୟ ଅଙ୍ଗ ବୋଲି ମତ ପୋଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବସନ୍ତ କୁମାର ଦାଶ, ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ମହାନ୍ତି ଯୋଗ ଦେଇ କ୍ରୀଡାବିତ୍ ମାନଙ୍କୁ ଉତ୍ସାହିତ କରିଥିଲେ. ଉକ୍ତ ଉତ୍ସବରେ କ୍ରୀଡା ପ୍ରମୁଖ ଜିତେନ୍ଦ୍ର କୁମାର ମହାନ୍ତି କ୍ରୀଡା ଇତିବୃତ୍ତ ପଠନ କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟ ପିତାମ୍ବର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ, ଅନ୍ୟତମ ବରିଷ୍ଠ ଆଚାର୍ଯ୍ୟ ଗୌର ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ପ୍ରତିଭା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କ୍ରୀଡା ଉତ୍ସବକୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ମାନେ ପରିଚାଳିତ କରିଥିବାବେଳେ, ପରିଚାଳନା ସମିତିର ସମସ୍ତ କର୍ମକର୍ତା ମାନଙ୍କର ସହଯୋଗ ରହିଥିଲା। ପ୍ରକାଶ ଥାଉକି ଉକ୍ତ କ୍ରୀଡା ଉତ୍ସବଟି ଗତ ତା -୦୫-୧୨-୨୪ରିଖ (ଗୁରୁବାର) ଦିନ ଜଗତସିଂହପୁର ବ୍ଲକର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହେରା ଓ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଆଶୁତୋଷ ବିଶ୍ୱାଳଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ଏହି ଉତ୍ସବଟି ସଫଳତାର ସହ ପରିସମାପ୍ତି ଘଟିଥିବାରୁ ବିଦ୍ୟାଳୟ ସମ୍ପାଦକ ଗୋଲକ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଯୁବା କବାଡ଼ି ପ୍ରତିଯୋଗିତା : ବିଶ୍ୱଜିତ୍ ଅଧିନାୟକ



ଆସିକା (ଭାସ୍କର ନ୍ୟୁଜ୍) : ତାମିଲନାଡୁର କୋଇମାଟୁରରେ ଡିସେମ୍ବର ୧୦ରୁ ୨୧ତାରିଖ ପର୍ଯ୍ୟନ୍ତ ଯୁବା କବାଡ଼ି ପ୍ରତିଯୋଗିତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା କବାଡ଼ି ଦଳ 'କୋଣାର୍କ କିଙ୍ଗସ୍' ତାମିଲନାଡୁ ମ୍ୟାନେଜର ଦିଲ୍ଲୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା କରିଛି। ଓଡ଼ିଶା କବାଡ଼ି ସଂଘ ପକ୍ଷରୁ ଚୟନ ହୋଇଥିବା ଦଳରେ ବିଶ୍ୱଜିତ ଜେନା (ଅଧିନାୟକ) ରାଜେଶ ଦେହୁରୀ, ଜିତେନ୍ଦ୍ର ରାଉତ, ସନ୍ତୋଷ କୁମାର ବାରିକ, କରୁଣାଜର ବନେରା, ରୁପେନ୍ଦ୍ର ରାଉତ, କୋନାଲ ଭୋଇ, କାମରୁଜ୍ ନିରଜ କୁମାର ସେଠୀ, ପ୍ରଦୀପ ଭୋଇ, ଅମ୍ରିତ୍ ଲାକ୍ରା, ଜଟ ଜଗନ୍ନାଥ ଦଳବେହେରା, ରଶ୍ମିରଞ୍ଜନ ବଲ୍, ସୋହେଲ ଖାନ୍ ସ୍ଥାନ ପାଇଥିବା ବେଳେ କୋଚ ଭାବେ ଜାତୀୟ ଖେଳାଳି ବିଶ୍ୱଜିତ ବଡ଼ଜେନା, ମ୍ୟାନେଜ ଭାବେ ଦିଲ୍ଲୀପ କୁମାର ନାୟକ ଦଳ ସହ ତାମିଲନାଡୁ ଯାତ୍ରା କରିଛନ୍ତି। ଯୁବା କବାଡ଼ି ପରିଚାଳନା ଦଳରେ ସତ୍ୟପ୍ରକାଶ ଦାସ ସ୍ଥାନ ପାଇଥିବା ନେଇ ରାଜ୍ୟ କବାଡ଼ି ସଂଘ ସମ୍ପାଦକ ଅଜୟ କୁମାର ବେହେରା ସୂଚନା ଦେଇଛନ୍ତି।

# ୩୨ତମ ବାର୍ଷିକ କ୍ରୀଡା ଉଦ୍‌ଘାଟିତ




କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମହେଶ୍ୱର ସାହୁ ଶିଳ୍ପ ତାଲିମ କେନ୍ଦ୍ର, ପଦ୍ମପୁରର ୩୨ତମ ଶୀତକାଳୀନ କ୍ରିଡା ଉତ୍ସବ ଗୁରୁବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ମହାଲକ୍ଷ୍ମୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ସାହୁ ଶାରିରୀକ ଶିକ୍ଷା ଓ ମାନସିକ ଶିକ୍ଷାର ମହତ୍ତ୍ୱ ଉପରେ ପିଲାମାନଙ୍କର ଧାନ ଆକର୍ଷଣ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଇଂ ବସନ୍ତ କୁମାର ଦାନୀ ପିଲାମାନଙ୍କର ଶୃଙ୍ଖଳା ଏବଂ ଶିକ୍ଷାର ଉନ୍ନତି କାମନା କରିଥିଲେ। ଏଥିସହ ଅନୁଷ୍ଠାନର ସଭାପତି ଉତ୍ତମ କୁମାର ସାହୁ ଅନୁଷ୍ଠାନର ଉନ୍ନତି କାମନା ସହିତ ପିଲାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାର ଦୈତାରୀ ମହାନ୍ତ, ମହେଶ କୁମାର ପଟ୍ଟନାୟକ, ଆଶିଷ ଉପାଧାୟ, ସତ୍ୟବ୍ରତ ମିଶ୍ର, ରବିରଞ୍ଜନ ମହାନ୍ତ, ସାନନ୍ଦ ପୃଷ୍ଟି, ଦିଲ୍ଲୀପ କୁମାର ପୃଷ୍ଟି, କ୍ଷୀରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ କ୍ରିଡା ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତା

# ବାଲିମେଳାରୁ ୪ଜଣ ଛାତ୍ର



ବାଲିମେଳା (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମରେ ପ୍ରଶିକ୍ଷଣ ନେଉଥିବା ୪ଜଣ ଛାତ୍ର ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେବାକୁ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଆସନ୍ତା ୧୩ ତାରିଖରେ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିଅମ ଠାରେ ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ଭାଗ ନେବେ।ପିଲାମାନେ ସରକାରୀ ସ୍କୁଲରେ ପଢିବା ସହ ଇଣ୍ଡୋର ଷ୍ଟାଡିଅମରେ ଆସି ପ୍ରଶିକ୍ଷଣ କୋଚ ରଘୁନାଥ ଠାରୁ ନେଉଥିଲେ। ଚୟନ ହୋଇଥିବା ଖେଳାଳୀ ମାନେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ଡମ୍ବୁରୁ ସେଟି, ଚନ୍ଦନ ପଡିଆମୀ, ଭୀମ ସିଲାଇ, ଜଗୁ ଖିଲ ଏମାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶିଳା ହିଆଲ,ଖେଳ ଶିକ୍ଷକ ଭାଗିରଥି ସାହୁ,ଜିଲ୍ଲା ସ୍ପୋର୍ଟ ଅଧିକାରୀ ମାଧବ ପାଙ୍ଗି, ବାଲିମେଳା ଇଣ୍ଡୋର ଷ୍ଟାଡିଅମର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀକାନ୍ତ ପୂଜାରୀ, ଭାର ଉତ୍ତୋଳନ କୋଚ ରଘୁନାଥ ଓ ଅନ୍ୟ ସାଥି ଖେଳାଳି ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପରାଜୟ ପରେ ପ୍ରତି ଖେଳାଳି ଗଣିବେ ଜରିମାନା

ନୂଆଦିଲ୍ଲୀ: ଅଷ୍ଟ୍ରେଲିଆ ଗସ୍ତରେ ଚାଲିଥିବା ଦିନିକିଆ ସିରିଜରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପରାଜୟର ସମ୍ମୁଖୀନ ହୋଇଛି। ଭାରତୀୟ ମହିଳା ଦଳ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଗୋଟିଏ ବି ମ୍ୟାଚ୍ ଜିତିପାରିନାହିଁ। ୩-୦ କ୍ଲିନ ସ୍ୱିପ୍ କରିଛି ଆୟୋଜକ ଅଷ୍ଟ୍ରେଲିଆ। ପର୍ଥରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ବଳରେ ୨୯୮ ରନ୍ ସ୍କୋର କରିଥିଲା। ଏହାର ଜବାବରେ ଭାରତୀୟ ଦଳ ୪୫.୧ ଓଭରରେ ୨୧୫ ରନ ସ୍କୋର କରିପାରିଥିଲା। ଏହି ପରାଜୟ ପରେ ବି ଟିମ୍ ଇଣ୍ଡିଆକୁ ଆଉ ଏକ ବଡ଼ ଝଟକା ଲାଗିଛି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସ୍ଲୋ ବୋଲିଂ ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳକୁ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା କରାଯାଇଛି। ଆଇସିସି ମ୍ୟାଚ୍ ରେଫରି ଡେଭିଡ ଗିଲବର୍ଟ ଏହି ପେନାଲ୍ଟି ଲଗାଇଛନ୍ତି। କାରଣ ହରମନପ୍ରୀତ କୌରଙ୍କ ଦଳ ଧାର୍ଯ୍ୟ ସମୟ ମଧ୍ୟରେ ଦୁଇ ଓଭର କମ୍ ବୋଲିଂ କରିଥିଲେ। ଆଇସିସି ବିବୃତ୍ତିରେ କୁହାଯାଇଛି ଯେ ଭାରତୀୟ ଅଧିନାୟକ ହରମାନପ୍ରୀତ କୌର ଏହି ତ୍ରୁଟିକୁ ସ୍ୱୀକାର କରିଛନ୍ତି। ଏବଂ ପ୍ରସ୍ତାବିତ ଦଣ୍ଡକୁ ମଧ ଗ୍ରହଣ କରିଛନ୍ତି। ତେଣୁ ଆନୁଷ୍ଠାନିକ ଶୁଣାଣି କରିବାର କୌଣସି ଆବଶ୍ୟକତା ନାହିଁ। ଫିଲ୍ଡ ଅମ୍ପାୟାର କ୍ଲେୟାର ପୋଲୋସାକ ଏବଂ ଡୋନୋଭାନ କୋଚ, ତୃତୀୟ ଅମ୍ପାୟାର ଜ୍ୟାକଲିନ ୱିଲିୟମସ ଏବଂ ଚତୁର୍ଥ ଅମ୍ପାୟାର ଡେଭିଡ ଟେଲର ଏହି ଅଭିଯୋଗ କରିଛନ୍ତି। ଆଇସିସି ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ, ସର୍ବନିମ୍ନ ଓଭର-ରେଟ୍ ପାଳନ ନକଲେ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ସେମାନଙ୍କ ମ୍ୟାଚ୍ ଫିର ସର୍ବନିମ୍ନ ପାଞ୍ଚ ପ୍ରତିଶତ ଜୋରିମାନା ଆଦାୟ କରାଯାଏ। ସୂଚନାଯୋଗ୍ୟ ବ୍ରିସବେନରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ମଧ ଭାରତୀୟ ଦଳକୁ ଏକ ବଡ଼ ପରାଜୟର ସାମ୍ନା କରିବାକୁ ପଡିଥିଲା। ଭାରତ ବିପକ୍ଷ ଦିନିକିଆରେ ଅଷ୍ଟ୍ରେଲିଆ ସର୍ବାଧିକ ୩୭୧ ସ୍କୋର କରିଥିଲା। ଏହାର ଜବାବରେ ଭାରତ ମାତ୍ର ୨୪୯ ରନ୍ ସ୍କୋର କରି ୧୨୨ ରନର ବ୍ୟବଧାନରେ ହାରିଥିଲା। ତୃତୀୟ ମ୍ୟାଚ୍ ହାରିବା ସହିତ ଟିମ୍ ଇଣ୍ଡିଆକୁ କ୍ରମାଗତ ସପ୍ତମ ପରାଜୟର ସମ୍ମୁଖୀନ ହେବାକୁ ପଡିଛି।

## ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଜୟପୁର,ସନ୍‌ରାଇଜ୍ କ୍ଲବ୍ ବିଜୟୀ



ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ନିକଟ ବିଜୁପଟ୍ଟନାୟକ ମିନିଷ୍ଟାଡିୟମ ଗଣ୍ଡରପୁର ଖେଳପଡିଆ ଠାରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ 'ଏ' ଡିଭିଜନର ପ୍ରଥମ ମ୍ୟାଚରେ ବନ ମହାବୀର କ୍ଲବ ଜୟପୁର ୧-୦ ଗୋଲରେ ସାଇଁସକୁ ହରାଇ ୮ମ ପର୍ଯ୍ୟାୟକୁ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଶରଧାପୁର ୧-୦ ଗୋଲରେ ମହାବୀର କ୍ଲବ ନରଣପୁରକୁ ହରାଇ କ୍ୱାର୍ଟର ଫାଇନାଲ ଖେଳିବାର ସୁଯୋଗ ହାସଲ କରିଛି । ସହରାଞ୍ଚଳରେ ସନ୍‌ରାଇଜ୍ କ୍ଲବ୍ ୨-୧ ଗୋଲରେ ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କପୋରେର୍ଟର ମିହିର କୁମାର ରାଉତ, ନିର୍ମଳ ରାଉତ, ବୀରେନ୍ଦ୍ର ଜେନା, ସନ୍ତୋଷ ନାଥ, ସନ୍ତୋଷ ମହାନ୍ତି, ପବିତ୍ର ସ୍ୱାଇଁ, ସୁବାଶ ପାତ୍ର ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଡିହାରୀ, କୈଳାଶ ରାଉତ, ନକୁଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍‌ଗୁଡିକୁ ରେଫରୀ ସୁଦୀପ୍ତ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମନନ୍ଦ ଭୋଇ ଓ ଜ୍ୟୋତି ହେମ୍ବ୍ରମ ଖେଳକୁ ପରିଚାଳନା କରିଥିବା ବେଳେ ହାସ୍ୟ ଅଭିନେତା ରଙ୍କନିଧି ରାଉତ ଧାରା ବିବରଣୀ ଦେଇଥିଲେ।



କଟକ(ଭାସ୍କର ନ୍ୟୁଜ୍): ଗୁରୁବାର ହାଇକୋର୍ଟରେ କଟକ ସହରର ଏକାଧିକ ସମସ୍ୟା ସମ୍ପର୍କିତ ଜନହିତ ମାମଲାର ଶୁଣାଣି ହୋଇଯାଇଛି । ଏହି ମର୍ମରେ ଶିଶୁ ଭବନ ସମସ୍ୟା ମାମଲାରେ ହାଇକୋର୍ଟ ଲାଲ୍‌ବାଗ୍ ଥାନା ସମ୍ମୁଖ ଗେଟ୍ ଖୋଲିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତ । ଶିଶୁ ଭବନରେ ଲାଗି ରହିଥିବା ସମସ୍ୟାକୁ ନେଇ ହାଇକୋର୍ଟ ମାମଲାର ଶୁଣାଣିବେଳେ ଖୁବ ବିରକ୍ତି ପ୍ରକାଶ କରିଛନ୍ତି । ଅଦାଲତ ଏହି ପ୍ରସଙ୍ଗରେ ଗେଟ୍ ସମ୍ମୁଖରୁ ତୁରନ୍ତ ଅବରୋଧ ହଟାଇବାକୁ ମହାନଗର ନିଗମକୁ ଆଦେଶ ଦେଇଛନ୍ତି । ବିଶେଷ କରି ଶିଶୁ ଭବନ ପରିସରରେ ହୋଇଥିବା ସମସ୍ତ ଜବର ଦଖଲ ତୁରନ୍ତ ହଟାଇବାକୁ କହିଛନ୍ତି । ଯେପରି ଆମ୍ବୁଲାନ୍ସ ଯାତାୟାତରେ କୌଣସି ସମସ୍ୟା ଦେଖା ନଦେବ, ସେ ନେଇ ତ୍ୱରିତ ପଦକ୍ଷେପ ନେବାଲାଗି ହାଇକୋର୍ଟ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କଣ ପାଇଁ ଶିଶୁଭବନ ନୂତନ କୋଠା କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେଉଛି ସେ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି । ବିଶେଷ କରି ଶିଶୁଭବନ ଗେଟ୍ ସମ୍ମୁଖରେ ଦୋକାନୀମାନଙ୍କୁ କିପରି ଭେଣ୍ଡି ଲାଇସେନ୍ସ ପ୍ରଦାନ କରାଗଲା ସେ ସମ୍ପର୍କରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ଆଜି କଟକ ମହାନଗର ନିଗମକୁ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣିରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି । ସେହିପରି ସତ୍ୟବ୍ରତ ଷ୍ଟାଡିୟମ୍ ପରିସରରେ ଚାଲିଥିବା ଅସାମାଜିକ କାର୍ଯ୍ୟକ୍ରମ ତଥା ଗୁଣ୍ଡାରାଜ୍ ଘଟଣାରେ ହାଇକୋର୍ଟ ଜିଲ୍ଲା ପ୍ରଶାସନ ଉପରେ ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ । ଏହି ମର୍ମରେ ହାଇକୋର୍ଟ ସତ୍ୟବ୍ରତ ଷ୍ଟାଡିୟମ୍ ନିକଟରେ ନିୟମିତ ପାଟ୍ରୋଲିଂ କରିବାକୁ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ ସତ୍ୟବ୍ରତ ଷ୍ଟାଡିୟମକୁ ବ୍ୟବହାର ଯୋଗ୍ୟ କରାଇବା ଲାଗି ମଧ ହାଇକୋର୍ଟ ଆଦେଶ ଦେଇଛନ୍ତି ।

# ଶୀତଳ ଭଣ୍ଡାରକୁ ନେଇ ବଢୁଛି ଅସନ୍ତୋଷ

ନିମାପଡ଼ା,(ଭାସ୍କର ନ୍ୟୁଜ୍) : ନିମାପଡ଼ା ଶୀତଳ ଭଣ୍ଡାରକୁ ନେଇ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଶୀତଳ ଭଣ୍ଡାର ପାଲଟିଛି ଖଳ ବ୍ୟବସାୟୀଙ୍କର ଗୋଦାମ ଗୃହ । ଶୀତଳ ଭଣ୍ଡାରର ଦାୟିତ୍ୱରେ ପୁରୀ ଜିଲ୍ଲାପାଳ ରହିଥିବା ବେଳେ ଚାଷୀମାନଙ୍କର ଫସଲ ସେଠାରେ ରଖା ନଯାଇ କେତେକ ବ୍ୟବସାୟୀ ମାନଙ୍କର ଫଳ ରଖା ଯାଉଛି । ଚାଷୀମାନଙ୍କର ଫସଲ ସୁରକ୍ଷିତ ରଖିବା ପାଇଁ ଶୀତଳ ଭଣ୍ଡାର କରାଯାଇଥିବା ବେଳେ ଏହି ଶୀତଳ ଭଣ୍ଡାର ଚାଷୀମାନଙ୍କ କାର୍ଯ୍ୟରେ ଲାଗିପାରୁ ନାହିଁ । ଯାହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । କେଉଁ ବ୍ୟକ୍ତିକୁ ଶୀତଳ ଭଣ୍ଡାର ପରିଚାଳନା ଦାୟିତ୍ୱ ଦିଆଯାଇଛି, ଶୀତଳ ଭଣ୍ଡାରରେ ଚାଷୀମାନଙ୍କର ପନିପରିବା ରଖା ନଯାଇ ସେଓ, କଦଳୀ, ଅଙ୍ଗୁର, ଚାଉଳିଆ ରଖାଯିବା କାରଣରୁ ଚାଷୀମାନେ ସେମାନଙ୍କ ଫସଲ ରଖିପାରୁ ନାହାନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଚାରିଛକ ରାସ୍ତା ଖେଦରପୁର ନିକଟରେ କଂଗ୍ରେସ ସରକାର ଅମଳରେ ଏକ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ଚାଷୀମାନେ ସେମାନଙ୍କ ପନିପରିବା ସୁରକ୍ଷିତ ଭାବେ ରଖି ପାରିବେ । ବର୍ତ୍ତମାନ ଶୀତଳ ଭଣ୍ଡାରକୁ ପରିଚାଳନା କରୁଥିବା ପୁରୀ ଜିଲ୍ଲାପାଳ ଜନୈକ ବ୍ୟକ୍ତିକୁ ପରିଚାଳନା ଦାୟିତ୍ୱ ଟେକି ଦେଇଛନ୍ତି । ସେହି ବ୍ୟକ୍ତି ଜଣକ ଚାଷୀଙ୍କର ପନିପରିବା ନ ରଖି ଫଳ ବ୍ୟବସାୟୀ ମାନଙ୍କୁ ପ୍ରାଧାନ୍ୟ ଦେଉଛନ୍ତି । କଦଳୀ ଠାରୁ ଆରମ୍ଭ କରି ସେଓ, ଚାଉଳିଆ ଆଦି ଫଳ ଗଚ୍ଛିତ ରଖାଯାଉ ଥିବାରୁ ଚାଷୀମାନେ ଆଳୁ, ବାଇଗଣ, କୋବି ଯାବତୀୟ ପରିବା ସେଠାରେ ରଖିପାରୁ ନାହାନ୍ତି । ଆଳୁର ସମସ୍ୟା ଉତ୍କଟ ହୋଇଥିବା ବେଳେ ଚାଷୀମାନେ ଶୀତଳ ଭଣ୍ଡାରରେ ଆଳୁ ଗଚ୍ଛିତ ରଖିପାରୁ ନଥିବାରୁ କ୍ଷତି ସହୁଛନ୍ତି । ଦୀର୍ଘଦିନ ହେବ ପ୍ରତିବାଦର ସ୍ୱର ଉଠୁଥିଲେ ମଧ ଚାଷୀମାନଙ୍କର ସ୍ୱରକୁ ପ୍ରଶାସନ ଦାବୀ ଦେଉଛି । ଯାହାପାଇଁ ନିମାପଡ଼ା ଅଞ୍ଚଳରେ ପନିପରିବାର ଘୋର ଅଭାବ ଦେଖା ଦେଉଥିବା ବେଳେ ଖାଉଟିମାନେ ହନ୍ତସନ୍ତ ହେଉଛନ୍ତି । କ'ଣ ପାଇଁ ପ୍ରଶାସନ ଫଳ ବେପାରୀମାନଙ୍କୁ ପ୍ରାଧାନ୍ୟ ଦେଉଛି ତାହା ଚାଷୀଙ୍କ ପାଇଁ ଚିନ୍ତା ପ୍ରକଟ କରିଛି । ଚାଷୀ ପ୍ରଦାନ କରୁଥିବା ଅର୍ଥ ଠାରୁ ଅଧିକ ଅର୍ଥ ଫଳ ବ୍ୟବସାୟୀମାନେ ଦେଉ ଥିବାରୁ ସେମାନଙ୍କ ପ୍ରତି ଶୀତଳ ଭଣ୍ଡାର ପରିଚାଳନା ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷ ଅନୁକମ୍ପା ଦେଖାଉଛନ୍ତି । ଘଟଣା ପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ଚାଷୀମାନଙ୍କ ପନିପରିବା ଶୀତଳ ଭଣ୍ଡାରରେ କିପରି ରଖାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ଶତାଧିକ ଚାଷୀ ମତବ୍ୟକ୍ତ କରିଛନ୍ତି ।

## ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଆକ୍ରମଣ, ୨ ଗିରଫ

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଥାନା ଅନ୍ତର୍ଗତ ଭଙ୍ଗିମୁଣ୍ଡା ଅଂଚଳରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ପ୍ରକାଶଥାଉକି, ରୁଦ୍ରପୁର ଅଂଚଳର ଜିତେନ୍ଦ୍ର ମଲ୍ଲିକ (୩୪) ଭଙ୍ଗିମୁଣ୍ଡା ଦଳିତ ବସ୍ତିରେ ବିବାହ କରିଥିବା ବେଳେ ଅନେକ ସମୟରେ ଶ୍ୱଶୁର ଘରକୁ ଆସିବା ସହ ଠାକୁରାଣୀ ପୂଜାରେ ଗୁରୁତ୍ୱ ଦେଉଥିଲେ । ଗତ କିଛିଦିନ ହେବ ଉକ୍ତ ବସ୍ତିର ଜଣେ ଯୁବତୀ ଅସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରୁଥିବାରୁ ଏହା ଜିତେନ୍ଦ୍ରଙ୍କ ଠାକୁରାଣୀ ପୂଜା ଓ ଗୁଣିଗାରେଡ଼ି ପାଇଁ ହେଉଛି ବୋଲି ଗ୍ରାମବାସୀ ସନ୍ଦେହ କରି ବୁଧବାର ଅପରାହ୍ଣରେ ବସ୍ତିବାସିନ୍ଦା ଜିତେନ୍ଦ୍ରର ଦୁଇ ହାତକୁ ବାନ୍ଧି ନିସ୍ତୁକ ମାଡ଼ ମାରିବା ଫଳରେ ସେ ଗୁରୁତର ଆହତ ହୋଇଥିଲେ । ଏ ନେଇ ପରିବାର ଲୋକେ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଏ ଘଟଣାରେ ଉକ୍ତ ବସ୍ତିର ପ୍ରମୋଦ ମଲ୍ଲିକ (୩୨) ଓ ସୁରେଶ ମଲ୍ଲିକ (୨୦)ଙ୍କୁ ଗିରଫ୍ କରିବା ସହ ଥାନାରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି ।

## ଭୁଲ ଇଞ୍ଜେକସନ୍ ଦେବା ପରେ ଚାଲିଗଲା ଛାତ୍ରର ଜୀବନ

କରଞ୍ଜିଆ,(ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା ସାହାରପଡା ରେ ଘଟିଛି ଦୁଃଖଦ ଘଟଣା । କାଛୁ କୁଣ୍ଡିଆ ରୋଗ ପାଇଁ ମେଡ଼ିସିନ ଦୋକାନୀ ଇଂଜେକସନ ଦେବା ପରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି ବୋଲି ମୃତ ଛାତ୍ରର ବାପା ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ସାହାରପଡା ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ଛାତ୍ର ହେଲେ କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନା ଧରାପଡା ଗ୍ରାମର ବିଜୟ କୁମାର ମୁଣ୍ଡାଙ୍କ ପୁଅ ଶୁକଦେବ ମୁଣ୍ଡା ସେ ସାହାରପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ପାଠ ପଢୁଥିଲେ । ଦେହରେ କାଛୁ କୁଣ୍ଡିଆ ହୋଇଥିବାରୁ ପରିବାର ଲୋକ ଆସି ସାହାରପଡା ବଜାରରେ ଥିବା ସର୍ବେଶ୍ୱର ଔଷଧ ଦୋକାନକୁ ମଲମ ଆଣିବାକୁ ଯାଇଥିଲେ ହେଲେ ମେଡ଼ିସିନ ଷ୍ଟୋର ମାଲିକ ଏହା ଡିଆଁ ରୋଗ କହି ଇଂଜେକସନ ଦେଲେ ଶୀଘ୍ର ଭଲ ହେବ କହି ଛାତ୍ରଙ୍କ ଭେନ୍‌ରେ ଇଂଜେକସନ୍ ଦେଇଥିଲେ । ଇଂଜେକସନ ଦେବାର ୨ ମିନିଟ ପରେ ଛାତ୍ର ଜଣଙ୍କ ଗୁରୁତର ହୋଇ ପଡ଼ିଥିଲେ ତାଙ୍କୁ ତୁରନ୍ତ ୧୦୮ ସହାୟତାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ରିସିଭ ଡେଥ ଘୋଷଣା କରିଥିଲେ । ମେଡ଼ିସିନ ଷ୍ଟୋର ମାଲିକଙ୍କ ଭୁଲ ଇଂଜେକସନ ପାଇଁ ଛାତ୍ରର ମୃତ୍ୟୁ ହୋଇଥିବା ମୃତ ଛାତ୍ରର ବାପା ବିଜୟ କୁମାର ମୁଣ୍ଡା ଅଭିଯୋଗ କରିଛନ୍ତି । ଘଟଣା ପରେ ମେଡ଼ିସିନ ଷ୍ଟୋର ମାଲିକ ଦୋକାନ ବନ୍ଦ କରି ଫେରାର ହୋଇଯାଇଛି । ସାହାରପଡା ଫାଣ୍ଡି ପୋଲିସ କରଞ୍ଜିଆ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।



ଚାଷୀଙ୍କୁ କଥା ଦେଇ କଥା ରଖିଥିବାରୁ ହଳ, ଲଙ୍ଗଳ ଓ ଧାନବେଣୀ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଲା ବିଜେପି କୃଷକ ମୋର୍ଚ୍ଚା ।

## ଲେଡି ହାମିଲଟନ ହାଇସ୍କୁଲରେ ଶକ୍ତି ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ବାରିପଦା,(ଭାସ୍କର ନ୍ୟୁଜ୍): ବାରିପଦାସ୍ଥିତ ଲେଡି ହାମିଲଟନ୍ ସରକାରୀ ଉଚ୍ଚବିଦ୍ୟାଳୟ, ପାଲବଣୀରେ ଥିବା 'ଶକ୍ତି କ୍ଲବ' ଆନୁକୁଲ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନାରାଣୀ ପାତ୍ରଙ୍କ ଅଧକ୍ଷତାରେ ଓ ଶକ୍ତି କ୍ଲବର ଦୟିତ୍ୱରେ ଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ଶିକ୍ଷୟତ୍ରୀ ସିଲି ସ୍ୱପ୍ନା ପଟ୍ଟନାୟକ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ ମାନଙ୍କୁ ନେଇଁ 'ଶକ୍ତି ସଂରକ୍ଷଣ' ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ଏକ ପଥପ୍ରାନ୍ତ ନୃତ୍ୟ ସ୍ଥାନୀୟ ପାଲବଣୀ ଅଞ୍ଚଳରେ ପରିବେଶଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ପ୍ଲାଗ କାର୍ଡ଼ ଧରି ପଥପ୍ରାନ୍ତ ଯାତ୍ରା କରିଥିଲେ ଏବଂ ପାଲବଣୀ ଗୋଲେଇ ଠାରେ ଏକ ସୁନ୍ଦର ନୃତ୍ୟ ପରିବେଶଣ କରାଯାଇଥିଲା । ପରେ ଷ୍ଟେସନ ବଜାରରେ ଥିବା ପୂର୍ଣ୍ଣଚନ୍ଦ୍ର ଶିଳ୍ପ ତାଲିମ କେନ୍ଦ୍ରକୁ 'ଶିଳ୍ପ ପରିଭ୍ରମଣ' ନିମନ୍ତେ ଛାତ୍ର ଛାତ୍ରୀମାନଙ୍କୁ ନିଆଯାଇଥିଲା । ସେଠାରେ ଛାତ୍ରଛାତ୍ରୀମାନେ ଉକ୍‌ଷ୍ଣାର ସହ ସୋଲାର ପ୍ୟାନେଲ, ମୋଟର, ରେକ୍ଟିଫାୟାର୍, କମ୍ପୁଟରର ବିଭିନ୍ନ ଅଂଶର ପରୀକ୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁପମା ବେହେରା, ମୋନାଲିସା ମାଶାନ୍ତ, ନିକିତା କଳ, ଧରିତ୍ରୀ ମହାନ୍ତି, ମାନସୀ ଉପା ଢ଼ୟା, ସରସ୍ୱତୀ ବାରିକ, କୃଷ୍ଣମୋହନ ଗିରି, ସମ୍ବିତ ମହାପାତ୍ର, ବାଦଲ ଦଣ୍ଡପାଟ ପ୍ରମୁଖ ସହଯୋଗ କରିଥିଲେ ।







Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାଲକାନାଗିରି (ଭାସ୍କର ନ୍ୟୁଜ୍): କାଲିମେଳା ବ୍ଲକ ଅନ୍ତର୍ଗତ ମହାରାଜପାଲ୍ଲୀ ପଞ୍ଚାୟତର କୋଇକୋଣ୍ଡା ଆଶ୍ରମ ବିଦ୍ୟାଳୟ ପକ୍ଷରୁ ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମହାରାଜପାଲ୍ଲୀ ସରପଞ୍ଚ ମୁତା ସୋଡ଼ୀ ଯୋଗ ଦେଇଥିବାବେଳେ ସାମାଜିକ କର୍ମୀ ବିଶ୍ୱନାଥ ରେଡ୍ଡୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏରା କାରାମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ସବ୍ ଜୁନିଅର, ଚତୁର୍ଥରୁ ପଞ୍ଚମ ଶ୍ରେଣୀ ଜୁନିଅର ଓ ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସିନିୟର ବିଭାଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଗ୍ରାମଦେବୀଙ୍କ ପାଖରୁ ମଶାଲ ଶୋଭାଯାତ୍ରା କରାଯାଇ ସବ୍-ଜୁନିଅର ଓ ଜୁନିଅର ବିଭାଗରେ ୮ ପ୍ରକାରର କ୍ରୀଡା ଓ ସିନିଅର ବିଭାଗରେ ୧୬ ପ୍ରକାରର କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ମଧ୍ୟରେ କ୍ରିକେଟ, କବାଡ଼ି, ଖୋକୋ, ଫୁଟବଲ, ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଅଖାଦୌଡ଼, ପୁଚି ଓ ଭଲିବଲ ଇତ୍ୟାଦି ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରପ୍ରାପ୍ତ ଶିକ୍ଷକ କିଶୋର ମଣ୍ଡଳ, ସହଯୋଗୀ ଶିକ୍ଷକ ମଦନ ମୋହନ ବେହେରା ଓ ଶିକ୍ଷୟିତ୍ରୀ ଗୌରୀ ମଣ୍ଡଳ ସହଯୋଗ କରିଥିଲେ ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆର୍ଯ୍ୟପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ବ୍ୟାଗ ବଣ୍ଟନ

ଛତ୍ରପୁର(ଭାସ୍କର ନ୍ୟୁଜ୍): ଆଦାନୀ ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ଆର୍ଯ୍ୟପଲ୍ଲୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହି ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଛି । ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଆର୍ଯ୍ୟପଲ୍ଲୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ, ସାନଆର୍ଯ୍ୟପଲ୍ଲୀ ଓ ସେବାଶ୍ରମ ବିଦ୍ୟାଳୟ ଏବଂ ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଗ୍ରାମର ବିଭିନ୍ନ ବିଦ୍ୟାଳୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ରଖାଯାଇଛି । ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ସାରା ଭାରତ ବର୍ଷରେ ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ କରାଯାଏ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଦୀପ ଜୈସ୍ୱାଲ, ବିଜନେସ ମୁଖ୍ୟ, ଗୋପାଳପୁର ବନ୍ଦର, କହିଥିଲେ ଯେ ଗତ ସେପ୍ଟେମ୍ବର ମାସରେ ଆଦାନୀ ପୋର୍ଟ୍ସ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଶାଖା, ଗୋପାଳପୁର ବନ୍ଦରର ୯୫% ଅଂଶଧନ ଅଧିଗ୍ରହଣ କରିଛି ଏବଂ



ଓଡ଼ିଶା କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଅଛି । ଅଧିଗ୍ରହଣ କରିବାର ମାତ୍ର ୨ ମାସ ମଧ୍ୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଛି । ଆଗାମୀ ଦିନରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷ୍ୟ, ସ୍ୱାସ୍ଥ୍ୟ, ପରିମଳ, ଜୀବନଜୀବିକା ବିକାଶ, ଗୋଷ୍ଠୀ ଭିତ୍ତିଭୂମି ବିକାଶ ଏବଂ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯିବା ଆଦି ବିଷୟରେ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ଯୋଜନା ରହିଛି । ଏହି ଅବସରରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ସ୍ଥାନୀୟ ସରପଞ୍ଚ ତ୍ରିନାଥ ବେହେରା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାମନ୍ତରା, ବିଦ୍ୟାଳୟ କମିଟି ସଭାପତି କେ ଆଲେୟା, ଏବଂ ବହୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ । ଗ୍ରାମର ସରପଞ୍ଚ ତଥା ଅନ୍ୟାନ୍ୟ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀ ଆଦାନୀ ଗୋପାଳପୁର ବନ୍ଦରର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଆୟୋଜନ କରିବା ପାଇଁ ଅନୁରୋଧ କରିଥିଲେ । ଆଦାନୀ ଗୋପାଳପୁର ପୋର୍ଟର ସିଏସଆର ବିଭାଗ କର୍ମକର୍ତ୍ତା ପରିଚାଳନା କରିଥିଲେ । ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଥିବା ସାମାଜିକ ସମସ୍ୟାଗୁଡିକ ଚିହ୍ନଟ କରିବା ଏବଂ ସିଏସ୍ଆର୍ ଅଧୀନରେ ସମସ୍ୟାର ସମାଧାନ ପାଇଁ ଆଲୋଚନା ଆରମ୍ଭ ହୋଇଛି । ଏହି ଅବସରରେ ଆର୍ଯ୍ୟପଲ୍ଲୀ ଫିସିଂ ଜେଟି ମାର୍ଗର ଗ୍ରାମୀଣ ବିଦ୍ୟୁତିକରଣ, କାଳିଆବାଲି ସ୍କୋୟାରରେ ସୋଲାର ଆଲୋକ ସ୍ଥାପନ, ସ୍ୱାସ୍ଥ୍ୟ ଶିବିର ଏବଂ ଜଳ ବିଶୋଧନ ୟୁନିଟ୍ ସ୍ଥାପନ ଆଦି କାର୍ଯ୍ୟକୁ ସମ୍ପାଦନ ପାଇଁ ଗ୍ରାମବାସୀ ପକ୍ଷରୁ ଅନୁରୋଧ କରାଯାଇଛି । ଆଦାନୀ ଫାଉଣ୍ଡେସନ ଏହି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମାଧାନ କରିବା ଏବଂ ବନ୍ଦରର ପାରିପାର୍ଶ୍ୱିକ ଗ୍ରାମଗୁଡିକର ସାମଗ୍ରିକ ବିକାଶରେ ସହଯୋଗ କରିବା ପାଇଁ ବଦ୍ଧପରିକର ଅଟେ । ଏହି ପଦକ୍ଷେପ ଗୁଡିକ ମାଧ୍ୟମରେ ଫାଉଣ୍ଡେସନ୍ ସ୍ଥାନୀୟ ଗୋଷ୍ଠୀର ଉନ୍ନତି ପାଇଁ ସ୍ଥାୟୀ ଏବଂ ପ୍ରଭାବଶାଳୀ ସମାଧାନ ଏବଂ ସହଯୋଗ କରିବାପାଇଁ ସର୍ବଦା ଚେଷ୍ଟା କରିଆସିଛି ।

## ବଡ଼ବାପାଙ୍କ ଦଶାହରେ ପୁତୁରାର ମୃତ୍ୟୁ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): ବଡ଼ବାପାଙ୍କ ଦଶାହରେ ଚାଲିଗଲା ପୁତୁରା ଜୀବନ । ଏପରି ଏକ ଦୁଃଖଦ ଘଟଣା ଘଟିଛି କେନ୍ଦ୍ରାପଡା ବ୍ଲକ ଅଧିନ ଛଘରିଆ ଗ୍ରାମରେ । ଖବର ଅନୁଯାୟୀ ଚଳିତମାସ ଏକ ତାରିଖରେ ବଡବାପା ଅବସରପ୍ରାପ୍ତ କୃଷି ଅଧିକାରୀ ନିତ୍ୟାନନ୍ଦ ଜେନାଙ୍କର ୮୦ ବର୍ଷ ବୟସରେ ମୃତ୍ୟୁ ହୋଇଥିଲା । ତାଙ୍କର ଦଶାହ କର୍ମ ଥିଲା ବୁଧବାର । ମଙ୍ଗଳବାର ପୁତୁରା ରଞ୍ଜିତ ଜେନା(୪୪) ହଠାତ୍ ଅସୁସ୍ଥ ହୋଇପଡିଲେ । ପରିବାର ଲୋକେ ଚିକିତ୍ସା ନିମନ୍ତେ ପ୍ରଥମେ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତାଙ୍କ ଅବସ୍ଥା ଗୁରୁତର ହୋଇ ପଡିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ରଞ୍ଜିତଙ୍କର ମୃତ୍ୟୁ ଘଟିଛି । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ରଞ୍ଜିତ ଜଣେ ଉଦୀୟମାନ ଓ ପରୋପକାରୀ ଯୁବକ ଥିଲେ । ଲୁହଭରା ଆଖିରେ ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ଶେଷ ବିଦାୟ ଦେଇଛନ୍ତି ।

# ଲକ୍ଷ୍ମୀ ପୂଜା ପାଇଁ କଳସ ଯାତ୍ରା



ଆସିକା (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଖଣ୍ଡଦୋଳ ପଞ୍ଚାୟତ ଅନ୍ତର୍ଗତ କର୍ଣ୍ଣଲି ଗ୍ରାମ ନିକଟସ୍ଥ ନିଗମାନନ୍ଦ ଯୋଗଶ୍ରମ ନିକଟସ୍ଥ ଗୋଦାମ ଗୃହ ପାର୍ଶ୍ୱରେ ରାମେଶ୍ୱର ଶ୍ରମିକ ସଂଘ ପକ୍ଷରୁ ଅଷ୍ଟଲକ୍ଷ୍ମୀ ପୂଜା ମହୋତ୍ସବ ପାଳିତ ହୋଇ ଯାଇଛି । ଶତାଧିକ ମହିଳା ମାନେ ଏକତ୍ରିତ ହୋଇ ନଳବଣ୍ଟାସ୍ଥିତ ଋଷିକୂଲ୍ୟ ଘାଟରୁ ଜଳ ଆଣିବା ସହ ବିଭିନ୍ନ ଅଞ୍ଚଳକୁ କଳସ ଯାତ୍ରାରେ ପରିକ୍ରମା ସହ କର୍ଣ୍ଣଲି ସ୍ଥିତ ଗୋଦାମ ଗୃହ ପରିସରରେ ପହଁଚି କଳସକୁ ସ୍ଥାପନ କଲେ । ବୁଧବାର ଦିନ କର୍ମ ଆରମ୍ଭ, ସୂର୍ଯ୍ୟ ପୂଜା, ଗୁରୁବାର ଦିନ ଗ୍ରହ ପୂଜା ସହ ଅଷ୍ଟ ଗଜଲକ୍ଷ୍ମୀଙ୍କ ଷୋଡଶ ଉପଚାର ପୂଜା ସହ ଦିନ ତମାମ ରୀତିନୀତି ଅନୁଯାଇ ପୂଜା ପାଠ ସହ ମନ୍ତ୍ର ପାଠରେ କମ୍ପି ଉଠୁଛି ସାରା ପରିବେଶ । ଏହି ପୂଜା ପ୍ରତି ବର୍ଷ ପରି ୪ ଦିନ ଧରି ଧୂମଧାମରେ ପାଳନ କରାଯିବ ବୋଲି କହିଥିଲେ ସରପଞ୍ଚ ଆରତୀ ଦେବୀ ସ୍ୱାଇଁ, ସହଯୋଗ ପ୍ରଣବ ବିଷୋଇ , ଜିତେନ୍ଦ୍ର ବିଷୋଇ, ଅରୁଣ ଦଳାଇ,ସନ୍ତୋଷ ଗୌଡ଼ଙ୍କ ସମେତ ଆଖ ପାଖ ଅଞ୍ଚଳର ବହୁ ଭକ୍ତମାନେ ଉପସ୍ଥିତ ଥିଲେ ।

## ଚକ୍ଷୁ ପରୀକ୍ଷା ପାଇଁ ଶିକ୍ଷକମାନଙ୍କୁ ତାଲିମ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଶିକ୍ଷାଧିନ ମହେଶ୍ୱନ୍ଦ୍ର ସୁବାହୁ ସିଂହ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀ ମାନଙ୍କ ଚକ୍ଷୁ ପରୀକ୍ଷା ପାଇଁ ଶିକ୍ଷକମାନଙ୍କୁ ଏକଦିନିଆ ତାଲିମ୍ ଶିବିର ବୁଧବାର ଅନୁଷ୍ଠିତ ହୋଇଅଛି ।ଏହି ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି



ବାଧିତ ଚକ୍ଷୁ ପରୀକ୍ଷା ତାଲିମ୍ ଶିବିରକୁ ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ଦେହୁରୀ ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିଥିବାବେଳେ, ବ୍ଲକସ୍ତରୀୟ ଶିକ୍ଷକମାନଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୋଗ୍ରାମ ମ୍ୟାନେଜର ଲିଙ୍ଗରାଜ ମହାପାତ୍ର, ବିଆରଟି ଅଶୋକ କୁମାର ପଣ୍ଡା ତାଲିମ୍ ଦେଇଥିଲେ । ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଚକ୍ଷୁ ପରୀକ୍ଷା ଉପରେ ଶିକ୍ଷାଧିକାରୀ ଶ୍ରୀ ଦେହୁରୀ ଏବଂ ନୂତନ ଭାବେ ଯୋଗଦାନ କରିଥିବା ଅତିରିକ୍ତ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଆରଟି ସ୍ୱୟଂ ପ୍ରଭା ନାୟକ ପରିଚାଳନା କରିଥିବା ବେଳେ ଶିକ୍ଷାଧିକାରୀ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଶିବିରକୁ ସହଯୋଗ କରିଥିଲେ ।

# ବାଘେରା ମହୁମାଛି ଆକ୍ରମଣରେ ୭ଗୁରୁତର

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ୍ ଅଧିନ ଗୁଆଳିପୁର ପଂଚାୟତର ରାଧାନଗର ଗ୍ରାମରେ ବାଘେରା ମହୁମାଛି ଆକ୍ରମଣରେ ୭ଜଣ ଗୁରୁତର । ଘଟଣାରୁ ପ୍ରକାଶ, ସେହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ମଝିପଡିଆ ବରଗଛ ପାଖରେ ଏକ ପାନଦୋକାନ ରହିଛି । ବୁଧବାର ଅପରାହ୍ନରେ ପୂର୍ଣ୍ଣଚନ୍ଦ୍ର ନିଜ ଦୋକାନ ଖୋଲିବା ସମୟରେ ହଠାତ୍ ବାଘେରା ମହୁମାଛି ତାଙ୍କୁ ଆକ୍ରମଣ କରିଥିଲେ । ସେ ଚିତ୍କାର କରିବାରୁ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାରଲୋକେ ସାଗରୀକା ସ୍ୱାଇଁ, ଶାରିଆ ସ୍ୱାଇଁ, ରାଜଲକ୍ଷ୍ମୀ ସ୍ୱାଇଁ, କିଶୋର ଚନ୍ଦ୍ର ସ୍ୱାଇଁ, ଭାସ୍କର ଚନ୍ଦ୍ର ସ୍ୱାଇଁ ଓ ଦିଲ୍ଲୀପ ସ୍ୱାଇଁ ସେଠାରେ ପହଁଚି ତାଙ୍କୁ ମହୁମାଛି ଆକ୍ରମଣରୁ ରକ୍ଷା କରିବା ସମୟରେ ସମସ୍ତେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ । ତେବେ ପୂର୍ଣ୍ଣଚନ୍ଦ୍ର ଓ ଦିଲ୍ଲୀପ ଅଧିକ ଗୁରୁତର ହେବାରୁ ପୂର୍ଣ୍ଣଚନ୍ଦ୍ରଙ୍କୁ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ଦିଲ୍ଲୀପଙ୍କୁ ରେଢୁଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ପୂର୍ଣ୍ଣଚନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ସେ କଟକସ୍ଥିତ ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଛନ୍ତି । ଖବରପାଇ ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ ଓ ସମିତିସଭ୍ୟ କମଳାକାନ୍ତ ପରିଡା ପହଞ୍ଚି ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ।

## ଦୁଇଦିନିଆ ଶ୍ରୀଅନ୍ନ କାର୍ଯ୍ୟକ୍ରମ

ଶୁଳିଆପଦା (ଭାସ୍କର ନ୍ୟୁଜ୍):ଶକ୍ତି ଆନୁକୂଲ୍ୟରେ ଜିଲ୍ଲା କୃଷି ଅଧିକାରୀଙ୍କ ସହଯୋଗ ଓ ଶ୍ରୀଅନ୍ନ ଅଭିଯାନ ତରଫରୁ ଦୁଇଦିନିଆ ନନ୍ ରେସିଡେନ୍ସିଆଲ ସଘନ ପଦ୍ଧତି ଉପରେ ୨୯ଜଣ ଚାଷୀ ୫ ଜଣ ଡବ୍ଲୁ.ଏସ.ଏଚ୍.ଜି ମହିଳାଙ୍କୁ ନେଇ ତା୧୧.୧୨,୨୪ ରିଖଠାରୁ ୧୨.୧୨.୨୪ ରିଖ କୃଷି ଓ କୃଷକ ପରାମର୍ଶ କେନ୍ଦ୍ର ଅନୁଷ୍ଠିତ ହୋଇଯାଇଛି' । ଏହି କର୍ମଶାଳାରେ ବିଶେଷଜ୍ଞ, ଜ୍ୟୁନମୟୀ ମହାନ୍ତି, ଗୋଷ୍ଠୀ କୃଷି ଅଧିକାରୀ ଶୁଳିଆପଦା, ସହ କୃଷି ଅଧିକାରୀ ଅଙ୍କିତା ହାଁସଦା ଯୋଗଦେଇ ଚାଷୀ ଭାଇ ଭଉଣୀମାନଙ୍କୁ ସଘନ ପଦ୍ଧତିର ଉପକାରୀତା ନିୟମାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତତ୍ ସହିତ ଫଟୋ ଓ ଭିଡ଼ିଓ ମାଧ୍ୟମରେ ଚାଷୀ ଭାଇ ଭଉଣୀମାନଙ୍କୁ ବୁଝାଇଥିଲେ । ତତ୍‌ସହିତ ଜୈବିକ



ସାରର ଉପକାରୀତା ଓ ପ୍ରସ୍ତୁତ କରିବା ପ୍ରଣାଳୀ ଓ ବ୍ୟବହାରର ନିୟମାବଳୀ ବିଷୟରେ ବୁଝାଇଥିଲେ । ଓଡ଼ିଶା ଶ୍ରୀଅନ୍ନ ଅଭିଯାନ ଶୁଳିଆପଦା ଟିମ୍ ଏହି ଦୁଇଦିନିଆ କର୍ମଶାଳାକୁ ସୁଚାରୁ ରୂପେ ପରିଚାଳନା କରି ସଫଳତାର ସହିତ ସମ୍ପାଦନ କରିଥିଲେ । ଏହି ଶ୍ରୀଅନ୍ନ ଅଭିଯାନ ୨୦୨୨-୨୩ ରୁ ଆରମ୍ଭ ହେଇ ଅଦ୍ୟାବଧି ୭୩୭ ଜଣ କୃଷକ ଏହି ଯୋଜନା ରେ ଅନ୍ତର୍ଭୁକ୍ତ ହୋଇ ମାଣ୍ଡିଆ ଚାଷ କରୁଛନ୍ତି ।

# ସାଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବଣ୍ଟନ



ଗୋପ (ଭାସ୍କର ନ୍ୟୁଜ୍): ଗୋପ ବ୍ଲକ ଅନ୍ତର୍ଗତ ଶିଶୋ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସରକାରଙ୍କ ତରଫରୁ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ବିଦ୍ୟାଳୟର ସଭାପତି ଅଭୟ ଭଞ୍ଜଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ପ୍ରମୋଦ କୁମାର ରାୟ ଯୋଗ ଦେଇଥିବା ବେଳେ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରଭାତ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସରକାରୀ ସ୍କୁଲରେ ମାଗଣା ପୋଷାକ ବଣ୍ଟନ ପରି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ପ୍ରଧାନ ଶିକ୍ଷକ ଶିବଦତ୍ତ ନାୟକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହିତ ଶ୍ରେଣୀ ଗୃହର ଅଭାବ ସଂପର୍କରେ ଅବଗତ କରିବା ପରେ ଯଥାଶୀଘ୍ର ତାହା କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ୧୫୮ ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟାଙ୍କ ସହିତ ବିଦ୍ୟାଳୟର ଶିକ୍ଷକ ଦୀନକୃଷ୍ଣ ପ୍ରଧାନ, ଲୋପାମୁଦ୍ରା ସେଠୀ, ପ୍ରାମୋଦିନୀ ପଟ୍ଟନାୟକ, ସ୍ୱାଗତିକା ନାୟକ, ବାସନ୍ତୀ ବେହେରା ଓ ସତ୍ୟଭାମା ବେହେରା ପରିଚାଳନା କରିବା ସହିତ ପୋଷାକ ବଣ୍ଟନ ରେ ସହଯୋଗ କରିଥିଲେ ।

# ରିଟେଲର ସଂଘ ପକ୍ଷରୁ ବନ୍ଧୁ ମିଳନ ଓ ସାଙ୍ଗଠନିକ ବୈଠକ

ତିହିଡି(ଭାସ୍କର ନ୍ୟୁଜ୍): ଗତ କରୋନା ସମୟରେ ରିଟେଲର ମାନେ ନିଜ ଜୀବନକୁ ବିପନ୍ନ କରି ବଣ୍ଟନ କରାଯାଇଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ବାବଦକୁ ବକେୟା ପାରିଶ୍ରମିକ ଅର୍ଥ ଓ ଏବେ ଚାଲୁ ରହିଥିବା ଇ-କେୱାଇସି ବାବଦ ଅର୍ଥ ମିଳିବା ନେଇ ରିଟେଲର ସଂଘ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ଜାରିରଖିଛି । ଏହା ସହ ଗତକିଛିଦିନ ତଳେ ରାଜ୍ୟରେ ସମସ୍ତ ଜିଲ୍ଲାରେ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ସରକାରଙ୍କୁ ୭ଦଫା ସମ୍ବଳିତ ଏକଦାବିପତ୍ର ପ୍ରଦାନ କରାଯାଇଥିଲା । ତିହିଡି ବ୍ଲକ ରିଟେଲର ସଂଘ ପକ୍ଷରୁ ତାଳପଦା ପଂଚାୟତ ସ୍ଥିତ କାନ୍ତକବିଙ୍କ ସାଧନା ପୀଠ ବଡମ୍ବା ପଡିଆରେ ଏକ ବନ୍ଧୁ ମିଳନ ଓ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ତିହିଡି ବ୍ଲକ ରିଟେଲର ସଂଘ ସମ୍ପାଦକ କୈଳାସ ବେହେରାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ସଂଘର ଜିଲ୍ଲା ସଭାପତି ଜଗବନ୍ଧୁ ଲେଙ୍କା, ଭଦ୍ରକ ପୌରପାଳିକା ସଭାପତି ଅବଦୁଲ ଅଜଗର , ତିହିଡି ବ୍ଲକ ସଭାପତି ରବିନ୍ଦ୍ର ମହାକୁଳ, ବାସୁଦେବପୁର ବ୍ଲକ ସଭାପତି ସୁରେନ୍ଦ୍ର ପଣ୍ଡା, ସମାଜସେବୀ ବାଣୀ କଲ୍ୟାଣ ମହାପାତ୍ର, ଅଜୟ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ନିଜର ହକ୍ ପାଇଁ ଏ ଲଢ଼େଇ ଜାରିରହିବ ବୋଲି କହିଥିଲେ । ସଂଘ



ପକ୍ଷରୁ ରିଟେଲର ପୂର୍ଣ୍ଣ ଚନ୍ଦ୍ର ଓଝା,ଚକ୍ରଧର ଲେଙ୍କା, ଶରତ ଚନ୍ଦ୍ର କବି, ଜିତେନ୍ଦ୍ର ବେହେରା, ବାସ୍ତବ ପଣ୍ଡା, ସୁଦାମ ଦାସ, ବ୍ରହ୍ମାନନ୍ଦ ମହାପାତ୍ର,ଗୟାଧର ବାରିକ, ସୁବାସ ଦାସ, ନକୁଳ ରାଉତ, ବାବୁଲି ଭଞ୍ଜ,ସୁବ୍ରତ ନାୟକ, ଶଶିକାନ୍ତ ରାଉତ,ସଞ୍ଜୟ ମଲ୍ଲିକ, ବାଇଧର ପରିଡା, ଅଜୟ କୁମାର ବ୍ରହ୍ମ, ବାପୁଜୀ ରାଉତ, ବିଦ୍ୟାଧର ପଣ୍ଡା, ସୀତାକାନ୍ତ ନାୟକ, ପଞ୍ଚାନନ ମିଶ୍ର, କୈଳାସ ଯେନା, ଭାଗିରଥି ବେହେରା, ମାର୍କଣ୍ଡ ମଲ୍ଲିକ, ବିଶ୍ୱନାଥ ପୃଷ୍ଟି, ସତ୍ୟାନନ୍ଦ ଧଳ ,ନାରାୟଣ ନାୟକ, ମନୋରଞ୍ଜନ ବେହେରା, ଭାସ୍କର ପରିଡା, ପ୍ରମୁଖ ଉପସ୍ଥିତ ଥିଲେ ଉପସଭାପତି ଲକ୍ଷ୍ମୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋର୍ଟଙ୍କ ନିର୍ଦ୍ଦେଶରେ ଭଙ୍ଗାଗଲା ଘର

ମାଲକାନାଗିରି (ଭାସ୍କର ନ୍ୟୁଜ୍): କୋର୍ଟଙ୍କ ନିର୍ଦ୍ଦେଶରେ ବେଆଇନ ଜବରଦଖଲ ଘର ହଟାଇଛି ପୋଲିସ । ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କାଲିମେଳା ସହରର ଇପିଡିପି କଲୋନିର ବାଟୁ ଦେବନାଥଙ୍କ ଘର ମେସିନ୍ ଲଗାଇ ଭାଙ୍ଗିଦିଆଯାଇଛି । କିଛି ସମୟ ଦେବାକୁ ଶ୍ରୀ ଦେବନାଥ ନେହୁରା ହୋଇଥିଲେ ବି ଶୁଣିନଥିଲା ପ୍ରଶାସନ । ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ଥାନା କର୍ମଚାରୀ ଏହି ସମୟରେ ଉପସ୍ଥିତ ଥିଲେ । ଇପିଡ଼ିପି କଲୋନୀରେ ପ୍ରାୟ ୩୦ ବର୍ଷ ହେବ ଘର କରି ରହୁଥିଲେ ଶ୍ରୀ ଦେବନାଥ । ପ୍ଲଟ ୨୯୩୬,୨୯୩୭ ଖାତା ନମ୍ବର ୬୫୦/୧୧୭୦ ଚିହ୍ନଟ ଲାଗି ବି.ରମେଶ କୁମାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ । ମାପଚୁପ ପରେ ରମେଶଙ୍କ ପ୍ଲଟ୍‌ରେ ଶ୍ରୀ ଦେବନାଥ ଘର କରି ରହୁଥିବା ସ୍ପଷ୍ଟ ହୋଇଥିଲା । ଜାଗା ଛାଡ଼ିଦେବାକୁ ରମେଶ ବାରମ୍ବାର କହିବା ପରେ ବି ଶୁଣିନଥିଲେ ବାଟୁ । ବାଧ ହୋଇ ରମେଶ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କାଗଜପତ୍ର ଯାଞ୍ଚ ପରେ ଜୁଡିସିଆଲ୍ କୋର୍ଟ ଶ୍ରୀ ଦେବନାଥ ଙ୍କ ନାଁରେ ନୋଟିସ୍ ପଠାଇଥିଲେ । ବାରମ୍ବାର ନୋଟିସ ପରେ ବି ସେ କୌଣସି ପ୍ରତିକ୍ରିୟା ରଖିନଥିଲେ । ରମେଶଙ୍କ ଜାଗା ଖାଲି କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଗତକାଲି କୋର୍ଟ ନୋଟିସ ନେଇ ପେସ୍କାର ଥାନାକୁ ଯାଇଥିଲେ । ଆଇଆଇସି ଶ୍ରୀ ତାଣ୍ଡି, ଏସ ଆଇ, ଏଏସଆଇ ଏବଂ ଥାନାର ଅନ୍ୟ କର୍ମଚାରୀ ମାନେ ମେସିନ୍ ନେଇ ପହଞ୍ଚିଥିଲେ ତାଙ୍କ ଘର ପାଖରେ । ସେତେବେଳେ ଶ୍ରୀ ଦେବନାଥ ଘରେ ନଥିଲେ । ତାଙ୍କ ସ୍ତ୍ରୀ କିଛି ସମୟ ଦେବାକୁ ଅନୁରୋଧ କରିଥିଲେ ବି କେହି ଶୁଣିନଥିଲେ । କୋର୍ଟଙ୍କ ନିର୍ଦ୍ଦେଶରେ ପରିବାର ସଦସ୍ୟଙ୍କୁ ବାହାର କରାଯାଇ ଘର ଭଙ୍ଗା ଯାଇଥିଲା । ତେବେ ଏପରି କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ କରିଛନ୍ତି କଲୋନି ବାସିନ୍ଦା । କହିଛନ୍ତି, ଘର ଖାଲି କରିବା ଲାଗି ନୋଟିସ ଦିଆଯାଇ ନଥିଲା । ନୋଟିସ୍ ମିଳିଥିଲେ, ଭାଙ୍ଗିବା ପୂର୍ବରୁ ଶ୍ରୀ ଦେବନାଥ ଙ୍କ ପରିବାର ଲୋକେ ଘର ଖାଲି କରି ଅନ୍ୟତ୍ର ରହିବା ବ୍ୟବସ୍ଥା କରିଥାନ୍ତେ । ଶୀତ କାକରରେ ଛୋଟ ଛୁଆଙ୍କୁ ଧରି ଦମ୍ପତି କେଉଁଠି ରହିବେ ଏହାକୁ ନେଇ ଚିନ୍ତାରେ ରହିଛନ୍ତି ।



## କେନ୍ଦୁଝରେ ସାଂସଦଙ୍କ ଓଏମ୍‌ସି ଗନ୍ଧମାର୍ଦ୍ଦନ ପ୍ରତିନିଧି ହେଲେ ରୋହିତ ରଞ୍ଜନ

କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସାଂସଦଙ୍କ ଓଏମସି ଗନ୍ଧମାର୍ଦ୍ଦନ ଖଣିର ପ୍ରତିନିଧି ଭାବେ ଦାୟିତ୍ୱ ଗ୍ରହଣ କଲେ ରୋହିତ ରଞ୍ଜନ ବାରିକ । ବୁଧବାର ଦିନ ରୋହିତ ରଞ୍ଜନ ବାରିକେ ସାଂସଦ ଅନନ୍ତ ନାୟକ ଙ୍କ ପ୍ରଦତ୍ତ ଚିଠି ଓଏମସି ଗନ୍ଧମାର୍ଦ୍ଦନର ଖଣି ପ୍ରବନ୍ଧକ ଅନୁରାଗ ଓଝା ଙ୍କୁ ପ୍ରଦାନ କରିଥିଲେ । ଏହି ଚିଠି ପ୍ରଦାନ କରିବା ସମୟରେ ଶ୍ରୀ ବାରିକଙ୍କ ସହିତ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁକଦେବ ମାହନ୍ତ ,ସାଂସଦଙ୍କ ପ୍ରତିନିଧି ବାଂଶପାଳ ବ୍ଲକର ପ୍ରହଲ୍ଲାଦ ମହାକୁଡ଼, ତେଲକୋଇ ବିଧାୟକଙ୍କ ବାଂଶପାଳ ପ୍ରତିନିଧି ଉମାକାନ୍ତ ବାରିକ, ସୁଆକାଟି ମଣ୍ଡଳ ସଭାପତି ନିରଞ୍ଜନ ପ୍ରଧାନ ତଥା ଖଣି ଅଞ୍ଚଳର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହିତ ସ୍ଥାନୀୟ ଯୁବ ନେତା ବିଷ୍ଣୁଦତ୍ତ ବାରିକ, ଲକ୍ଷ୍ମଣ ବାରିକ, ସଂଜୀତ ବାରିକ, ଗଜେନ୍ଦ୍ର ବାରିକ, ଆଶିଷ ପରିଡା, ବିଜୟ ମହାରଣା,ଶ୍ରମିକ ନେତା ଖଗେଶ୍ୱର ପୂର୍ତ୍ତି ଓ ନିତ୍ୟାନନ୍ଦ ଦେହୁରୀ ଏବଂ ଅନେକ ବିଜେପି କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଗେଣ୍ଡୁଫୁଲ ଦେଉଛି ମହିଳାଙ୍କୁ ରୋଜଗାର

ବୋରିଗୁମ୍ମା(ଭାସ୍କର ନ୍ୟୁଜ୍): ପୂର୍ବରୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ କୁକୁଡ଼ା ଗାଈ ପାଳନ,ଛତୁ ଚାଷ କରି କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଏବେ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ର ମାଲଦା ଗ୍ରାମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ଗେଣ୍ଡୁ ଫୁଲ ଚାଷ କରି ବେଶ ଟଙ୍କା ରୋଜଗାର କରୁଛନ୍ତି ।ଖାଲି ପଡିଆ ପଡିଥିବା ଜମିରେ ପ୍ରାକୃତିକ ସାର ପ୍ରୟୋଗ କରି ଗେଣ୍ଡୁ ଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ଏହି ମହିଳା ମାନେ । ଦେଖିବା ଏହି - ଦିନେ ଏହି ଜମି ପଡିଆ ପଡ଼ି ରହିଥିଲା କିନ୍ତୁ ବର୍ତ୍ତମାନ ପେନ୍ଥା ପେନ୍ଥା ଗେଣ୍ଡୁ ଫୁଲ ଖିଲି ଖିଲି ହସୁଛି ।ଯୁଆଡେ ଚାହିଁଲେ ନୀଳ ଆକାଶ ତଳେ ସୁନାର ଚଦର ଘୋଡେଇ ହୋଇଥିବା ଅନୁମାନ ହେଉଛି ।ଏ ଦୃଶ୍ୟ ହେଉଛି ବୋରିଗୁମ୍ମା ବ୍ଲକ ମାଲଦା ଗ୍ରାମର ।ଦିନେ ଏହି ଜମିରେ କୌଣସି ଚାଷ ହେଉ ନଥିଲା (ଏନବିଆରଆଇ) ଲୋକଣ୍ଡ ରୁ ଗେଣ୍ଡୁ ଚାରା ଆସିଲା ଓଡ଼ିଶା ଜୀବିକା ମିଶନ କୁ ସେହି ଉନ୍ନତ ମାନର ଗେଣ୍ଡୁ ଚାରା ମାଲଦା ଗ୍ରାମର ଦୁଇ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ପ୍ରଦାନ କରାଗଲା ।ମହିଳାମାନେ ସେହି ଗେଣ୍ଡୁ ଚାରାକୁ ଜମିରେ ଚାଷ ଆରମ୍ଭ କଲେ । କିଭଳି ପ୍ରାକୃତିକ ପଦ୍ଧତିରେ ଚାଷ କରିବେ



ସେଥିପାଇଁ ପ୍ରଦାନ (ଏନଏସଓ)ପକ୍ଷରୁ ପ୍ରଶିକ୍ଷଣ ଦିଆଗଲା ପ୍ରଶିକ୍ଷଣ ନେଇ ଗେଣ୍ଡୁ ଚାଷରେ ହାଣ୍ଡି ଖତ, ଜିଆ ଖତ,ଜିବାମୃତ ଏବଂ ନିମାସ୍ତ୍ର ପ୍ରୟୋଗ କଲେ ଏବଂ ଗେଣ୍ଡୁ ଚାଷରେ ସଫଳ ହୋଇ ବେଶ୍ ଖୁସି ଅନୁଭବ କରିଛନ୍ତି ମହିଳା ମାନେ । ଆଗରୁ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ଲାଭବାନ ହେଉଥିଲେ ତଥାପି ଗେଣ୍ଡୁ ଚାଷ କରି ଆହୁରି ଅଧିକ ଲାଭବାନ ହୋଇ ପାରିଛନ୍ତି । ପୂର୍ବରୁ ଏମାନେ ପନିପରିବା, ମାଣ୍ଡିଆ , ସୁଆଁ ଚାଷ କରୁଥିଲେ । ଏବେ ଏଠି ପ୍ରଥମ କରି ଗେଣ୍ଡୁ ଫୁଲ ଚାଷ କରିଛନ୍ତି ଏହି ମହିଳା ମାନେ । ଗୋଟିଏ ଥର ଚାଷରେ ଗେଣ୍ଡୁ ଫୁଲ ପ୍ରାୟ ୬ ମାସ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ । ପାର୍ବଣ ଋତୁରେ ଗେଣ୍ଡୁ ଫୁଲର ବେଶ୍ ଚାହିଦା ରହିଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ୩୦ କୁଇଣ୍ଟାଲ ଫୁଲ ତୋଳି ବିକ୍ରି କରି ସାରିଲେଣି ମହିଳା ମାନେ । ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ୩୦ ହଜାର ରୁ ଊର୍ଦ୍ଧ୍ୱ ଟଙ୍କା ଲେଖାଏଁ ଲାଭ ପାଇ ସାରିଛନ୍ତି ପୁଣି ଆଉ ୩୦ ହଜାରୁ ୪୦ ହଜାର ଟଙ୍କା ଲେଖାଏଁ ପାଇବେ ବୋଲି ଆଶା ରଖିଛନ୍ତି ।ଫୁଲ କିଲୋ ପିଛା ୮୦ ଟଙ୍କାରେ ବିକ୍ରି କରୁଛନ୍ତି । ଏହି ସବୁ ଫୁଲ ଜୟପୁର, ନବରଙ୍ଗପୁର ତଥା ପଡୋଶୀ ରାଜ୍ୟ ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶ କୁ ଯାଉଛି । ଗେଣ୍ଡୁ ଫୁଲ ଚାଷ ସହ ଏମାନେ ସେହି ଜମିରେ ଶାଗ ଓ କନ୍ଦ ମୂଳ ବି ଲଗେଇଛନ୍ତି । ଗେଣ୍ଡୁ ଚାଷ କରି ସ୍ୱାବଲମ୍ବୀ ହୋଇଥିବା ଯୋଗୁଁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନେ ବେଶ୍ ଖୁସି ପ୍ରକଟ କରିଛନ୍ତି । ଫାଭିଓ - ଓଡ଼ିଶା ଜୀବିକା ମିଶନ ସହାୟତାରେ ପଡିଆ ପଡିଥିବା ଜମିରେ ପ୍ରାକୃତିକ ସାର ପ୍ରୟୋଗ କରି ମହିଳାମାନେ ଗେଣ୍ଡୁ ଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି ।

# 'ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗୀୟ ପ୍ରତ୍ନତତ୍ତ୍ୱ: ଏକ ଅନୁଶୀଳନ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର

ବାଲୁଗାଁ (ଭାସ୍କର ନ୍ୟୁଜ୍): ବାଲୁଗାଁ ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ମିଳିତ ଆୟୋଜନରେ ମହାବିଦ୍ୟାଳୟର ପ୍ରଜ୍ଞା ଭବନରେ ଏକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । "ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ଥାପତ୍ୟ କଳା:- ଏକ ଅନୁଶୀଳନ" ଶୀର୍ଷକ ଏହି ଜାତୀୟ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ବିଶ୍ୱର ମହାନ ସ୍ଥପତି ଜଗତରନାଥ ଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ନିମନ୍ତ୍ରିତ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହାପରେ ଅଧ୍ୟକ୍ଷ ଡକ୍ଟର ସୁବୁଦ୍ଧି ଆଲୋଚନା ଚକ୍ରର ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ମୃଡ଼ାଣି ଶଙ୍କର ପ୍ରସାଦ ମିଶ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ ଓ ସମ୍ମାନର ପ୍ରସଙ୍ଗ ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷ ଡକ୍ଟର ସୁବୁଦ୍ଧି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ଥାପତ୍ୟ କଳା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ପ୍ରାଚୀନ କଳିଙ୍ଗର ସାଂସ୍କୃତିକ ଐତିହ୍ୟ ଓ ଭାସ୍କର୍ଯ୍ୟ କଳା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ କହିଲେଯେ ଆମ ଜାତିର ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ହେଉଛି ଆମର ଅସଲ ପରିଚୟ । ଏହାର ସଂରକ୍ଷଣ ଓ ରକ୍ଷଣା ବେକ୍ଷଣ ଦାୟିତ୍ୱ ଆମ ସମସ୍ତଙ୍କର ଉତ୍ତର ଦାୟିତ୍ୱ । ଆମ ପ୍ରାଚୀନ କୀର୍ତ୍ତି କାଚ ଭଳି ସ୍ୱଚ୍ଛ, ଏହାକୁ ଅବହେଳା କଲେ ଆମ ଭବିଷ୍ୟତ ସଂକୀର୍ଣ୍ଣ ହୋଇଯିବ । ଏହାକୁ ପ୍ରସଙ୍ଗ କରି ପ୍ରଫେସର ଆଚାର୍ଯ୍ୟ ଓଡ଼ିଶାର ଶହ ଶହ ପ୍ରାଚୀନ ମନ୍ଦିର ସହ ଜଡିତ ସ୍ଥାପତ୍ୟ କଳାର ବୈଜ୍ଞାନିକ ଭିତ୍ତିଭୂମି ଓ ଧର୍ମୀୟ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଜାତୀୟ ଆଲୋଚନା ଚକ୍ରର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣର ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଜୀବନ କୁମାର ପଟ୍ଟନାୟକ ତାଙ୍କ ଉପସ୍ଥିତିରେ ଲଳିତଗିରି, ଧଉଳିଗିରି ଓ ରତ୍ନଗିରିରେ କରାଯାଇଥିବା ଭୂଖନନ ଓ ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣ ଓ ରକ୍ଷଣାବେକ୍ଷଣରେ ଅନେକ ଅନାଲୋଚିତ ଦୃଶ୍ୟ ଶ୍ରାବ୍ୟ ତଥ୍ୟ ଉପସ୍ଥାପନ କରିଥିଲେ । ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ସଂଯୋଜକ ଡକ୍ଟର ଅନାମ ବେହେରା ଉତ୍କଳୀୟ ମନ୍ଦିର ସ୍ଥାପତ୍ୟ କିପରି ଭାରତ ବର୍ଷର ଅନ୍ୟ ମନ୍ଦିର ଗଠନ ଠାରୁ ସ୍ୱତନ୍ତ୍ର ସେସମ୍ପର୍କରେ ବିଶଦ ବିବରଣୀ ରଖିଥିଲେ । ସମ୍ମାନିତ ଅତିଥି ଡକ୍ଟର ଅକ୍ଷୟ କୁମାର ମିଶ୍ର ପ୍ରାଚୀନ ଓଡ଼ିଶାରେ ଜୈନ ସ୍ଥାପତ୍ୟ, ପରମ୍ପରା, ସଂସ୍କୃତି କିପରି ସମୃଦ୍ଧ ଥିଲା ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଲୋଚନାରେ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟର ଗବେଷକମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ଶତପଥୀ, ରମାକାନ୍ତ ପ୍ରଧାନ, କଲ୍ୟାଣ କୁମାର ରାଉତ, ଅକ୍ଷୟ କୁମାର ପ୍ରଧାନ ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବାବେଳେ ଇତିହାସ ଅଧ୍ୟାପକ ଡକ୍ଟର ସନ୍ତୋଷ କୁମାର ରଥ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନାରେ ସହଯୋଗ କରିଥିଲେ ଅଧ୍ୟାପକ ହିମାଂଶୁ କୁମାର ଦାଶ, ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ, ସ୍ୱାତୀ ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ ଓ ପ୍ରିୟମ୍ବଦା ମହାପାତ୍ର ।

# ମା' ଲକ୍ଷ୍ମୀଙ୍କ ଯାତ୍ରାର ୧୨ଦିନ: ଝଲସୁଛି ମୁନିଗୁଡ଼ା

ମୁନିଗୁଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ମୁନିଗୁଡା ପାଇକ ସାହିର ବିଜୁପଟ୍ଟନାୟକ ଯୁବକ ସଂଘ ଓ ସାହି ଲୋକଙ୍କ ସହଯୋଗରେ ବହୁ ପୁରାତନ ମା ମହାଲକ୍ଷ୍ମୀଙ୍କ ଯାତ୍ରାର ଆଜି ୧୨ ଦିନରେ ପଦାର୍ପଣ କରିଛି ।ଆକର୍ଷଣୀୟ ମା ଲକ୍ଷ୍ମୀଙ୍କ ମୃଣାଳ ମୂର୍ତ୍ତି ସହିତ ଦୁଇ ପାର୍ଶ୍ୱରେ ଗଣେଶ ଓ ସରସ୍ୱତୀ ମୂର୍ତ୍ତି ଆକର୍ଷଣୀୟ ହୋଇ ଭକ୍ତି ଭାବରେ ଦୈନିକ ଶହଶହ ନର ନାରୀଙ୍କ ଗହଣରେ କୁଙ୍କୁମ ପୂଜା,ହୋମ ଯଜ୍ଞ, ଏବଂ ଆଳତୀ ଅନୁଷ୍ଠିତ ହେଉଛି । ବରିଷ୍ଠ ପୂଜକ ଜଗବନ୍ଧୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ତାଙ୍କ ଟିମ ମା'ଙ୍କର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହ ଆଳତି ପରେ



ସହସ୍ର ଲୋକଙ୍କୁ ମିଠା ପ୍ରସାଦ ଯୋଗାଇ ଦିଆଯାଉଥିବା କମିଟିର ଆବାହକ ତଥା ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ ପ୍ରକାଶ କରିଛନ୍ତି । ଶ୍ରୀଗୌଡଙ୍କ ପରିକଳ୍ପନାରେ ମା'ଙ୍କ ସମ୍ମୁଖ ଦୁଇ ପାର୍ଶ୍ୱରେ ଆଜିର ସମାଜରେ ପୁଅର ବାପା ପ୍ରତି ବ୍ୟବହାର ଓ କର୍ତ୍ତବ୍ୟକୁ ଦଶଟି ଷ୍ଟାଚ୍ୟୁମୂର୍ତ୍ତି ପ୍ରଦର୍ଶନ ଲୋକଙ୍କୁ ଆକୃଷ୍ଟ କରିଛି ।ଆଧୁନିକ ଗେଟ ସଜାକୁ ରଙ୍ଗବେରଙ୍ଗର ଆଲୋକମାଳାରେ ଲକ୍ଷ୍ମୀ ପଡିଆ ସମେତ ବଜାର ମଧ୍ୟ ଉଠୁଛି ପଡୁଛି । ଲୋକମାନଙ୍କ ମନୋରଞ୍ଜନ ପାଇଁ ଓଡିଶାର ସୁନାମ ଧନ୍ୟ ଅପେରା ଇନ୍ଦ୍ରଭୁବନ ତାର ଅଭିନୟରେ ଦର୍ଶକ ହାଉସ୍ ଫୁଲ ହେଉଥିବାବେଳେ ଫାଷ୍ଟଫୁଡ ଗୁପଚୁପ,ମଥୁରା କେକ୍, ଲଙ୍କା ଚପ୍ ଆଦିରେ ମଜା ନେଉଛନ୍ତି ଯାତ୍ରୀ । ଅପରପକ୍ଷରେ ପିଲାଙ୍କ ମନୋରଞ୍ଜନ ପାଇଁ ଶିଶୁଜମ୍ପ,ଗାଡିଦୋଳିର ମଜାକୁ ଉପଭୋଗ କରୁଥିବା ବେଳେ ରାମଦୋଳି,ଡ୍ରାଗନ୍ ଓ ବ୍ରେକ୍ ଡ୍ୟାନସ ଖେଳ,ମ୍ୟାଜିକ ଆଦିର ଉପଭୋଗ କରୁଛନ୍ତି ଦର୍ଶକ । ମିନା ବଜାରରେ ୪୦ ପ୍ରକାର ଦୋକାନରୁ ଜିନିଷ କିଣିବାକୁ ଗ୍ରାହକଙ୍କ ଭିଡ ଲାଗିରହୁଥିବା ବେଳେ ଦୈନିକ ଶହଶହ ଲୋକଙ୍କୁ ମା'ଙ୍କ ଅନ୍ନ ପ୍ରସାଦ ବିନା ମୂଲ୍ୟରେ ଆନନ୍ଦ ବଜାରରେ ସେବନ କରିବାର ସୁଯୋଗ ଦିଆଯାଏ ବୋଲି କମିଟିର ସଭାପତି ଅଜୀତ ନାୟକ,ସମ୍ପାଦକ ଚନ୍ଦନ ସାହୁ ପ୍ରକାଶ କରିଛନ୍ତି । ଓମ୍ ପାତ୍ର, ବାଲା , ରମା, ବାବୁ, ରାଜା, ମୁକେଶ, ପ୍ରମୁଖ ସମସ୍ତ କାର୍ଯ୍ୟ ପ୍ରତି ତଦାରଖ କରୁଥିବା ବେଳେ ପୋଲିସ ପକ୍ଷରୁ ଆଇଆଇସି ସୌଦାମିନୀ ବେହେରା ପୋଲିସ ଟିମ୍ ପଠାଇ ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରିଛନ୍ତି ।



# ଆମ କଳାହାଣ୍ଡି







## ଅବଧି ଶେଷ ପରେ ବି କାମ ସରିନି



### ନିମ୍ନମାନ କାମକୁ ନେଇ ଅଞ୍ଚଳବାସୀ ଅସନ୍ତୋଷ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଅଞ୍ଚଳବାସୀଙ୍କ ବହୁଦିନର ଦାବି ପରେ କୋକସରା-ଧର୍ମଗଡ଼ ବ୍ଲକକୁ ସଂଯୋଗ କରିବାକୁ ଚିତାମୁଣ୍ଡା ଭାୟା ଡାଲଗୁମାଠାରୁ ବାଙ୍କିମୁଣ୍ଡା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ପୂର୍ବତନ ବିଧାୟକ ମୌଷଧି ବାଗ ଭିତ୍ତିପ୍ରସ୍ତର ସ୍ଥାପନ କରି ଉଦ୍‌ଘାଟନ କରିଥିଲେ । ବର୍ତ୍ତମାନ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି । ହେଲେ କାମର ଅବଧି ଶେଷ ହୋଇଥିଲେ ମଧ୍ୟ କାମ ଅଧାରେ ପଡ଼ିରହିଛି । ଲୋକଙ୍କ ଯାତାୟାତରେ ଅନେକ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ନିମ୍ନମାନ କାମ ହେଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଜନୈକ ଠିକାସଂସ୍ଥା ମୁଣ୍ଡ୍ ଇନ୍‌ଫ୍ରା ପ୍ରୋଜେକ୍ଟ ଜୟପାଟଣା କାମ କରୁଛି । ମୋଟ ୫,୧୩୦ କିମି ଦୂରତା ବିଶିଷ୍ଟ ପାଇଁ ଅଟକଳ ପରିମାଣ ମୋଟ ୩,୪୫,୨୭,୮୧୩ ଟଙ୍କା ରହିଛି । ଯାହା ଚିତାମୁଣ୍ଡା ଭାୟା ଡାଲଗୁମା ଦେଇ ବାଙ୍କିମୁଣ୍ଡାରେ ସଂଯୋଗ ହେବା ବ୍ୟବସ୍ଥା ରହିଛି । ସୂଚନା ଫଳକ ଅନୁଯାୟୀ କାର୍ଯ୍ୟ ଆରମ୍ଭ ୧୩/୧୨/୨୩ ରହିଥିବା ବେଳେ କାର୍ଯ୍ୟ ଶେଷ ୧୨/୦୬/୨୪ ରହିଥିବା ଜଣାପଡିଛି । ହେଲେ ଅବଧି ଶେଷ ହୋଇ ୬ମାସ ହେବାକୁ ବସିଲାଣି କାମ ଅଧାରୁ ପଡିରହିଛି । ଠିକାସଂସ୍ଥା କାର୍ଯ୍ୟ ମନ୍ଥର ଗତିରେ କରୁଥିବା ଓ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ରହିଥିବା ବେଳେ ଅତି ନିମ୍ନମାନ କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିୟମ ଅନୁଯାୟୀ ମାଟି ପରେ ବାଲି ମୁରୁମ ମେଟାଲ ଓ କ୍ରସରମିକ୍ସ ଚିପ୍ସ ଦେବା ବ୍ୟବସ୍ଥା ଥିଲେ ହିଁ ଠିକାଦାର ମାଟି ମୁରୁମ ଓ କେତେକ ସ୍ଥାନରେ କ୍ରସରମିକ୍ସ ଚିପ୍ସ ଦେଇ କାମ କରିଛନ୍ତି । ଏପରି ପାଣି ଦେବା ବ୍ୟବସ୍ଥା ଥିଲେ ହିଁ ଭଲ ଭାବେ ପାଣି ଦେଇ ନଥିବା ଯୋଗୁଁ ରାସ୍ତା ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି । ଏହି ରାସ୍ତା ଦେଇ କୋକସରା ବ୍ଲକର କୋକସରା, ମୂଷାପାଲି, ଡାଲଗୁମା, ରେଙ୍ଗାଲପାଲି, ଡହଗାଁ, ମାଝୀଗୁଡା, ଗମ୍ଭାରୀଗୁଡ଼ା, ଲଡୁଗାଁ, ପଞ୍ଚାୟତର ଲୋକେ ଧର୍ମଗଡ଼ ଉପଖଣ୍ଡକୁ ବିଭିନ୍ନ କାର୍ଯ୍ୟ ନେଇ ଯାତାୟାତ କରୁଥିବା ବେଳେ ନିର୍ମାଣାଧୀନ ରାସ୍ତାର ଅବସ୍ଥା ଶୋଚନୀୟ କାରଣରୁ ଅନ୍ୟ ରାସ୍ତାରେ ଦେଇ ୧୦/୧୫ କିମି ବୁଲି ଯିବାକୁ ପଡୁଥିବା ଲୋକେ ପ୍ରକାଶ କରିଛନ୍ତି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇ ନ ଥିଲା । ତୁରନ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ଯଥା ଶୀଘ୍ର ରାସ୍ତା ନିର୍ମାଣ କାମ ଶେଷ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଉନ୍ନତ ପ୍ରାଣୀ ଚିକିତ୍ସା ସେବା ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ପ୍ରାଣୀ ସମ୍ପଦର ସୁରକ୍ଷା ସହିତ ଉତ୍ପାଦନ ଶକ୍ତିର ଅଭିବୃଦ୍ଧି ଘଟାଇ କ୍ଷୀର, ଅଣ୍ଡା, ମାଂସ ଆଦିର ଉତ୍ପାଦନ ବୃଦ୍ଧି କରି ଜିଲ୍ଲାକୁ ସ୍ୱାବଲମ୍ବୀ କରିବା ତଥା ଜିଲ୍ଲାର ଜଳସମ୍ପଦକୁ ଅଧିକ ସମୃଦ୍ଧ କରି ବିଭିନ୍ନ ପ୍ରଜାତିର ମାଛ ଉତ୍ପାଦନ କରି ଜିଲ୍ଲାବାସୀଙ୍କ ମାଛର ଚାହିଦା ପୂରଣ କରିବା ଲକ୍ଷ୍ୟ ନେଇ ଦୁଇଦିନ ଧରି କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହର ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା 'ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା' ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗତ ମଙ୍ଗଳବାର ଦିନ ଏହି ମେଳାର ଶୁଭ ଉଦ୍‌ଘାଟନ ହୋଇଥିଲା । କଳାହାଣ୍ଡି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ, କେଭିକେର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଅମିତାଭ ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓମଫେଡ୍‌ର ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସାଂସଦ ପ୍ରତିନିଧି ଅନିଲ ନନ୍ଦ ତଥା କାର୍ଯ୍ୟକ୍ରମର ସହ ଆବାହକ ଜିଲ୍ଲା ମତ୍ସ୍ୟ ବିଭାଗ ଅଧିକାରୀ ଦ୍ରୌପଦୀ ମାଝୀ ଉପସ୍ଥିତ ରହି ଉପସ୍ଥିତ ପ୍ରାଣୀପାଳକ ଓ ମାଛ ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଉଭୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀର ବିଭିନ୍ନ ଷ୍ଟଲ୍ ବୁଲି ଦେଖିଥିଲେ । ପ୍ରଦର୍ଶନୀରେ ବିଭିନ୍ନ କିସମର ଉନ୍ନତଧରଣର ଗାଈ, ଛେଳି, କୁକୁଡ଼ା, ଅନ୍ୟାନ୍ୟ ପକ୍ଷୀ ଓ ମତ୍ସ୍ୟ ବିଭାଗର ଜଳଭଣ୍ଡାରରରେ ପଞ୍ଜୁରୀ ମାଛଚାଷ ପ୍ରଣାଳୀ ଆଦି ପ୍ରଦର୍ଶିତ ହୋଇଥିଲା । ଦୁଇଦିନ ଧରି ସହରର ବହୁ ଜନସାଧାରଣ ଏହି ପ୍ରଦର୍ଶନ ବୁଲି ଦେଖିଥିଲେ । ୧୧ତାରିଖ ବୁଧବାର ଦିନ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ) ଡ. ମଧୁସୂଦନ ଦାସ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ଜୁନାଗଡ଼ ଆମ୍ଭାର ପୂର୍ବତନ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜିଲ୍ଲା ତାଲିମ ସଂଯୋଜକ ଡ.କେଦାର ନାଥ ଖମାରୀ ପ୍ରମୁଖ ଯୋଗ ଦେଇଥିଲେ । କଳାହାଣ୍ଡି ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାଦ୍ୱାରା ଚାଷୀମାନେ କିପରି ଉପକୃତ ହୋଇପାରୁଛନ୍ତି ତାହା ଉପରେ ବିଭାଗୀୟ ଅଧିକାରୀ କହିଥିଲେ । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ ସଫଳ ହୋଇଥିବା ଜିଲ୍ଲାର ୪ଜଣ ଚାଷୀଙ୍କୁ ୫ହଜାର ଆର୍ଥିକ ରାଶି ସହ ମାନପତ୍ର ଉପଢୌକନ ଦେଇ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଆଧୁନିକ ମାଛ ଚାଷ ପ୍ରଣାଳୀ ପାଇଁ କଲମପୁର ବ୍ଲକ ସାଗବାରୀ ଗ୍ରାମର ଗୋଲାପୀ ସାହୁ ଓ ଜୁନାଗଡ଼ ବ୍ଲକ ବାଦଲଦେଇ ଗ୍ରାମର ମହାଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ଉନ୍ନତ କୁକୁଡ଼ା ଚାଷ ପାଇଁ ଧର୍ମଗଡ଼ ବ୍ଲକ ଖଇରପଦର ଗ୍ରାମର ସପନ ପାତ୍ର ଓ ଗାଈ ଚାଷ ପାଇଁ ଭବାନୀପାଟଣାର ଜଶପାଲ ସିଂହଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡ. ସୁଦେବୀ ଭଞ୍ଜ ଓ ତେଜସ୍ୱିନୀ ସାହୁ ପରିଚାଳନା କରିଥିଲେ । ଏହି ମେଳାରେ ଜିଲ୍ଲାର ୧୩ଟି ବ୍ଲକରୁ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ ।




## ଜଣେ ଶିକ୍ଷକରେ ଚାଲିଛି ଶିକ୍ଷାଦାନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ଜଣେ ମାତ୍ର ସରକାରୀ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ ଚାଲିଥିବା ଜଣାପଡ଼ିଛି । ଏହି ବିଦ୍ୟାଳୟଟି ୧୯୮୪ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ବିଦ୍ୟାଳୟରେ ନବମ ଶ୍ରେଣୀରେ ୭୯ଜଣ ଛାତ୍ରଛାତ୍ରୀ ଓ ଦଶମ ଶ୍ରେଣୀରେ ୮୬ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼େଇବାକୁ ଜଣେ ମାତ୍ର ସରକାରୀ ଗଣିତ ଶିକ୍ଷକ ରହିଛନ୍ତି । ଯାହା ଦ୍ୱାରା ୧୬୫ଜଣ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଅସମ୍ଭବ ହୋଇପଡିଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ କହିଛନ୍ତି । ଏହା ବ୍ୟତୀତ ବ୍ଲକ ସଦରଠାରେ ଉକ୍ତ ହାଇସ୍କୁଲ ରହିଥିବାରୁ ଅନେକ ସମୟରେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟଗୁଡ଼ିକ ସମ୍ପାଦନା କରିବାକୁ ପଡୁଥିବା ଜଣାପଡ଼ିଛି । ଏଠାରେ ସୂଚନାଯୋଗ୍ୟ ଯେ ଉକ୍ତ ବିଦ୍ୟାଳୟର ଶିକ୍ଷକ ନୃସିଂହ ସାମନ୍ତ ୨୦୧୮ରେ, ୨୦୨୦ ମସିହାରେ ବିଜ୍ଞାନ ଶିକ୍ଷକ ପବିତ୍ର ମୋହନ ପଶା ଓ ପିଅନ ପ୍ରେମାନନ୍ଦ ଭୋଇ, ୨୦୨୨ରେ ହିନ୍ଦୀ ଶିକ୍ଷକ ବସନ୍ତ ପଟ୍ଟନାୟକ, ସଂସ୍କୃତ ଶିକ୍ଷକ ପ୍ରଦୀପ୍ତ ଷଡ଼ଙ୍ଗୀ, ଖେଳ ଶିକ୍ଷକ ବେଣୁଧର ନାଗ, ୨୦୨୩ ରେ ସହକାରୀ ଶିକ୍ଷକ ମାର୍କଣ୍ଡ ପାଢ଼ୀ ଓ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ, ୨୦୨୪ରେ କିରାଣୀ ଅମ୍ବିଲାଲ ସାହୁ ଅବସର ନେବା ପରେ କେବଳ ଜଣେ ମାତ୍ର ଗଣିତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ରହିଛନ୍ତି । ପୂର୍ବରୁ ଏହି ବିଦ୍ୟାଳୟରେ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ ପାଇଁ ନାମ ଲେଖାଉଥିଲେ । ବର୍ତ୍ତମାନ ଶିକ୍ଷକ ସମସ୍ୟା ଥିବାରୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ବୋଲି ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନନ୍ଦି କିଶୋର ଭୋଇ କହିଛନ୍ତି । ଏଣୁ ଏଦିଗରେ ଜିଲ୍ଲା ଶିକ୍ଷା ବିଭାଗ ଓ କଳାହାଣ୍ଡି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାର ପକ୍ଷରୁ ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବିଡିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କଅଁର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ, ବିଏସ୍ଏସ୍ଓ ଚନ୍ଦନ ବିହାରୀ, ଜିଲ୍ଲା ଭିନ୍ନକ୍ଷମ ସମିତି ସମ୍ପାଦକ ଦୁଲମଣି ପ୍ରଧାନ, ଜାତୀୟ ଭିନ୍ନକ୍ଷମ ସଂଗଠନ ଉପସଭାପତି ଚନ୍ଦନେଶ୍ୱର ମୁଣ୍ଡ, ଗୋଲାମୁଣ୍ଡା ଦିବ୍ୟାଙ୍ଗ ମଞ୍ଚ ସଭାପତି ବନିତା ଅଗ୍ରିଆ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦଳେଇ, ରାମ କୁମାର ସେନାପତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ମଞ୍ଚାସୀନ ହେବା ପରେ ସନ୍ଥ କବି ଭୀମ ଭୋଇଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ଦୀପ ପ୍ରଜ୍ୱଳନ କରିଥିଲେ । ଶିବିରରେ ମୋଟ ୭୧୬ ଜଣ ଭିନ୍ନକ୍ଷମଙ୍କ ନାମ ପଞ୍ଜିକରଣ ହୋଇଥିବା ବେଳେ ୩୫୪ ଜଣଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ଅନୁମୋଦନ ହୋଇଛି, ୧୨ ଜଣ ଡିଆର୍‌ଆଇ ଲୋନ, ୫୮ଜଣ ବସ୍ ପାସ୍, ୨୭ଜଣଙ୍କୁ ଟ୍ରେନ୍ ପାସ୍, ୫୮ଜଣ ହୁଇଲଚେୟାର, ୩୭ଜଣ ଟ୍ରାଇସାଇକେଲ ଓ ୨ ବାଣି ଶ୍ରୀ ସ୍କଲାରସିପ୍ ପାଇଁ ଆବେଦନ କରିଥିଲେ । ଶିବିରରେ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଭିନ୍ନକ୍ଷମମାନଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ଷ୍ଟଲ କରାଯାଇଥିଲା । କାର୍ଯ୍ୟକ୍ରମକୁ ରାଜେଶ ଅଗ୍ରୱାଲ, ସମୀର ସାହୁ, ପିଣ୍ଟୁ ମେହେର, ତସିଲ ସୁନାନୀ, ଦୁର୍ଗେସ ଅଗ୍ରୱାଲ, ରାଇଚନ ନାଏକ, ରାଏଚନ ଅଘରିଆ, କୁଶଧ୍ୱଜ ସାହୁ, ଉପେନ୍ଦ୍ର ସିପକା, ଭକ୍ତି ବାଗ, ଜୟ ଚନ୍ଦ୍ର ସାହୁ, ନରେନ୍ଦ୍ର ସରାଫ, ପଦମନ ସୁନାନୀ ସମେତ, ସୁବାସ ନାଏକ, ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ ।

## ନଦୀକୁ ମାଛ ମାରିବାକୁ ଯାଇ ଯୁବକ ମୃତ

ଧର୍ମଗଡ଼/ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଅନ୍ତର୍ଗତ ମେରମହୁଲ ନିକଟରେ ଥିବା ତେଲ ନଦୀରେ ଅତଡ଼ା ମାଟି ଚାପାରେ ଜଣଙ୍କର ମୃତ୍ୟୁ ହୋଇଛି । ମୃତକ ଜଣଙ୍କ ହେଲେ ଉକ୍ତ ଗ୍ରାମର ଭୋଳାନାଥ ଦଳେଇଙ୍କ ପୁଅ ନବୀନ କୁମାର ଦଳେଇ (୨୪) ବୋଲି ଜଣାପଡିଛି । ସେ ଗତ ମଙ୍ଗଳବାର ଦିନ ତେଲନଦୀକୁ ମାଛ ମାରିବାକୁ ଯାଇଥିଲେ । ନଦୀକୂଳରେ ବନ୍ୟା ଦ୍ୱାରା ବିଭିନ୍ନ ଘାଇଗୁଡିକ ସୃଷ୍ଟି ହୋଇଥିବା ବେଳେ ଘାଇ ଭିତରକୁ ମାଛ ଧରିବାକୁ ଗଲାବେଳକୁ ମାଟି ଅତଡ଼ା ତାଙ୍କ ଉପରେ ପଡିଯାଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ଗ୍ରାମବାସୀ ପକ୍ଷରୁ କୁହାଯାଇଛି । ଏ ନେଇ ମୃତକର ବଡ଼ ଭାଇ ସୁଷମା ଦଳେଇ କେଗାଁ ପୋଲିସରେ ଏକ ଲିଖିତ ଅଭିଯୋଗ କରିଥିଲେ । ବୁଧବାର ସକାଳୁ କେଗାଁ ପୋଲିସ, ତହସିଲଦାର ଚନ୍ଦନ କୁମାର ନାଏକ, ଗୋଲାମୁଣ୍ଡା ଓ ଭବାନୀପାଟଣା ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ଅପରାହ୍ନ ସମୟରେ ଶବଟିକୁ ଉଦ୍ଧାର କରିଥିଲେ । ପୋଲିସ ୬/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବଟିକୁ ଶବ ବ୍ୟବଚ୍ଛେଦ କରିବାକୁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଆଇଆଇସି ମକୁନ୍ଦ ଦେବ ନାଏକ ସୂଚନା ଦେଇଛନ୍ତି ।

## ଅହେତୁକ ଅଣ୍ଡା ଦର: ସରକାରୀ ଅର୍ଥ ୫ଟଙ୍କା, ଖୋଲା ବଜାରେ ୮ଟଙ୍କା ପାର୍

ଧର୍ମଗଡ଼ (ଭାସ୍କର ନ୍ୟୁଜ): ପରିବା ଦରଦାମ ବୃଦ୍ଧି ସାଙ୍ଗକୁ ଏବେ ଅଣ୍ଡା ଦର ଅହେତୁକ ଭାବେ ବଢିଚାଲିଛି । ଓଡ଼ିଶା ମଧ୍ୟରେ କିଛିଦିନ ତଳେ ଆଳୁକୁ ନେଇ ହୋହଲ୍ଲା ଲାଗି ରହିଥିଲା । ରାଜନୀତି ବି ଜୋରଦାର ଚାଲିଲା । ଏପରିକି ଶାସକ ବିରୋଧୀ ମୁହାଁମୁହିଁ ପ୍ରତିକ୍ରିୟା ଝଡ଼ ଉଠିଥିଲା । ହେଲେ ଅଣ୍ଡା ଦରକୁ ନେଇ କେହି ମୁହଁ ଖୋଲୁ ନଥିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଉଠୁଛି । ବର୍ତ୍ତମାନ ଅଣ୍ଡା ଦର ଖୋଲା ବଜାରରେ ୮-୧୦ଟଙ୍କାରେ ବିକ୍ରି ହେଉଛି । ପୂର୍ବଦିନ ମାନଙ୍କରେ ୩-୫ଟଙ୍କା ରହିଥିଲା । ହେଲେ ପ୍ରତ୍ୟେକ ଜିନିଷ ଉପରେ ଦରଦାମ ବଢି ଚାଲିଥିବା ବେଳେ ଏବେ ଅଣ୍ଡା ଦର ମଧ୍ୟ ପଛରେ ପଡିନି । ବିଶେଷ ଭାବେ ଅଙ୍ଗନୱାଡି ଓ ବିଦ୍ୟାଳୟମାନଙ୍କରେ ଛୋଟ ଶିଶୁ ଓ ପିଲାଙ୍କ ପାଇଁ ପ୍ରୋଟିନ ଯୁକ୍ତ ଖାଦ୍ୟ ଦେବାକୁ ସିଝା ରନ୍ଧା ଦିଆଯାଇଥାଏ । ତେବେ ଅଙ୍ଗନୱାଡିମାନଙ୍କୁ ଅଣ୍ଡା ବାବଦକୁ ସରକାରୀ ଅର୍ଥ ୫ଟଙ୍କା ଥିବାବେଳେ ତାହା କର୍ମୀମାନେ ବର୍ତ୍ତମାନ ୮/୧୦ଟଙ୍କା ଦେଇ କିଣୁଛନ୍ତି । ଯାହା ନିଜ ହାତକୁ ୩-୫ଟଙ୍କା ଯାଉଥିବା କର୍ମୀମାନେ ପ୍ରକାଶ କରିଛନ୍ତି । ସେଭଳି ବିଦ୍ୟାଳୟମାନଙ୍କ ପାଇଁ ସରକାରୀ ୫ଟଙ୍କା ଅଣ୍ଡା ପ୍ରତି ଅର୍ଥ ଦେଉଥିବା ବେଳେ ୮-୧୦ଟଙ୍କାରେ ଅଣ୍ଡା କିଣୁଥିବା ଜଣାପଡ଼ିଛି । ଯାହାକୁ ନେଇ ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷକ ମହଲରେ କ୍ଷୋଭ ପ୍ରକାଶ ପାଇଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଣ୍ଡା ଦର ଉପରେ ନିୟନ୍ତ୍ରଣ ରଖିବାକୁ ସାଧାରଣରେ ଦାବି ହେଉଛି ।

## ଭୀମକେଲା ଉଚ୍ଚବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା



ନର୍ଲା, (ଭାସ୍କର ନ୍ୟୁଜ): ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାପୀଠର ୩୪ ତମ ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ମହାସମାରୋହରେ ଆୟୋଜିତ ହୋଇଯାଇଛି । ଗତ ୯ ତାରିଖରେ ସ୍ଥାନୀୟ ରାମେଶ୍ୱର ମହାଦେବ ମନ୍ଦିରରୁ ମଶାଲ ଆସି କ୍ରୀଡା ପଡ଼ିଆରେ ସ୍ଥାପନ କରାଯାଇ ମୁଖ୍ୟ ଅତିଥି ସରପଞ୍ଚ ଜାନକୀ ଗଉଡଙ୍କ ଦ୍ୱାରା ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା । ଦୁଇଦିନ ଧରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ୧୦୦/୨୦୦ମି ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଥାଳିଆ ଫିଙ୍ଗା, ଗୋଳା ଫିଙ୍ଗା ଓ ଛାତ୍ର ରାମେଶ୍ୱର କ୍ରିକେଟ ଦଳ ଓ କଳାପାହାଡ଼ କ୍ରିକେଟ ଛାତ୍ରଦଳ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏଥିରେ ରାମେଶ୍ୱର କ୍ରିକେଟ ଦଳ ବିଜୟୀ ହୋଇ ଟ୍ରଫି ଅକ୍ତିଆର କରିଥିଲେ । ତୃତୀୟ ଦିବସରେ ଏହାର ପୁରସ୍କାର ବିତରଣୀ ଉତ୍ସବ ଓ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା । ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହ କାର୍ଯ୍ୟକ୍ରମରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାରେ ବିଜୟୀ ପ୍ରତିଭାଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏବିଇଓ ଗୋବର୍ଦ୍ଧନ ମାଝୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାଙ୍କୁ ବିକଶିତ କରିବାର ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଆହ୍ୱାନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ଭୀମକେଲା ଗ୍ରାମପଞ୍ଚାୟତର ସରପଞ୍ଚ ଜାନକୀ ଗଉଡ, ସମିତିସଭ୍ୟା ସୁମିତ୍ରା ମାଝୀ, ବିଦ୍ୟାଳୟ ସଭାପତି ଝଜ ସା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ଟଙ୍କେଶ୍ୱରୀ ବଗର୍ତ୍ତି ଓ ଆଶିଷ କରୁଆଁଙ୍କ ନାମ ଘୋଷଣା ହୋଇଥବା ବେଳେ ମଞ୍ଚପରିଚାଳନା କାର୍ଯ୍ୟ ପୁରାତନ ଛାତ୍ର ହେମନ୍ତ କୁମାର ସାହୁ ଓ ଧନ୍ୟବାଦ ଅର୍ପଣ ଶିକ୍ଷକ ନୃସିଂହ ଚରଣ ଦଲାଇ ପ୍ରଦାନ କରିଥିଲେ । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନେଇ ବାର୍ଷିକ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶିକ୍ଷକ କେଶବ ମହାପାତ୍ର, ରାଜିବ କୁମାର ଦାଶ, କର୍ମଚାରୀ ତୀର୍ଥ କରୁଆଁ, କିଶୋର କରୁଆଁ, ଥବିର ବୈଠାରୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସରିଲା ଖଲିଆଭଟା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକସ୍ଥିତ ଖଲିଆଭଟା ଉଚ୍ଚ ବିଦ୍ୟାଳୟ ଠାରେ ଦୁଇଦିନ ଧରି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ଜୋନ୍ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷା ନିରୀକ୍ଷକ କୈଳାସ ଚନ୍ଦ୍ର ମହାରଣା, ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମ୍ ନାରାୟଣ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅସରଫ୍ ଅଲ୍ଲୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧର୍ମେନ୍ଦ୍ର ମାଝୀ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, ସିନ୍ଧିକାଗୁଡ଼ା ସରପଞ୍ଚ ଚକ୍ରଧର ଧଙ୍ଗଡାମାଝୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଆବଶ୍ୟକତା ଓ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ଏହି ବାର୍ଷିକ କ୍ରୀଡ଼ାରେ ଦୌଡ଼, ଉଚ୍ଚଡିଆଁ, ଲମ୍ଫଡିଆଁ, ରିଲେ ରେସ, ଗଣିତ ଦୌଡ଼, ଗୋଳା ଫିଙ୍ଗା, ଡିସ୍କସ୍, ଜେଭେଲିନ୍ ଥ୍ରୋ ଆଦି ବିଭିନ୍ନ ଖେଳ ପ୍ରତିଯୋଗିତାରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଖଲିଆଭଟା ସରପଞ୍ଚ ଶ୍ରୀମତୀ ପୂଝାରୀ, ଜୟପାଟଣା ବ୍ଲକ ଆଦିବାସୀ ସଂଘର ସଭାପତି ମନୋଜ୍ କୁମାର୍ ପାତ୍ର, ଦୈନିକ ସମ୍ବାଦ ପତ୍ରର ସାମ୍ବାଦିକ ଶରତ ଚନ୍ଦ୍ର ରାଉତ ଏବଂ ପୁରୁନ୍ଦର ପୁଝାରୀ ଅତିଥିଭାବେ ଯୋଗଦାନ କରି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚ ପରିଚାଳନା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କୃଷ୍ଣ ପ୍ରସାଦ ନାୟକ, ଉଚ୍ଛୁଳା ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରୁଦ୍ର କୁମାର୍ କାଣ୍ଡ, ଦୁଲକିବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁଷମା ଦଳେଇ ଖେଳ ପରିଚାଳନା କରିଥିବାବେଳେ ଶିକ୍ଷକ ରମାକାନ୍ତ ନାୟକ, ପରମେଶ୍ୱର ଶବର, ଚୈତନ୍ୟ ମାଝୀ, କର୍ଣ୍ଣ ମାଝୀ, ଭୋଜରାଜ୍ ପୁଞ୍ଜି, ବିଶ୍ୱଭୂଷଣ ବେହେରା, କୁନା ଅରେବେଡିଆ, ରୋଷନୀ ମୁଣ୍ଡ, ରୂପଶ୍ରୀ ଆଚାର୍ଯ୍ୟ, ନିଳେନ୍ଦ୍ରୀ ଶବର, ସାଇ ରଞ୍ଜନୀ ପଣ୍ଡା, ଅଞ୍ଜଳୀ ପଣ୍ଡା, ମଧୁସୂଦନ ଭରଦ୍ୱାଜ୍, ପ୍ରଭୁ ପ୍ରସାଦ ବାଗ୍, ସବିତା ଛତ୍ରିଆ, ସଞ୍ଜୁଲତା ସିଂ ତଥା ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଶିଫଳ

**ଶୁକ୍ରବାର, ୧୩ ଡିସେମ୍ବର ୨୦୨୪**



**ମେଷ:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ । ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ । ଆୟ ବୃଦ୍ଧି ପାଇବ ।



**ବୃଷ:** ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ । ବିବାହିତ ଲୋକଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ । ଆଜି ଆପଣ କାର୍ଯ୍ୟ ସମ୍ପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ ।



**ମିଥୁନ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ । ଚାକିରିରେ ଭଲ ଫଳାଫଳ ପାଇବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । କାର୍ଯ୍ୟ ସଂପର୍କରେ ପରିସ୍ଥିତି ସ୍ୱାଭାବିକ ହେବ ।



**କର୍କଟ:** ଆଜି ଏହି ରାଶିର ଲୋକଙ୍କ ପାଇଁ ଏକ ଭଲ ଦିନ ହେବ । ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ । ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ । ଦିନଟି ସୁବିଧାରେ ଅତିବାହିତ ହେବ ।



**ସିଂହ:** ମାନସିକ ଟେନ୍‌ସନ୍ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ । ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ । ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ । କାର୍ଯ୍ୟରେ ସଫଳତା ମିଳିବ ।



**କନ୍ୟା:** ଖର୍ଚ୍ଚ ବୃଦ୍ଧି ପାଇବ । ଆୟ ସ୍ୱାଭାବିକ ହେବ । ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ । ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ । ପ୍ରେମ ଜୀବନ ଶକ୍ତିଶାଳୀ ହେବ ।



**ତୁଳା:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ । ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ । ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ । ରୋମାନ୍ସ ବୃଦ୍ଧି ପାଇବ ।



**ବିଛା:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । କାର୍ଯ୍ୟରେ ସଫଳତା ମିଳିବ । ପାରିବାରିକ ଜୀବନ ଖୁସି ହେବ । ଘରୋଇ ଜୀବନରେ ସୁଖ ମିଳିବ । ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ । ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ । ଅଧ୍ୟୟନରେ ଅସୁବିଧା ହେବ ।



**ଧନୁ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ । ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ । ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ।



**ମକର:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ । ଆପଣଙ୍କ ବ୍ୟବସାୟରେ ଲାଭ ହେବ । କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ । ତୁମେ ଖୁସି ହେବ । ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।



**କୁମ୍ଭ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଆୟ ବୃଦ୍ଧି ପାଇବ । ଘର ଜୀବନ ସ୍ନେହପୂର୍ଣ୍ଣ ହେବ । ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ । ପ୍ରେମ ଜୀବନ ବିତାଉଥିବା ଲୋକମାନେ ଆଜି ମଧ୍ୟ ବହୁତ ଖୁସି ସମୟ ପାଇବେ ।



**ମୀନ:** ଆଜି କେତେକ ସମସ୍ୟା ଆସିପାରେ । ଭାଗ୍ୟ ଉପରେ ନିର୍ଭର କର ନାହିଁ । କଠିନ ପରିଶ୍ରମ କର । ଆୟ ସ୍ୱାଭାବିକ ହେବ । ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ । ସ୍ୱାସ୍ଥ୍ୟ ଭଲ ହେବ । ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ । ବିବାହିତ ଲୋକଙ୍କର ଘରୋଇ ଜୀବନ ପ୍ରେମରେ ପରିପୂର୍ଣ୍ଣ ହେବ ।



ଗ୍ରହୀଙ୍କ ଗ୍ରହ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଲେମ୍ବୁରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଲେମ୍ବୁ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। କେବଳ ସେତିକି ନୁହେଁ, ରକ୍ତହୀନତା ଦୂର କରିବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇଥାଏ। ଏହାବ୍ୟତୀତ ଉଷୁମପାଣିରେ ଏକ ଫାଳ ଲେମ୍ବୁ ରସ ମିଶାଇ ପ୍ରତିଦିନ ସେବନ କଲେ ମୋଟାପଣ ହ୍ରାସ ପାଇଥାଏ। ଏହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ। କିଡ୍‌ନୀ ଷ୍ଟୋନ୍‌କୁ ପ୍ରତିରୋଧ କରିବାର ଶକ୍ତି ମଧ୍ୟ ଏହାର ରହିଛି। ରୋଗ ପ୍ରତିରୋଧକ ଶକ୍ତିକୁ ଏହା ଦୃଢ଼ କରିବା ସହ ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ହେଲେ ଆବଶ୍ୟକତାଠାରୁ ମାତ୍ରାଧିକ ଲେମ୍ବୁରସ ସେବନ କରିବା ଅନୁଚିତ। ଏହାଦ୍ୱାରା ଛାତି ଜ୍ୱାଳା, ବାନ୍ତି, ଓକାର ଲାଗିବା ସହ ଆମାଶୟ ଜନିତ ସମସ୍ୟା ଦେଖାଯାଏ। ତେଣୁ ଦିନରେ ଅତିବେଶିରେ ୨ ଗୋଟି ଲେମ୍ବୁ ଖାଇବା ଉଚିତ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁ ସାମିଲ କଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ତଥା ନୀରୋଗ ରଖିପାରିବା।



# ଗର୍ଭବତୀ ଅଛନ୍ତି ସୋନାକ୍ଷୀ !

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଜହିର ଇକବାଲଙ୍କ ସହ ତାଙ୍କ ମ୍ୟାରେଡ ଲାଇଫ୍ ଏନଜୟ କରୁଛନ୍ତି। ନିକଟରେ ସୋନାକ୍ଷୀ ପରିବାର ସହିତ ଜହିରଙ୍କ ଜନ୍ମଦିନ ପାଳନ କରିଥିଲେ। ସୋନାକ୍ଷୀ ଏବଂ ଜହିର ୨୩ଜୁନ ରେ ବିବାହ କରିଥିଲେ। ବିବାହ ପରେ ତାଙ୍କ ଗର୍ଭଧାରଣ ବିଷୟରେ ଗୁଜବ ମଧ୍ୟ ଅନେକ ଥର ସାମ୍ନାକୁ ଆସିଛି। ବର୍ତ୍ତମାନ ଗର୍ଭବତୀ ଖବର ଉପରେ ଅଭିନେତ୍ରୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କର୍ଲି ଟେଲ୍ସ ସହିତ କଥାବାର୍ତ୍ତା କରୁଥିବାବେଳେ ସୋନାକ୍ଷୀ ଟିକିଏ ହାସ୍ୟାସ୍ପଦ ଢଙ୍ଗରେ କହିଥିଲେ – 'ମୁଁ କହିବାକୁ ଚାହେଁ ଯେ ମୁଁ ଗର୍ଭବତୀ ନୁହେଁ। ମୁଁ ବର୍ତ୍ତମାନ ମୋଟା ହୋଇଯାଇଛି। ସୋନାକ୍ଷୀ କହିଥିଲେ ଯେ କେହି ଜଣେ ଥରେ ଏହାକୁ ନେଇ ଜହିରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ହେଲେ ଏହି ଦମ୍ପତି ଏହାକୁ ହସରେ ଉଡାଇ ଦେଇଥିଲେ। ସୋନାକ୍ଷୀ କହିଛନ୍ତି ଯେ ବିବାହ ପରେ ସେ ଟ୍ରାଭେଲ ଏବଂ ଲଞ୍ଚ ଡିନରରେ ଯୋଗଦେବାରେ ଏତେ ବ୍ୟସ୍ତ ଅଛନ୍ତି ଯେ ତାଙ୍କ ପାଖରେ ଅନ୍ୟ କୌଣସି ବିଷୟ ଉପରେ ଧ୍ୟାନ ଦେବାର ସମୟ ନାହିଁ।



# ବାଗୀ ସିରିଜ୍‌ରେ ସୋନମ

ସାଜିଦ୍ ନାଡିଆଡ୍ ୱାଲାଙ୍କ ଅପ୍‌କମିଂ ଆକ୍ସନ୍ ଫିଲ୍ମ 'ବାଗୀ-୪'କୁ ନେଇ ଚର୍ଚ୍ଚା ଜାରି ରହିଛି । 'ବାଗୀ' ସିରିଜ୍‌ର ପୂର୍ବ ୩ଟି ଫିଲ୍ମ ଭଳି ଏଥିରେ ବି ଟାଇଗର ଶ୍ରଫ୍ ହିରୋ ଭୂମିକାରେ ନଜର ଆସିବେ । ସଂଜୟ ଦତ୍ତଙ୍କୁ ମୁଖ୍ୟ ଭିଲେନ୍ ଭାବେ ଦେଖିବାକୁ ମିଳିବ । ତେବେ ଫିଲ୍ମର ହିରୋଇନ୍ କିଏ ହେବେ ତାର ଖୁଲାସା ହୋଇନଥିଲା । ଫିଲ୍ମର ନିର୍ମାତାମାନେ ଆନୁଷ୍ଠାନିକ ଭାବେ ସୋସିଆଲ ମିଡିଆ ହ୍ୟାଣ୍ଡଲରେ ଫିମେଲ୍ ଲିଡ୍‌ଙ୍କ ସଂପର୍କରେ ଘୋଷଣା କରିଛନ୍ତି । ସେ ଅନୁସାରେ, ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତ୍ରୀ ସୋନମ୍ ବାଜୱା ଟାଇଗରଙ୍କ ବିପକ୍ଷରେ ସ୍କ୍ରିନ୍ ସେୟାର କରିବେ । ସୋନମ୍‌ଙ୍କୁ ମଧ୍ୟ ସେଥିରେ କିଛିଟା ଆକ୍ସନ୍ ଦୃଶ୍ୟରେ ଦେଖିବାକୁ ମିଳିପାରେ । କିଛି ଦିନ ପୂର୍ବରୁ 'ବାଗୀ-୪'ରେ ଟାଇଗର ଶ୍ରଫ୍ ଓ ସଞ୍ଜୟ ଦତ୍ତଙ୍କ ଫାଷ୍ଟ ଲୁକ୍ ପୋଷ୍ଟର ସାମ୍ନାକୁ ଆସିଥିଲା । ଖୁବ୍ ଶୀଘ୍ର ଫିଲ୍ମର ସୁଟିଂ ଆରମ୍ଭ ହେବାର ଅଛି । 'ବାଗୀ-୪'କୁ କନ୍ନଡ଼ ଭାଷାର ପ୍ରସିଦ୍ଧ ନିର୍ଦ୍ଦେଶକ-କୋରିଓଗ୍ରାଫର ଏ.ହର୍ଷ ନିର୍ଦ୍ଦେଶନା ଦେବେ । ଆସନ୍ତାବର୍ଷ ସେପଟ୍ମେର ୫ ତାରିଖରେ ଫିଲ୍ମଟି ରିଲିଜ୍ ହେବ। 'ବାଗୀ-୪' ବ୍ୟତୀତ ସାଜିଦ୍ ନାଡିଆଡ୍‌ୱାଲାଙ୍କ ସହିତ ସୋନମ୍ 'ହାଉସ୍‌ଫୁଲ୍-୫'ରେ ମଧ୍ୟ କାମ କରୁଛନ୍ତି । ସେହି ଫିଲ୍ମ ଜରିଆରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିବେ ।







# ବସ୍ କଣ୍ଡକ୍ଟରରୁ ସିନେ ସୁପରଷ୍ଟାର ରଜନୀକାନ୍ତ

ସାଉଥ୍ ସୁପରଷ୍ଟାର ରଜନୀକାନ୍ତ । ୭୪ ବର୍ଷ ବୟସରେ ପାଦ ଥାପିଛନ୍ତି ସାଉଥ୍ ସୁପରଷ୍ଟାର ରଜନୀକାନ୍ତ। ଯାହାକୁ ଏକ ଫେଷ୍ଟିଭାଲ ରୂପରେ ଦକ୍ଷିଣ ଭାରତରେ ସେଲିବ୍ରେଟ୍ କରାଯାଉଛି । ହେଲେ ଫିଲ୍ମ ଜଗତର ଯେଉଁ ସୋପାନରରେ ଆଜି ସେ ପହଞ୍ଚିଛନ୍ତି ସେଠାରେ ପହଞ୍ଚିବା ରଜନୀକାନ୍ତଙ୍କ ପାଇଁ ଏତେ ସହଜ ନଥିଲା। ଘରର ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ସେ କୁଲି ଠାରୁ ଆରମ୍ଭ କରି କାର୍‌ପେଣ୍ଟର ଭଳି କାମ ମଧ୍ୟ କରିଛନ୍ତି। ମରାଠା ଯୋଦ୍ଧା ଶିବାଜୀ ମହାରାଜଙ୍କ ନାମାନୁସାରେ ତାଙ୍କ ନାମ ଶିବାଜୀ ରାଓ ଗାଇକଓ୍ୱାଡ ରଖାଯାଇଥିଲା। ସେ ହେଉଛନ୍ତି ଜିଜାବାଇ ଏବଂ ରାମୋଜିରାଓଙ୍କର ଚତୁର୍ଥ ସନ୍ତାନ। ତାଙ୍କ ପିତା ଜଣେ ପୋଲିସ କନଷ୍ଟେବଲ ଥିଲେ। ଛୋଟ ବେଳରେ ସେନିଜ ମାଙ୍କୁ ହରାଇଥିଲେ। ଆଉ ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ କରିବା ଲାଗି ସେ ଖୁବ୍ କମ୍ ବୟସରୁ ନିଜେ କାମ କରିବାକୁ ସ୍ଥିର କରିଥିଲେ। ରଜନୀକାନ୍ତ ୧୨ ଡିସେମ୍ବର ୧୯୫୦ରେ ମରାଠୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ଏହା ପରେ ସେ ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଦେଇଛନ୍ତି। ଆଜି ବି ରଜନୀ ଚଳଚ୍ଚିତ୍ର ଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସକ୍ରିୟ ଅଛନ୍ତି। ଆଜିର ସୁପରଷ୍ଟାର ରଜନୀକାନ୍ତଙ୍କ ଚଳଚ୍ଚିତ୍ରରେ ପ୍ରବେଶ କରିବା ସେତେ ସହଜ ନଥିଲା। ସେ କିନ୍ତୁ ଆରମ୍ଭରୁ ହିରୋ ହେବାର ସ୍ୱପ୍ନ ଦେଖୁଥିଲେ। ଘରର ଗରିବୀ ତାଙ୍କୁ ପ୍ରଥମେ କୁଲି ଆଉ ପରେ କଣ୍ଡକ୍ଟର କରିଥିଲା। ଏହା ସହିତ ମଧ୍ୟ ସେ ଅଭିନୟ ଛାଡି ନ ଥିଲେ। ସ୍ୱପ୍ନକୁ କିନ୍ତୁ ପୂରଣ କରିବାର ନିଶା ତାଙ୍କୁ ସିନେମା ଆଡକୁ ଟାଣି ନେଇଥିଲା। ଅଧିକ ଶିଖିବା ନେଇ ରଜନୀକାନ୍ତ ମାଡ୍ରାସ୍ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅଭିନୟକୁ ବିଷୟବସ୍ତୁ ଭାବେ ନେଇ ମଧ୍ୟ ପାଠ ପଢିଲେ। ଏ ଦିଗରେ ତାଙ୍କ ଘର ଲୋକେ ରାଜି ନ ଥିଲେ ମଧ୍ୟ ତାଙ୍କ ସାଙ୍ଗ ରାଜ ବାହାଦୂର ହିଁ ପ୍ରେରଣା ଦେଇଥିଲେ। ଏପରିକି ସେ ତାଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ। ସେ କେବେ ବି ତାଙ୍କ ସ୍ୱପ୍ନକୁ ମରିବାକୁ ଦେଇ ନ ଥିଲେ।ଏହି ସମୟରେ ସେ ତାମିଲ୍ ଫିଲ୍ମ ନିର୍ଦ୍ଦେଶକ କେ. ବାଲାଚନ୍ଦରଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ବଡ ପରଦାରେ କାମ କରିବାର ସୁଯୋଗ ପାଇଥିଲେ। ୧୯୭୫ରେ ରିଲିଜ୍ ହୋଇଥିବା 'ଅପୂର୍ବା ରାଗନଗାଲ୍'ରେ ରଜନୀକାନ୍ତଙ୍କୁ ପ୍ରଥମ ବ୍ରେକ୍ ମିଳିଥିଲା। ସେବେଠାରୁ ସେ ଆଉ ପଛକୁ ଚାହିଁ ନାହାନ୍ତି। ତାଙ୍କର ନିଷ୍ଠା ଓ କର୍ତ୍ତବ୍ୟପରାୟଣ ଭାବ ଓ ଅଭିନୟ କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ୨୦୨୧ ମସିହାରେ ତାଙ୍କୁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ମିଳିଥିଲା।



# 'ଫତେହ' ଟିଜର ଆଉଟ୍

ବଲିଉଡ୍ ଅଭିନେତା ସୋନୁ ସୁଦ ସମ୍ପ୍ରତି ନିଜର ଚଳଚ୍ଚିତ୍ର 'ଫତେହ' ପାଇଁ ଚର୍ଚ୍ଚାରେ ଅଛନ୍ତି। ଗତ ଜୁଲାଇରେ ସେ ତାଙ୍କ ଜନ୍ମଦିନ ଅବସରରେ ଏହି ଫିଲ୍ମ ସମ୍ପର୍କରେ ନିଜ ପ୍ରଶଂସକଙ୍କୁ ସୂଚନା ଦେଇଥିଲେ। ସୋମବାର 'ଫତେହ'ର ଟିଜର ରିଲିଜ ହୋଇଛି। ଫିଲ୍ମ ନିର୍ମାତା କମ୍ପାନୀ ଜି ଷ୍ଟୁଡିଓଜ୍ ଓ ଶକ୍ତି ସାଗର ପ୍ରଡକ୍ସନ୍ ପକ୍ଷରୁ'ଫତେହ'ର ଟିଜରକୁ ସୋସିଆଲ ମିଡିଆରେ ଜାରି କରାଯାଇଛି। ଏହି ଟିଜରକୁ ସୋନୁ ମଧ୍ୟ ନିଜ ଆଇଡିରେ ଶେୟାର କରିଛନ୍ତି। ଉକ୍ତ ଟିଜରରେ ସୋନୁଙ୍କର ଅନେକ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳୁଛି। ସେହିପରି ଫିଲ୍ମର ମୁଖ୍ୟ ନାୟିକା ଜାକ୍‌ଲିନ ଫର୍ନାଣ୍ଡିଜ୍ ଓ ବରିଷ୍ଠ ଅଭିନେତା ନସିରୁଦ୍ଦିନ ଶାହାଙ୍କର ଝଲକ ମଧ୍ୟ ଏହି ଟିଜରରେ ଦେଖିବାକୁ ମିଳିଛି। 'ଫତେହ' ଫିଲ୍ମ ଡିଜିଟାଲ ସୁରକ୍ଷା ଏବଂ ଅନଲାଇନ ଠକେଇର ବିଷୟବସ୍ତୁ ଉପରେ ଆଧାରିତ। ଫିଲ୍ମରେ 'ଫତେହ' ହେଉଛି ଏକ ମିଶନ ଯାହା ସାଇବର କ୍ରାଇମକୁ ପର୍ଦ୍ଦାଫାଶ କରିବା ପାଇଁ ପ୍ରସ୍ତୁତ ହୋଇଛି। ତେବେ ଏହି ଚଳଚ୍ଚିତ୍ରର ଆକ୍ସନ୍ ଦୃଶ୍ୟଗୁଡିକୁ ହଲିଉଡ୍‌ର କେତେଜଣ ନାମୀ ଆକ୍ସନ୍ ତଥା ଷ୍ଟଣ୍ଟ୍ ଡାଇରେକ୍ଟରଙ୍କ ତତ୍ତ୍ୱାବଧାନରେ କରାଯାଇଛି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ସୋନୁ ଖୋଦ୍ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ଏହା ପ୍ରଥମ ଫିଲ୍ମ ହେବ। ସୋନୁଙ୍କ ସ୍ତ୍ରୀ ସୋନାଲି ସୁଦ୍ ଏବଂ ଉମେଶ କେ ବନ୍‌ସଲଙ୍କ ଦ୍ୱାରା ଏହି ଫିଲ୍ମର ନିର୍ମାଣ କରାଯାଇଛି।



# ତ୍ୱଚାରେ ଚମକ ଆଣେ ନଡ଼ିଆ ତେଲ ସହ ଏହି ୨ ସାମଗ୍ରୀ

*ସୁନ୍ଦର ଏବଂ ଆକର୍ଷଣୀୟ ଦିଶିବାକୁ ସମସ୍ତଙ୍କର ଇଚ୍ଛାଥାଏ। କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ ଏବଂ କେମିକାଲରେ ପ୍ରସ୍ତୁତ ପ୍ରଡକ୍ଟ ବ୍ୟବହାର ଦ୍ୱାରା ଚର୍ମର ପ୍ରାକୃତିକତା ହ୍ରାସ ପାଇଯାଉଛି। ଫଳରେ ୩୫-୪୦ ବର୍ଷ ପରେ ପରେ ଚର୍ମ କୁଞ୍ଚନ ସହ କଳାଦାଗ ହୋଇ ସୌନ୍ଦର୍ଯ୍ୟ କମିଯାଉଛି।*

*ଯଦି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ କେତେକ ପ୍ରାକୃତିକ ଉପାୟ ଅଲମ୍ବନ କରନ୍ତୁ। ଏହି ଆଲୋଖ୍ୟରେ ଆମେ କିଛି ପ୍ରାକୃତିକ ଉପାୟ ବତାଇବୁ, ଯାହା ଚର୍ମର ଚମକକୁ ବଜାୟ ରଖିବାରେ ସହାୟକ ହେବ। ଏଥିପାଇଁ ନଡ଼ିଆ ତେଲ ସହ ଅନ୍ୟ କିଛି ସାମଗ୍ରୀ ଆବଶ୍ୟ। ସେସବୁ ସାମଗ୍ରୀ କଣ ଏବଂ ଏହାକୁ କିପରି ବ୍ୟବହାର କରିବେ, ଜାଣନ୍ତୁ...*

## ନଡ଼ିଆ ତେଲ ଓ ଅଲିଭ୍ ଅଏଲ

ଡ୍ରାଏ ସ୍କିନ ଶୀଘ୍ର ନଷ୍ଟ ହୋଇଯିବାର ଆଶଙ୍କା ଅଧିକ। କାରଣ ଏହା କୁଣ୍ଡେଇ ହେବା ଦ୍ୱାରା ଶୀଘ୍ର କୁଞ୍ଚନ ପଡ଼ିଯାଏ। ଏପରି କ୍ଷେତ୍ରରେ ନଡ଼ିଆ ତେଲ ଏବଂ ଅଲିଭ ଅଏଲକୁ ମିଶାଇ ଲଗାଇପାରିବେ।

**କିପରି ପ୍ରସ୍ତୁତ କରିବେ**

- ୩ ଚାମଚ ଅଲିଭ୍ ତେଲକୁ ୩ ଚାମଚ ନଡ଼ିଆ ତେଲରେ ମିଶାନ୍ତୁ।
- ଏହାକୁ ଭଲ ଭାବରେ ମିଶାଇ ଏକ କାଚ ପାତ୍ରରେ ରଖନ୍ତୁ।
- ରାତିରେ ଶୋଇବା ପୂର୍ବରୁ, ଏହି ମିଶ୍ରଣର ୩-୪ ବୁନ୍ଦା ନେଇ ମୁହଁରେ ଲଗାନ୍ତୁ ଏବଂ କିଛି ସମୟ ମାଲିସ୍ କରନ୍ତୁ।
- ଏହାକୁ ରାତିସାରା ମୁହଁରେ ଛାଡିଦେଇ ପରଦିନ ସକାଳେ ଥଣ୍ଡା କିମ୍ବା ଉଷୁମ ପାଣିରେ ଧୋଇଦିଅନ୍ତୁ।

## ଆଲୋଭେରା ଜେଲ ଓ ନଡ଼ିଆ ତେଲ

- ନଡ଼ିଆ ତେଲରେ ଅଳ୍ପ ଆଲୋବେରା ଜେଲକୁ ମିଶ୍ରଣ କରି ଚର୍ମରେ ଲଗାଇବା ଦ୍ୱାର ଚର୍ମ କୁଞ୍ଚନ ସମସ୍ୟା ଦୂର ହୋଇପାରେ। ଆଲୋବେରା ଜେଲରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଚର୍ମର ପ୍ରଦାହକୁ ହ୍ରାସ କରିଥାଏ। ଏହା ବ୍ୟତୀତ ଚର୍ମକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ହାଇଡ୍ରେଟ୍ ରଖେ। ଏହା ଚର୍ମକୁ ଥଣ୍ଡା ରଖିବା ସହ କୋମଳ ବି କରିଥାଏ।
- କିପରି ବ୍ୟବହାର କରିବେ
- ୨-୨ ଚାମଚ ନଡ଼ିଆ ତେଲ ଏବଂ ଆଲୋବେରା ଜେଲ୍ ମିଶାନ୍ତୁ।
- ଏହାକୁ ଚର୍ମରେ ଲଗାଇ ରାତିସାରା ଛାଡିଦିଅନ୍ତୁ।
- ସକାଳେ ଧୋଇଦିଅନ୍ତୁ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik